## ଅଲ୍ଲାଃତାଲାଙ୍କ ବାଣୀ

ୱସ୍ତଇନୁ ବିସ୍ ସବ୍ରି ୱସ୍ ସଲାତି । ୱ ଇନ୍ନହା ଲକବୀରତୁନ୍ ଇଲ୍ଲା ଅଲଲ୍ ଖାଶେଇନ୍ ।

(ସୁରାତୁଲ୍ ବକ୍ରା:୪୬)

ଅନୁବାଦ: ଏବଂ ଧୈର୍ଯ୍ୟ ଓ ପ୍ରାର୍ଥନା ମାଧ୍ୟମରେ (ଅଲ୍ଲାଃଙ୍କର) ସାହାଯ୍ୟ ଭିକ୍ଷା କର; ବିନୟୀମାନଙ୍କ ବ୍ୟତୀତ (ଅନ୍ୟମାନଙ୍କ ପକ୍ଷରେ) ଏହା ବାସ୍ତବିକ କଠିନ (କାର୍ଯ୍ୟ) ଅଟେ ।


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3 | ସଂଖ୍ୟା 6

ସାପ୍ତାହିକ ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

08 ଫେବୃଆରୀ 2018 08 ତବଲିଗ୍ 1397 ହି.ଶ 21 ଜମାଦିଲ୍ ଅୱଲ 1439 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ନିଶ୍ଚିତ ରୂପେ ଏହା ମନେରଖ ଓ କାନ ଖୋଲି ଶୁଣିନିଅ ଯେ ମୋ ରୁହ୍ (ଆତ୍ମା) ନିଃଶେଷ ହୋଇଯିବା ପରି ଆତ୍ମା ନୁହେଁ ଓ ମୋ ସ୍ୱଭାବରେ ଅସଫଳତାର ଖମିର୍ (ପ୍ରକୃତି) ନାହିଁ ଓ ମୋତେ ଏପରି ସାହସ ଓ ସତ୍ୟତା ପ୍ରଦାନ କରାଯାଇଛି ଯେ ତା ନିକଟରେ ପାହାଡ ତୁଚ୍ଛ ଅଟେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ହେ ଅବୋଧ ଓ ଅନ୍ଧଲୋକେ ମୋ ପୂର୍ବରୁ କେଉଁ ସତ୍ୟବାଦୀ ନିଃଶେଷ ହୋଇଯାଇଛି ଯେ ମୁଁ ଏବେ ନିଃଶେଷ ହେବି, କେଉଁ ସଚ୍ଚା ପ୍ରଭୁଭକ୍ତକୁ ଖୁଦା ତିରସ୍କୃତ କରି ହଲାକ୍ (ଧ୍ୱଂସ) କରିଛନ୍ତି ଯେ ମୋତେ କରିବେ । ନିଶ୍ଚିତ ରୂପେ ଏହା ମନେରଖ ଓ କାନ ଖୋଲି ଶୁଣିନିଅ ଯେ ମୋ ରୁହ୍ (ଆତ୍ମା) ହଲାକ୍ (ନିଃଶେଷ) ହୋଇଯିବା ପରି ଆତ୍ମା ନୁହେଁ ଓ ମୋ ସ୍ୱଭାବରେ ଅସଫଳତାର ଖମିର୍ (ପ୍ରକୃତି) ନାହିଁ ଓ ମୋତେ ଏପରି ସାହସ ଓ ସତ୍ୟତା ପ୍ରଦାନ କରାଯାଇଛି ଯାହା ସମ୍ମୁଖରେ ପାହାଡ ତୁଚ୍ଛ ଅଟେ । ମୁଁ ଏକା ଥିଲି ଓ ଏକାକୀ ରହିବା ପାଇଁ ମଧ୍ୟ ଅସନ୍ତୋଷ ନୁହେଁ (ତେବେ) କଣ ଖୁଦା ମୋତେ ଛାଡ଼ିଦେବ, କଦାପି ଛାଡ଼ିବ ନାହିଁ । ସେ କଣ ମୋତେ ନଷ୍ଟ କରିଦେବ, କଦାପି ନଷ୍ଟ କରିବ ନାହିଁ । ଶତୃ ଅପମାନିତ ହେବେ ଓ ଇର୍ଷାଳୁ ଲଜ୍ଜିତ ହେବେ । ଓ ଖୁଦା ନିଜ ଭକ୍ତଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟ ପ୍ରଦାନ କରିବେ । ମୁଁ ତା ସହିତ ଓ ସେ ମୋ ସହିତ ଅଛନ୍ତି । କୌଣସି ବିଷୟ ବା କୌଣସି ବସ୍ତୁ ଆମ ସମ୍ପର୍କକୁ ଭାଙ୍ଗିପାରିବ ନାହିଁ । ମୁଁ ତା ବୈଭବ ଓ ତା ପ୍ରତାପର ରାଣ ଖାଉଛି ଯେ ମୋତେ ଏ ଇହକାଳ ଓ ପରକାଳରେ ତା ଠାରୁ ବଳି କୌଣସି ବସ୍ତୁ ପ୍ରିୟ ନୁହେଁ । ତା ଧର୍ମର ମହାନତା ପ୍ରକାଶ ହେଉ, ତା ପ୍ରତାପ ଜ୍ୟୋତିର୍ମୟ ହେଉ ଓ ତାର ବିଜୟ ହେଉ, ତା କୃପା ବଳରୁ କୌଣସି ବିପତି ସମୟରେ ମୋତେ ଭୟ ନାହିଁ । ଯଦିଚ ଗୋଟିଏ ବିପତି ନୁହେଁ କୋଟିଏ ବିପତି ଆସୁ । ବିପତିର କ୍ଷେତ୍ର ଭୁମିରେ ଓ ଦୁଃଖର ଜଙ୍ଗଲରେ ମୋତେ ଶକ୍ତି ପ୍ରଦାନ କରାଯାଇଅଛି ।

(ଅନୁୱାରୁଲ୍ ଇସ୍‌ଲାମ୍, ରୁହାନି ଖଜାଏନ୍, ଖଣ୍ଡ-୯, ପୃଷ୍ଠା-୨୩)

## ୧୨୩ତମ ଜଲ୍‌ସା ସାଲାନା କାଦିଆନ୍ ୨୦୧୭ ର ସଂକ୍ଷିପ୍ତ ବିବରଣୀ (ପ୍ରଥମ ଜଲ୍‌ସାସାଲାନା ଠାରୁ ଏପର୍ଯ୍ୟନ୍ତ ୧୨୬ ତମ ବର୍ଷ)

### ଯମାତ୍ ଅହେମଦୀୟାର ମର୍କଜ (କେନ୍ଦ୍ର) କାଦିଆନ୍ ଦାରୁଲ୍ ଅମାନ୍‌ରେ ୧୨୩ତମ ଜଲ୍‌ସାସାଲାନାର ସଫଳ ଓ ବାବର୍‌କତ୍ ଆୟୋଜନ

ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ମାଧ୍ୟମରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲା ବିନସ୍‌ରିହିଲ୍ ଅଜିଜ୍‌ଙ୍କ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କ ନିମନ୍ତେ ଆଧାତ୍ମିକତାର ପରିପୁର୍ଣ୍ଣ ଇମାନ୍ ଅଫରୋଜ୍ (ବିଶ୍ୱାସବର୍ଦ୍ଧକ) ଉଦ୍‌ଯାପନି ଅଭିଭାଷଣ

●୪୪ ଟି ଦେଶରୁ ପ୍ରତିନିଧିତ୍ୱ, ୨୦୦୪୮ ଜଣ ଅହେମଦୀଙ୍କ ଜଲ୍‌ସାରେ ଯୋଗଦାନ

●ହଜୁର୍ ଅନୁୱର୍‌ଙ୍କ ଉଦ୍‌ଯାପନୀ ଭାଷଣ ଅବସରରେ ଲଣ୍ଡନ୍‌ଠାରେ ୫୩୦୦ ଅହେମଦୀଙ୍କ ଯୋଗଦାନ

●ତହଜୁଦ୍ ନମାଜ ପାଠ●ଦରସୁଲ୍ କୁରୁଆନ୍ ଓ ଜିକ୍‌ରେ ଏଲାହି (ଅଲ୍ଲାଃଙ୍କ ସ୍ମରଣ) ରେ ପରିପୁର୍ଣ୍ଣ ପରିବେଶ●ୱଲେମାଙ୍କ ସାରଗର୍ଭକ ଭାଷଣ●ଜଲ୍‌ସା ପେଶ୍‌ୱାୟାନେ ମଜହବ (ସର୍ବଧର୍ମ ସମ୍ମିଳନୀ) ର ଆୟୋଜନ● ଅତିଥିମାନଙ୍କ ପରିଚୟ ପ୍ରଦାନ ଭାଷଣ●ଦେଶୀୟ ଓ ଅଣଦେଶୀୟ ଭାଷାରେ ଅନୁବାଦ●ଯମାତର ଲୋକମାନଙ୍କ ଜ୍ଞାନରେ ଅଭିବୃଦ୍ଧି ପାଇଁ ତର୍‌ବିୟତି କାର୍ଯ୍ୟକ୍ରମ ଉପରେ ଆଧାରିତ ଡକ୍ୟୁମେଂଟାରୁ ଓ ବିଭିନ୍ନ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀଗୁଡିକର ଆୟୋଜନ ●୩୨ଟି ନିକାହ୍ (ବିବାହ) ର ଘୋଷଣା ପ୍ରିଂଟ୍ ଓ ଇଲେକ୍‌ଟ୍ରୋନିକ୍ ମିଡିଆରେ ଜଲ୍‌ସାର କଭ୍‌ରେଜ୍ ଶାନ୍ତିପୂର୍ଣ୍ଣ ଓ ସୁନ୍ଦର ବାତାବରଣରେ ଜଲ୍‌ସାର ପ୍ରତ୍ୟେକ କାର୍ଯ୍ୟକ୍ରମ ସମ୍ପନ୍ନ●୨୦-୨୨ ଡିସେମ୍ବର ଆରବୀ ପ୍ରୋଗ୍ରାମ୍ ''ଇସ୍‌ମଉ ସଉତସ୍ ସମାଆ ଯାଅଲ୍ ମସିହ୍ ଯାଅଲ୍ ମସିହ୍'' ର ଏମ୍.ଟି.ଏ ଇଂଟର୍‌ନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡିଓରୁ ସିଧା ପ୍ରସାରଣ ●୩-୫ ଜାନୀଆରୀ The Messiah of the Age ବିଷୟରେ ଆଫ୍ରିକା ନିମନ୍ତେ ସିଧାପ୍ରସାରଣ ।

**(ଦ୍ୱିତୀୟ ଭାଗ)**

**(ପ୍ରଥମ ଦିନର ଦ୍ୱିତୀୟ ଇଜ୍‌ଲାସ୍‌ର ଅବଶିଷ୍ଟାଂଶ)**

ଏ ଇଜ୍‌ଲାସର ଦ୍ୱିତୀୟ ତକ୍‌ରିର୍ ମୋକରମ୍ ମୌଲାନା ମହମ୍ମଦ୍ ହମିଦ୍ କୌସର୍ ସାହେବ ନାଜିର୍ ଦାୱ୍‌ତେ ଇଲଲ୍ଲାଃ ମର୍କଜିୟା କାଦିଆନ୍ ''ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ- ରୱାଦାରି ଅଓର୍ ଉସ୍‌ଅତ୍ ହୌସଲା କି ରୌଶ୍‌ନି ମେଁ ''(ଅର୍ଥାତ୍ ସହନଶୀଳତା ଓ ମୁକ୍ତ ହୃଦୟ ଦୃଷ୍ଟିକୋଣରୁ) ବିଷୟରେ କଲେ । ସେ ସୁରା ସଫ୍‌ର ଆୟତ ନଂ-୭ ପାଠ କଲେ ଓ ନିଜ ଭାଷଣର ଆରମ୍ଭରେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିମ୍ନଲିଖିତ ପଦ୍ୟ ପଢ଼ି ଶୁଣାଇଲେ ।

ଗାଲିୟାଁ ସୁନ୍‌କେ ଦୁଆ ଦୋ<br>
ପା କେ ଦୁଃଖ୍ ଆରାମ୍ ଦୋ<br>
କିବ୍‌ର କି ଆଦତ୍ ଯୋ ଦେଖୋ<br>
ତୁମ୍ ଦିଖାଓ ଇନ୍‌କିସାଥ୍<br>
ଗାଲିୟାଁ ସୁନ୍‌କର ଦୁଆ ଦେତା ହୁଁ<br>
ଉନ୍ ଲୋଗୋଁ କୋ<br>
ରହମ୍ ହେ ଜୋଶ୍ ମେଁ<br>
ଅଓର୍ ଗଏଜ୍ ଘଟାୟା ହମ୍‌ନେ

ସେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହନଶୀଳତା ଓ ଖୋଲା ହୃଦୟ ବାବଦରେ ଅନେକ ବିଶ୍ୱାସବର୍ଦ୍ଧକ ଘଟଣାଗୁଡିକ ଶୁଣାଇଲେ । ସେଥି ମଧ୍ୟରୁ ଗୋଟିଏ ଘଟଣା ନିମ୍ନରେ ଦିଆଯାଉଅଛି:-

ମିର୍ଜା ଇମାମୁଦ୍ଦିନ୍ ଓ ନିଜାମୁଦ୍ଦିନ୍ ତା- ୫ ଜାନୁଆରୀ ୧୯୦୦ ମସିହା ଦିନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଆପଣଙ୍କ ସାହାବାମାନଙ୍କୁ କଷ୍ଟ ପହଂଚାଇବା ଓ ହଇରାଣ ହରକତ କରିବା ପାଇଁ ମସ୍‌ଜିଦ୍ ମୁବାରକ ତଳେ ଯାଇଥିବା ଗଳି ରାସ୍ତାକୁ ଇଟା କାନ୍ଥ ଦ୍ୱାରା ବନ୍ଦ୍ କରିଦେଲେ । ଫଳତଃ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଅତିଥି ଓ ସାହାବା ମାନଙ୍କୁ ମସ୍‌ଜିଦ୍ ମୁବାରକ୍ ଯିବାପାଇଁ ଆଉ ଏକ ଖରାପ ରାସ୍ତା ଦେଇ ଯିବାକୁ ପଡୁଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କିଛି ସାହାବାଙ୍କୁ ମିର୍ଜା


*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ...*



ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ୱକ୍‌ଫେ ଯଦିଦ୍‌ର ନୂତନ ବର୍ଷର ବାବର୍‌କତ୍ ଘୋଷଣା ଓ ଯମାତି ସଦସ୍ୟ ବୃନ୍ଦଙ୍କ କର୍ତବ୍ୟ ସମୂହ

(ମନ୍‌ସୁର୍ ଅହେମଦ୍ ମସ୍‌ରୁର୍, ଏଡ଼ିଟର୍ ବଦର୍)

ପ୍ରୀୟ ଆକା ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟୋଦହୁଲ୍ଲାହେ ତାଲା ବିନସ୍‌ରିହିଲ୍ ଅଜିଜ୍ ୫ ଜାନୁଆରୀ ୨୦୧୮ ଦିନ ୱକ୍‌ଫେ ଯଦିଦ୍‌ର ନୂତନ ବର୍ଷର ବାବର୍‌କତ୍ ଘୋଷଣା କରିଲେ। ସେ ୬୦ତମ ବର୍ଷର ପରିସମାପ୍ତିରେ ୬୧ତମ ବର୍ଷର ଶୁଭାରମ୍ଭର ଘୋଷଣା କଲେ।

- ପଛ ବର୍ଷ ଅର୍ଥାତ୍ ୨୦୧୭ ମସିହାରେ ବିଶ୍ୱବ୍ୟାପି ଯମାତ୍ ଅହେମଦୀୟର ସଦସ୍ୟ ବୃନ୍ଦ ୱକ୍‌ଫେ ଯଦିଦ୍‌ରେ ୮୮ ଲକ୍ଷ ୬୨ ହଜାର ପାଉଣ୍ଡ୍ ମାଲି କୁର୍‌ବାନୀ ପେଶ୍ କରିଥିଲେ।
- ଏହି ମାଲି କୁର୍‌ବାନୀ ବିଗତ ବର୍ଷ ତୁଳନାରେ ୮ଲକ୍ଷ ୪୨ ହଜାର୍ ପାଉଣ୍ଡ୍ ଅଧିକା।
- ଅଧିକା କୁର୍‌ବାନୀ କରିଥିବା ଅନୁସାରେ ପାକିସ୍ତାନ୍ ସାରା ଦୁନିଆରେ ପ୍ରଥମ ନମ୍ବର୍‌ରେ ଅଛି। ଏହାପରେ ବାକି ୧୦ଟି ଦେଶ କ୍ରମାନୁସାରେ ଏପରି ଅଛନ୍ତି। (୧)ବ୍ରିଟେନ୍ (୨)ଜର୍ମାନୀ (୩)ଆମେରିକା (୪)କାନାଡା (୫)ହିନ୍ଦୁସ୍ତାନ୍ (୬)ଅଷ୍ଟ୍ରେଲିଆ (୭)ମିଡିଲ୍‌ଇଷ୍ଟ୍ (ମଧ୍ୟପ୍ରାଚ୍ୟ)ର ଗୋଟିଏ ଦେଶ (୮)ଇଣ୍ଡୋନେସିଆ (୯)ମିଡିଲ୍‌ଇଷ୍ଟ୍ (ମଧ୍ୟପ୍ରାଚ୍ୟ)ର ଆଉ ଗୋଟିଏ ଦେଶ (୧୦)ଘାନା।

ଯେଉଁ ଦେଶଗୁଡିକ ବିଗତ ବର୍ଷ ତୁଳନାରେ ନିଜ ଚାନ୍ଦାରେ ବିଶେଷ ରୂପେ ବୃଦ୍ଧି କରିଛନ୍ତି ସେମାନଙ୍କ ଭିତରେ କାନାଡ଼ା ସବ୍ରାଗ୍ରେ ଅଛି। ହଜୁର୍ ଅନୁୱର୍ କହିଲେ କାନାଡ଼ା ବହୁତ ଉନ୍ନତି କରିଛି। ପୁଣି କହିଲେ:- ଆଫ୍ରିକା ଦେଶଗୁଡିକ ମଧ୍ୟରେ ନାଇଜେରିଆ ବହୁତ ତରକି କରିଛି। ୮୩ ପ୍ରତିଶତ ବୃଦ୍ଧି ହୋଇଛି। ମାଲି ୫୫ ପ୍ରତିଶତ, ସିରିଆଲିଓନ୍ ୪୫ ପ୍ରତିଶତ, କ୍ୟାମେରୁନ୍ ୪୫ ପ୍ରତିଶତ, ଘାନା ୨୪ ପ୍ରତିଶତ ବୃଦ୍ଧି ଘଟାଇଛନ୍ତି।

ୱକ୍‌ଫେ ଯଦିଦ୍ ଚାନ୍ଦାରେ ଭାଗ ନେଇଥିବା ସଦସ୍ୟମାନଙ୍କ ସଂଖ୍ୟା ହେଉଛି ୧୬ ଲକ୍ଷ୍ୟରୁ ଅଧିକା। ନୁଆ ସାମିଲ୍ ହୋଇଥିବା ଲୋକମାନଙ୍କ ସଂଖ୍ୟା ହେଉଛି ୨ଲକ୍ଷ ୬୮ହଜାର। ଅର୍ଥାତ୍ ବିଗତ ବର୍ଷ ତୁଳନାରେ ୨ଲକ୍ଷ ୬୮ହଜାର ଲୋକଙ୍କର ବୃଦ୍ଧି ଘଟିଛି। ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ''ଅସଲ ଜିନିଷ ହେଉଛି ସାମିଲ୍ ହେବା ଲୋକମାନଙ୍କର ସଂଖ୍ୟା ବଢ଼ିବା ଉଚିତ୍''

କୁର୍‌ବାନୀ ଅନୁସାରେ ଭାରତର ଦଶଟି ପ୍ରଦେଶ କ୍ରମାନୁସାରେ ଏପରି- (୧)କେରଳ (୨)ଜମ୍ମୁ କାଶ୍ମୀର୍ (୩)ତେଲେଙ୍ଗାନା (୪)କର୍ଣ୍ଣାଟକ (୫)ତାମିଲ୍‌ନାଡୁ (୬)ଓଡ଼ିଶା (୭)ୱେଷ୍ଟ୍‌ବେଙ୍ଗଲ୍ (୮)ପଞ୍ଜାବ (୯)ଉତରପ୍ରଦେଶ (୧୦)ମହାରାଷ୍ଟ୍ର।

ସେହିପରି ଭାରତର ଦଶଟି ଯମାତ୍‌ର କ୍ରମାନୁସାରେ ପୋଜିସନ୍ ହେଉଛି- (୧)କାଲିକଟ (୨)ହାଇଦ୍ରାବାଦ୍ (୩)ପିଥାପୁରମ୍ (୪)କାଦିଅନା୍ (୫)କୋଲ୍‌କାତା (୬)ବାଙ୍ଗାଲୋର୍ (୭)କନ୍ନୁର୍ ଟାଉନ୍ (୮)ପେଙ୍ଗାଡ଼ି (୯)କରୋଲାଇ (୧୦)କରୁନଙ୍ଗାପଲ୍ଲୀ।

ଏଥିରେ କୌଣସି ସନ୍ଦେହ ନାହିଁ ଆଜି ଏ ଭୁପୃଷ୍ଠରେ ଏହା ହେଉଛି ଗୋଟିଏ ଯମାତ୍ ଯାହା ଅଲ୍ଲାଃ ଓ ତା ରସୁଲ୍ ସୟଦ୍‌ନା ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ପ୍ରତିଷ୍ଠା କରିଥିବା ଦୀନ୍‌ର ତବ୍‌ଲିଗ୍ ଓ ଇଶାଅତ୍ (ପ୍ରଚାର ଓ ପ୍ରସାର) ନିମନ୍ତେ ମୁକ୍ତ ହସ୍ତରେ ମାଲି କୁର୍‌ବାନୀ କରୁଅଛି। ଅଗଣତି ଏପରି ଘଟଣାବଳୀ ଅଛି ଯେ ଅହେମଦୀମାନେ ନିଜ ପେଟକାଟି, ନିଜର ଆବଶ୍ୟକତା ଗୁଡିକୁ ପଛରେ ଫିଙ୍ଗି ଦେଇ ଦୀନ୍‌ର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଉଛନ୍ତି। ହଜୁର୍ ଅନୁୱର୍ ଅ:ବ:ଅ ଦୁନିଆର ବିଭିନ୍ନ ଦେଶଗୁଡିକରୁ ଅହେମଦୀ ଓ ନୌମୁବାଇନ୍‌ଙ୍କ ମାଲି କୁର୍‌ବାନୀ ବିଷୟରେ ବହୁତ ଗୁଡିଏ ବିଶ୍ୱାସବର୍ଦ୍ଧକ ଘଟଣା ଶୁଣାଇଲେ। ଗୋଟିଏ ଘଟଣା ଗୁଜୁରାତ୍ ପ୍ରଦେଶ ଇଣ୍ଡିଆର ଆପଣ ଶୁଣାଇଲେ ଯେ ଜଣେ ଅହେମଦୀ ନିଜର ରେଫ୍ରିଜିରେଟର୍ ବିକ୍ରି କରି ସେ ଟଙ୍କାରେ ୱକ୍‌ଫେ ଯଦିଦ୍‌ର ଚାନ୍ଦା ପଇଠ କଲେ। ସେ ଏକଥାକୁ ଉଚିତ୍ ମନେକଲେନାହିଁ ଯେ ମୋହସିଲ୍ (ଚାନ୍ଦା ଆଦାୟକାରୀ) ତାଙ୍କ ପାଖକୁ ଚାନ୍ଦା ନିମନ୍ତେ ଆସିବେ ଓ ସେ ତାଙ୍କୁ ଖାଲି ହାତରେ ସେ ଫେରାଇଦେବେ। ସୁତରାଂ ସେ ସମୟରେ ତାଙ୍କ ପାଖରେ ନଗଦ ଟଙ୍କା କିଛି ନଥିଲା। ତେଣୁ ସେ ନିଜର ଫ୍ରୀଜ୍‌କୁ ବିକ୍ରି କରିଦେଲେ। ଆଉଗୋଟିଏ ଘଟଣା ହଜୁର୍ ଅନୁୱର୍ ଯମାତ୍ ଅହେମଦୀୟା ସାନ୍ଧନ, ୟୁପି ର ଶୁଣାଇଲେ ଯେ ଜଣେ ଅହେମଦୀ ଇନିସ୍‌ପେକ୍ଟର୍ ସାହେବଙ୍କୁ ଆସନ୍ତା କାଲି ଆସିବା ପାଇଁ କହିଲେ। କିନ୍ତୁ ଆସନ୍ତା ଦିନ ମଧ୍ୟ ଟଙ୍କାର ବ୍ୟବସ୍ଥା ହୋଇପାରିଲା ନାହିଁ। ଏକଥା ତାଙ୍କର ଛୋଟ ନିରୀହ ଝିଅ ଶୁଣୁଥିଲା। ସେ ତା ବାପାକୁ କହିଲା- ବାପା ଆପଣ ମୋ ପାଇଁ ଜୋତା କିଣିବା ନିମନ୍ତେ ଯେଉଁ ଟଙ୍କା ରଖିଛନ୍ତି ତାକୁ ଚାନ୍ଦାରେ ଦେଇଦିଅନ୍ତୁ। ପରେ ମୋତେ ଜୋତା କିଣିଦେବେ।

ଆଉଗୋଟିଏ ଘଟଣା ହଜୁର୍ ଅନୁୱର୍ ୟୁପି ପ୍ରଦେଶର ମେରଟ୍ ସହରର ଗୋଟିଏ ପରିବାର ବିଷୟରେ ଶୁଣାଇଲେ ଯେ ସେମାନେ ଅନେକ ବର୍ଷ ହେବ ଯମାତ୍ ସହିତ ସମ୍ପର୍କ ରଖିନଥିଲେ। ଇନିସ୍‌ପେକ୍ଟର୍ ୱକ୍‌ଫେ ଯଦିଦ୍ ଯେତେବେଳେ ତାଙ୍କ ପାଖକୁ ଯାଇ ୱକ୍‌ଫେ ଯଦିଦ୍‌ର ଚାନ୍ଦା ବିଷୟରେ କହିଲେ ତେବେ ସେମାନେ କହିଲେ ଯେ କେବଳ ୱକ୍‌ଫେ ଯଦିଦ୍‌ରେ ନୁହେଁ ବରଂ ସମସ୍ତ ଚାନ୍ଦାରେ ଆମେ ସାମିଲ୍ ହେବାପାଇଁ ଚାହୁଁଛୁ। ସୁତରାଂ ସେମାନେ ନିଜର ବାସର୍‌ହା (ଧାର୍ଯ୍ୟ ମୁତାବକ) ଲାଜ୍‌ମି ଚାନ୍ଦା ର ବଜେଟ୍ ଲେଖାଇଲେ ଏବଂ ତତ୍ ସହିତ ୱକ୍‌ଫେ ଯଦିଦ୍, ତହ୍‌ରୀକ୍ ଯଦିଦ୍ ଓ ଜେଲି ତନ୍‌ଜିମ୍‌ର ଚାନ୍ଦାଗୁଡିକର ବଜେଟ ମଧ୍ୟ ବନାଇଲେ ଓ ପନ୍ଦର ହଜାର୍ ଟଙ୍କା ସେହି ସମୟରେ ଚାନ୍ଦା ୱକ୍‌ଫେ ଯଦିଦ୍‌ରେ ମଧ୍ୟ ପଇଠ କରିଦେଲେ।

ହଜୁର୍ ଅନୁୱର୍ ଅ:ବ:ଅ ଏହିସବୁ ଇମାନ୍ ଅଫ୍‌ରୋଜ୍ ଘଟଣାଗୁଡିକ ଶୁଣାଇବା ପରେ ଆମକୁ ଉପଦେଶ ଦେଲେ ଯେ:- ମୁଁ ପ୍ରଥମେ ମଧ୍ୟ ଅନେକଥର କହିସାରିଛି ଯେ ଅବହେଳା ଆମ କାର୍‌କୁନ୍ (କର୍ମୀ)ଙ୍କ ତରଫରୁ ହୋଇଥାଏ, ଯମାତ୍ ଗୁଡିକ ସହିତ ସମ୍ପର୍କ ରଖୁନାହାଁନ୍ତି ଏବଂ ବେଳେବେଳେ ବହୁତ ସମୟ ପର୍ଯ୍ୟନ୍ତ ସମ୍ପର୍କ ରହୁନାହିଁ। ତେଣୁ ସାରା ନିଜାମଙ୍କୁ କର୍ମଠ ହେବାକୁ ପଡ଼ିବ। ଫଳରେ ଲୋକମାନଙ୍କ ପର୍ଯ୍ୟନ୍ତ ପହଂଚିଯାଇପାରିବା।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆଜି ଅଲ୍ଲାଃତାଲାଙ୍କ ଦୟାବଳରୁ ଏ ପୃଥିବୀରେ ଅହେମଦୀଙ୍କ ବ୍ୟତୀତ ଆଉ କେହି ନାହାଁନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିବା ନିମନ୍ତେ ମାଲି କୁର୍‌ବାନୀ କରିବା ପାଇଁ ଭାବନା ରଖୁଥିବେ। ଗୋଟିଏ ଯମାତ୍ ହିସାବରେ କେବଳ ଯମାତ୍ ଅହେମଦୀୟା ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ ନିମନ୍ତେ ଗରିବ, ନିଷ୍ପେଶିତ ଓ ଅର୍ଥ ଆବଶ୍ୟକ କରୁଥିବା ଲୋକମାନଙ୍କର ସାହାଯ୍ୟ ବ୍ୟତୀତ ଦୀନ୍‌ର ପ୍ରଚାର ପ୍ରସାର ଓ ଇସ୍‌ଲାମ୍‌ର ବାସ୍ତବିକ ସ୍ୱରୂପକୁ ଦୁନିଆରେ ଦେଖାଇବା ପାଇଁ ନିଜ ଉପରେ କଷ୍ଟ ଲଦି ମଧ୍ୟ ମାଲି କୁର୍‌ବାନୀ କରୁଛନ୍ତି। ପୁଣି କହିଲେ:- ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯମାତ୍‌କୁ କୁର୍‌ବାନୀ କରିବାର ସେହି ଭାବନା ଓ ବୁଦ୍ଧି ଦେଇଛି ଯାହା ଦୁନିଆର କୌଣସି ଅନ୍ୟ ଗୋଷ୍ଠୀକୁ ମିଳିନାହିଁ। ଏବଂ ଏହାର ଅଗଣତି ଦୃଷ୍ଟାନ୍ତ ଆମେ ପ୍ରତ୍ୟେକ ବର୍ଷ ଦେଖୁଅଛେ।

ହଜୁର୍ ଅନୁୱର୍ ଅ:ବ:ଅ ମାଲି କୁର୍‌ବାନୀ କରିଥିବା ଲୋକମାନଙ୍କ ନିମନ୍ତେ ଏପରି ବାକ୍ୟରେ ଆଶିର୍ବାଦ ଦେଉଛନ୍ତି:- କହୁଛନ୍ତି:- ''ଅଲ୍ଲାଃତାଲା କୁର୍‌ବାନୀ କରିଥିବା ସମସ୍ତ ଲୋକଙ୍କ ଧନ ଓ ଜନରେ ଅସରନ୍ତି ବର୍‌କତ୍ ପ୍ରଦାନ କରନ୍ତୁ। ସେମାନଙ୍କର ଇମାନ୍ ଓ ଇଖ୍‌ଲାସ୍ (ବିଶ୍ୱାସ ଓ ନିଷ୍ଠାପରତା) ରେ ମଧ୍ୟ ବୃଦ୍ଧି କରନ୍ତୁ। ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜ କର୍ମ ଓ କାର୍ଯ୍ୟରେ ଅଲ୍ଲାଃତାଲାଙ୍କ ଇଛା ମୁତାବକ ପରିଚାଳିତ ହୁଅନ୍ତୁ''। ଅଲ୍ଲାଃତାଲା ହଜୁର୍ ଅନୁୱର୍‌ଙ୍କର ଏହି ପ୍ରାର୍ଥନା ଆମ ସପକ୍ଷରେ ଗ୍ରହଣ କରନ୍ତୁ। ଆମିନ୍!

ଶେଷରେ ଯମାତ୍ ଅହେମଦୀୟା ଭାରତର ସଦସ୍ୟମାନଙ୍କ ନିକଟରେ ଆମେ ଅତ୍ୟନ୍ତ ବିନମ୍ରତାର ସହିତ ନିବେଦନ କରୁଛୁ ଯେ ନୂତନ ବର୍ଷରେ ଗୋଟିଏ ନୁଆ ଉତ୍ସାହ ନେଇ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଓ ସାନିଧ୍ୟ ପାଇବା ନିମନ୍ତେ ୱକ୍‌ଫେ ଯଦିଦ୍‌ର ଚାନ୍ଦାରେ ବୃଦ୍ଧି କରିବା ସହିତ ୱାଦା ଲେଖାନ୍ତୁ। ଯାହାଫଳରେ ହଜୁର୍ ଅନୁୱର୍ ଅ:ବ:ଅ ଯେଉଁ ଟାର୍ଗେଟ୍ ପ୍ରଦାନ କରିଛନ୍ତି ଆମେ ତାକୁ ସହଜତାର ସହିତ ପୁରଣ କରିପାରିବା।

ହଜୁର୍ ଅନୁୱର୍ ଅ:ବ:ଅ ନିଜର ଏହି ଖୁତ୍‌ବା ଜୁମାରେ ୨୦୧୬ ତୁଳନାରେ ୨୦୧୭ବର୍ଷରେ ଅଧିକା ଚାନ୍ଦା ପ୍ରଦାନ କରିଥିବା ଦେଶଗୁଡିକର ନାମ ମଧ୍ୟ ବର୍ଣ୍ଣନା କଲେ। ଏବଂ କହିଲେ ଯେ ଏହା ଅନୁସାରେ ''କାନାଡ଼ା ବହୁତ ଉନ୍ନତି କରିଛି'' ପୁଣି ହଜୁର୍ କିଛି ଆଫ୍ରିକିୟ ଦେଶଗୁଡିକର ନାମ ଘୋଷଣା କଲେ ଯେଉଁମାନେ ୪୫ପ୍ରତିଶତ ଓ ୫୫ପ୍ରତିଶତ ପର୍ଯ୍ୟନ୍ତ ନିଜର ଚାନ୍ଦାଗୁଡିକ ବୃଦ୍ଧି କରିଛନ୍ତି। ତେଣୁ ଏହି ଅନୁସାରେ ଆମକୁ ମଧ୍ୟ ୱକ୍‌ଫେ ଯଦିଦ୍‌ରେ ବିଶେଷ ବୃଦ୍ଧି କରିବା ସହିତ ନିଜର ୱାଦା ଲେଖାଇବା ଉଚିତ୍। ଆମକୁ ଏକଥା ମନେରଖିବାକୁ ହେବ ଯେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସାହାବା କରାମ୍ ର:ଅ ଙ୍କ ଠାରୁ ଜୀବନର କୁର୍‌ବାନୀ (ଜୀବନ ଉତ୍ସର୍ଗ କରିବା ନିମନ୍ତେ) ଆଶା କରାଯାଇଥିଲା ଓ ସେମାନେ ଅଲ୍ଲାଃ ଏବଂ ତାର ରସୁଲ୍‌ଙ୍କ ମାର୍ଗରେ ଧନ ସହିତ ଜୀବନ ମଧ୍ୟ ଉତ୍ସର୍ଗ କରିଦେଲେ। ଆଜି ଆମଠାରୁ କେବଳ ଧନର କୁର୍‌ବାନୀ ଆଶା କରାଯାଉଛି। କାରଣ ମସିହ୍ ମଉଦ୍‌ଙ୍କ ୟଜଉଲ୍ ହରବ୍ (ଯୁଦ୍ଧକୁ ଟାଳିଦେବା) ପେଶ୍‌ଗୋଇ ଅନ୍ତର୍ଗତ ଯୁଦ୍ଧକୁ ଟାଳିଦିଆଯାଇଛି।

ଚାନ୍ଦାରେ ମୋଟ ବୃଦ୍ଧି ନିମନ୍ତେ ଆମକୁ ହଜୁର୍ ଅନୁୱର୍‌ଙ୍କ ଉପଦେଶାବଳୀ ଗୁଡିକ ଉପରେ ଗୁରୁତ୍ୱ ଦେଇ ଯୋଜନାବଧ ରୂପେ କାର୍ଯ୍ୟ କରିବାକୁ ହେବ। ଉଦାହରଣ ସ୍ୱରୂପ ହଜୁର୍ ଅନୁୱର୍ କହିଲେ ଯେ କାର୍‌କୁନାନ୍‌ଙ୍କ ତରଫରୁ ସମ୍ପର୍କ ରଖିବାରେ ଅବହେଳା କରାଯାଉଛି। ଏହା ହେଉଛି ଗୋଟିଏ ବାସ୍ତବିକତା। ବଡ଼ ବଡ଼ ସହରରେ କିଛି ସଂଖ୍ୟକ ଅହେମଦୀ ଯୁବକମାନେ ଏପରି ଅଛନ୍ତି, ଯିଏ ନିଜ ନିଜ ସହର ଓ ଗ୍ରାମରୁ ରୋଜଗାର ଅନ୍ୱେଷଣରେ ବଡ଼ ବଡ଼ ସହରକୁ ଚାଲିଆସୁଛନ୍ତି। କିନ୍ତୁ ମିଶନ୍ ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ। ଏହିପରି ଯୁବକମାନଙ୍କୁ ଖୋଜିବା ଓ ତାଙ୍କ ସହିତ ସମ୍ପର୍କ ରଖିବା, ବା ଏପରି କୌଣସି ପରିବାର ଅଛି ସେମାନଙ୍କ ସହିତ ସମ୍ପର୍କ ରଖିବା ମଧ୍ୟ ଜରୁରୀ ଅଟେ। ଏହା କେବଳ ଚାନ୍ଦା ବଢ଼ାଇବା ନିମନ୍ତେ ନୁହେଁ ବରଂ ଏଥିପାଇଁ ଯେ ସେମାନଙ୍କୁ ନିଜାମ୍ ସହିତ ସମ୍ପର୍କ କରାଇବା ହେଉଛି ଆମର କର୍ତବ୍ୟ।

ମାଲି କୁର୍‌ବାନୀ ଅନୁସାରେ ହଜୁର୍ ଅନୁୱର୍ ଅ:ବ:ଅ ଯେଉଁଠାରେ ଦେଶଗୁଡିକର ନାମ ଘୋଷଣା କଲେ ସେଠାରେ ପ୍ରାଦେଶ ଓ ଯମାତ୍ ଗୁଡିକର ନାମ ମଧ୍ୟ ଘୋଷଣା କରିଛନ୍ତି। ସୁତରାଂ ହିନ୍ଦୁସ୍ତାନ୍ ଯିଏ ଅନେକ ବର୍ଷ ହେବ ଗୋଟିଏ ପୋଜିସନ୍‌ରେ କାଏମ୍ ରହିଛି, ଚେଷ୍ଟା କରିବା ଉଚିତ୍ ହେବ ଯେ ତାର ମଧ୍ୟ ଉନ୍ନତି ହେଉ। ଏହିପରି ପ୍ରଦେଶ ଗୁଡକ ମଧ୍ୟ ନିଜ ନିଜ ଭିତରେ ମାଲି କୁର୍‌ବାନୀ କରିବାରେ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରିବା ଉଚିତ୍ ଓ ଯମାତ୍ ଗୁଡିକ ମଧ୍ୟ ଏହି ପୁଣ୍ୟ କାର୍ଯ୍ୟରେ ଆପୋଷରେ ମୁକାବିଲା କରିବା ଉଚିତ୍। ପୁଣ୍ୟ ଓ ନିଷ୍ଠାରେ ମୁକାବିଲା କରିବା ଆମକୁ ନିର୍ଦ୍ଦେଶ ଦିଆଯାଇଛି। *ଅବଶିଷ୍ଟାଂଶ ପୃଷ୍ଠା-୧୫ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

★ଆଜି ଅଲ୍ଲାଃଙ୍କ କୃପାରୁ କାଦିଆନର ବାର୍ଷିକ ଧର୍ମସମ୍ମିଳନୀ ଆରମ୍ଭ ହୋଇଯାଇଛି । ଅଲ୍ଲାଃଙ୍କ ନିକଟରେ ଦୁଆ କରିବେ ସେଠି ଜଲସାର ତିନି ଦିନ ସୁରୁଖୁରୁରେ ଅତିବାହିତ ହେଉ ଏବଂ ଯେଉଁ ଉଦ୍ଦେଶ୍ୟରେ ଜମାଅତର ଲୋକମାନେ ସେଠାରେ ଏକତ୍ରିତ ହୋଇଛନ୍ତି ତାହା ସେମାନେ ହାସଲ କରନ୍ତୁ । ସେହି ଉଦ୍ଦେଶ୍ୟ କ'ଣ ଏହି କି ଯେ, ଅଲ୍ଲାଃଙ୍କ ନିକଟରେ ଦୁଆ କରିବା ଏବଂ ନିଜ ବ୍ୟବହାରିକ ଜୀବନକୁ ଉନ୍ନତ କରିବା ନିମନ୍ତେ ଚେଷ୍ଟା କରିବା ସହିତ ଉକ୍ତ ଦୁଆକୁ କେବଳ ନିଜ ମଧ୍ୟରେ ସୀମିତ ନରଖି ବରଂ ଜମାଅତର ଉନ୍ନତି ନିମନ୍ତେ ମଧ୍ୟ ବିଶେଷ ଦୁଆ କରିବା । ଜମାଅତର ବିରୋଧିମାନେ ସଂସାରର କୌଣସି କୋଣରେ ଯୋଜନା କରନ୍ତୁ ନା କାହିଁକି ତାହା ପଣ୍ଡ ହେବା ପାଇଁ ଅଲ୍ଲାଃଙ୍କ ବିଶେଷ ସାହାଯ୍ୟ ଓ ସହଯୋଗ ଲାଭ ହେବା ନିମନ୍ତେ ଦୁଆ କରିବେ । ଅଲ୍ଲାଃତାଲା ସେମାନଙ୍କ ପ୍ରତ୍ୟେକ ମନ୍ଦ ଅଭିଳାଷାରୁ ଆମକୁ ସୁରକ୍ଷିତ ରଖନ୍ତୁ ।

★ଏହିପରି ମୁସଲମାନମାନଙ୍କ ଅବସ୍ଥା ଓ ଅଲ୍ଲାଃଙ୍କ ରସୁଲ ନାମରେ କେତେକ ଗୋଷ୍ଠୀ ଯେଉଁ (ଅନୁଚିତ) ହରକତ୍ ଓ ଅତ୍ୟାଚାର କରୁଛନ୍ତି । ଜଣେ ମୁସଲମାନ ଆଉ ଜଣେ ମୁସଲମାନର ଯେଭଳି ହତ୍ୟା କରୁଛି ଏବଂ ଅଯଥାରେ ଆଜି ଯେଭଳି ବର୍ବର ହତ୍ୟାକାଣ୍ଡ ହେଉଅଛି ସେଥିପାଇଁ ମଧ୍ୟ ଦୁଆ କରିବା ଆମର କର୍ତ୍ତବ୍ୟ । କାରଣ ଏସବୁ ଗୋଷ୍ଠୀସମୂହ ଅଲ୍ଲାଃ ଓ ରସୁଲଙ୍କ ନାମରେ ଅତ୍ୟାଚାର କରୁଛନ୍ତି ଏବଂ ଏଥିଯୋଗୁଁ ଅଣମୁସଲମାନମାନେ ଇସଲାମ ଓ ହଜରତ ମହମ୍ମଦ ସ.ଆଙ୍କ ଉପରେ ଆପତି କରୁଛନ୍ତି । ଏଥିଯୋଗୁଁ ଆମ୍ଭମାନଙ୍କ ହୃଦୟକୁ ସବୁଠାରୁ ଅଧିକ ଆଘାତ ଲାଗିଥାଏ ।

★ହଜରତ ମସିହ ମଉଦ ଆ.ସ ଯେଉଁ ଲକ୍ଷ ନେଇ ଆସିଥିଲେ ସେଥିପାଇଁ ମଧ୍ୟ ଦୁଆ କରିବା ଏବଂ ତାହା ଏହି କି ଯେ, ମୁସଲମାନମାନଙ୍କ ସତ୍‌ପଥ ପ୍ରାପ୍ତି ଓ ଅଣମୁସଲମାନମାନଙ୍କ ଉପରେ ସତ୍ୟତା ଉନ୍ମୋଚନ କରିବା, ସେମାନଙ୍କ ସମ୍ମୁଖରେ ଇସଲାମର ପରାକାଷ୍ଠା ପ୍ରତିପାଦନ କରି ଇସଲାମ ଓ ହଜରତ ମହମ୍ମଦ ସ.ଆଙ୍କ ଧ୍ୱଜା ତଳେ ଆଣି ସେମାନଙ୍କୁ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ କରିବା । ସର୍ବୋପରି ବିଶ୍ୱର (ସଂକଟାପର୍ଣ୍ଣ) ପରିସ୍ଥିତି ନିମନ୍ତେ ମଧ୍ୟ ଦୁଆ କରିବେ କି ଅଲ୍ଲାଃତାଲା ସମଗ୍ର ମାନବଜାତିକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସେମାନେ ଧ୍ୱଂସ ମୁଖରୁ ବର୍ତୀଯାନ୍ତୁ । ଆଜି ସଂସାରକୁ ହଜରତ ମସିହ ମଉଦ ଆ.ସଙ୍କ ମାନ୍ୟକାରୀମାନଙ୍କ ଦୁଆର ବହୁତ ଆବଶ୍ୟକତା ରହିଛି ।

★ଦୁଆ ଗ୍ରହଣୀୟ ହେବା ସମ୍ବନ୍ଧରେ ଏକ ମୌଳିକ ଓ ଗୁରୁତ୍ୱପୂର୍ଣ୍ଣ କଥା ହଜରତ ମସିହ ମଉଦ ଆ.ସ ଦର୍ଶାଇ କୁହନ୍ତି- ଯେପର୍ଯ୍ୟନ୍ତ ହୃଦୟ ପବିତ୍ର ହୋଇନଥାଏ ସେପର୍ଯ୍ୟନ୍ତ ଦୁଆ ସ୍ୱୀକୃତି ପ୍ରାପ୍ତି କରିନଥାଏ । ଯଦି କୌଣସି ସାଂସାରିକ ମାମଲାରେ କାହାରି ପ୍ରତି ତୁମ ହୃଦୟରେ ଦ୍ୱେଷଭାବ ଥାଏ ତେବେ ତୁମ ଦୁଆ ଗ୍ରହଣୀୟ ହୋଇପାରିବ ନାହିଁ । ଅତଏବ ସାଂସାରିକ ମାମଲାରେ କଦାପି କାହାରି ପ୍ରତି ତିକ୍ତତା ରଖିବା ଉଚିତ୍ ନୁହେଁ ଏବଂ ସଂସାର ଓ ସାଂସାରିକ ବସ୍ତୁର କ'ଣ ଅସ୍ତିତ୍ୱ ରହିଛି ଯେ, ତୁମେ ସେଥିପାଇଁ କାହାରି ସହ ଶତ୍ରୁତା ପ୍ରଦର୍ଶନ କରିବ ।

★ପୁଣି ଦୁଆ ସ୍ୱୀକାର ହେବା ନିମନ୍ତେ ଆବଶ୍ୟକ କି ମଣିଷ ପ୍ରତ୍ୟେକ ଦିନ ପୁଣ୍ୟକର୍ମରେ ଉନ୍ନତି କରିଚାଲିବା ଉଚିତ୍ । ଅଲ୍ଲାଃଙ୍କ ସାହାଯ୍ୟ ସେହିମାନଙ୍କ ସହିତ ରହିଥାଏ ଯେ ସର୍ବଦା ପୁଣ୍ୟକର୍ମରେ ଆଗକୁ ବଢ଼ିଚାଲିଥାନ୍ତି । ଗୋଟିଏ ସ୍ଥାନରେ ଅଟକିଯାଇ ନଥାନ୍ତି ଏବଂ ଶେଷରେ ସେହିମାନେ ହିଁ କୃତକାର୍ଯ୍ୟ ହୋଇଥାନ୍ତି । ହଜୁର ଆ.ସ କୁହନ୍ତି ଅଲ୍ଲାଃତାଲା ପବିତ୍ର କୋରାନରେ ଏହି ଦୁଆ ଶିକ୍ଷା ଦେଇଛନ୍ତି କି **ଅସ୍‌ଲିହ୍ ଲି ଫିଜୁର୍‌ରିୟତି** ଅର୍ଥାତ ମୋ ସ୍ତ୍ରୀପିଲାଙ୍କର ମଧ୍ୟ ସୁଧାର କରିଦିଅ । ନିଜ ଅବସ୍ଥାରେ ପବିତ୍ର ପରିବର୍ତନ ଓ ନିଜ ପତ୍ନୀ ତଥା ସନ୍ତାନମାନଙ୍କ ପାଇଁ ମଧ୍ୟ ଦୁଆ କରିବା ଉଚିତ୍ କାରଣ ଅଧିକାଂଶ ଅସୁବିଧା ମଣିଷ ଉପରେ ତାହାର ସନ୍ତାନ ଓ ପତ୍ନୀ ଯୋଗୁଁ ଆସିଥାଏ । ତେଣୁ ସେମାନଙ୍କ ସୁଧାର ନିମନ୍ତେ ପୂର୍ଣ୍ଣ ମନଯୋଗ କରିବା ଏବଂ ସେଥିପାଇଁ ଦୁଆ କରିବାକୁ ଅକ୍ଷୁର୍ଣ୍ଣ ରଖିବା ଉଚିତ୍ ।

★ବିଶେଷକରି କାଦିଆନ ଜଲସାରେ ଯୋଗଦେଇଥିବା ଅତିଥିମାନେ ଦୁଆ ପ୍ରତି ବିଶେଷ ମନଯୋଗ କରନ୍ତୁ ଏବଂ ଏହି ଜଲସାରେ ଯୋଗଦେଇ ନିଜ ଭିତରେ ଏକ ଅସାଧାରଣ ପରିବର୍ତନ ଆଣିବାକୁ ଚେଷ୍ଟା କରନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୨୯ ଡିସେମ୍ବର ୨୦୧୭ ଅନୁଯାୟୀ ୨୯ ଫତାଃ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଆଜି ଅଲ୍ଲାଃଙ୍କ କୃପାରୁ କାଦିଆନର ବାର୍ଷିକ ଧର୍ମସମ୍ମିଳନୀ ଆରମ୍ଭ ହୋଇଯାଇଛି । ଅଲ୍ଲାଃଙ୍କ ନିକଟରେ ଦୁଆ କରିବେ ସେଠି ଜଲସାର ତିନି ଦିନ ସୁରୁଖୁରୁରେ ଅତିବାହିତ ହେଉ ଏବଂ ଯେଉଁ ଉଦ୍ଦେଶ୍ୟରେ ଜମାଅତର ଲୋକମାନେ ସେଠାରେ ଏକତ୍ରିତ ହୋଇଛନ୍ତି ତାହା ସେମାନେ ହାସଲ କରନ୍ତୁ । ସେହି ଉଦ୍ଦେଶ୍ୟ କ'ଣ ଏହି କି ଯେ, ଅଲ୍ଲାଃଙ୍କ ନିକଟରେ ଦୁଆ କରିବା ଏବଂ ନିଜ ବ୍ୟବହାରିକ ଜୀବନକୁ ଉନ୍ନତ କରିବା ନିମନ୍ତେ ଚେଷ୍ଟା କରିବା ସହିତ ଉକ୍ତ ଦୁଆକୁ କେବଳ ନିଜ ମଧ୍ୟରେ ସୀମିତ ନରଖି ବରଂ ଜମାଅତର ଉନ୍ନତି ନିମନ୍ତେ ମଧ୍ୟ ବିଶେଷ ଦୁଆ କରିବା । ଜମାଅତର ବିରୋଧିମାନେ ସଂସାରର କୌଣସି କୋଣରେ ଯୋଜନା କରନ୍ତୁ ନା କାହିଁକି ତାହା ପଣ୍ଡ ହେବା ପାଇଁ ଅଲ୍ଲାଃଙ୍କ ବିଶେଷ ସାହାଯ୍ୟ ଓ ସହଯୋଗ ଲାଭ ହେବା ନିମନ୍ତେ ଦୁଆ କରିବେ । ଅଲ୍ଲାଃତାଲା ସେମାନଙ୍କ ପ୍ରତ୍ୟେକ ମନ୍ଦ ଅଭିଳାଷାରୁ ଆମକୁ ସୁରକ୍ଷିତ ରଖନ୍ତୁ । ଏହିପରି ମୁସଲମାନମାନଙ୍କ ଅବସ୍ଥା ଓ ଅଲ୍ଲାଃଙ୍କ ରସୁଲ ନାମରେ କେତେକ ଗୋଷ୍ଠୀ ଯେଉଁ (ଅନୁଚିତ) ହରକତ୍ ଓ ଅତ୍ୟାଚାର କରୁଛନ୍ତି । ଜଣେ ମୁସଲମାନ ଆଉ ଜଣେ ମୁସଲମାନର ଯେଭଳି ହତ୍ୟା କରୁଛି ଏବଂ ଅଯଥାରେ ଆଜି ଯେଭଳି ବର୍ବର ହତ୍ୟାକାଣ୍ଡ ହେଉଅଛି ସେଥିପାଇଁ ମଧ୍ୟ ଦୁଆ କରିବା ଆମର କର୍ତ୍ତବ୍ୟ । କାରଣ ଏସବୁ ଗୋଷ୍ଠୀସମୂହ ଅଲ୍ଲାଃ ଓ ରସୁଲଙ୍କ ନାମରେ ଅତ୍ୟାଚାର କରୁଛନ୍ତି ଏବଂ ଏଥିଯୋଗୁଁ ଅଣମୁସଲମାନମାନେ ଇସଲାମ ଓ ହଜରତ ମହମ୍ମଦ ସ.ଆଙ୍କ ଉପରେ ଆପତି କରୁଛନ୍ତି । ଏଥିଯୋଗୁଁ ଆମ୍ଭମାନଙ୍କ ହୃଦୟକୁ ସବୁଠାରୁ ଅଧିକ ଆଘାତ ଲାଗିଥାଏ । ସୁତରାଂ ଏଥିପାଇଁ ମଧ୍ୟ ଆମମାନଙ୍କୁ ଦୁଆ କରିବା ଉଚିତ୍ । ହଜରତ ମସିହ ମଉଦ ଆ.ସ ଯେଉଁ ଲକ୍ଷ ନେଇ ଆସିଥିଲେ ସେଥିପାଇଁ ମଧ୍ୟ ଦୁଆ କରିବା ଏବଂ ତାହା ଏହି କି ଯେ, ମୁସଲମାନମାନଙ୍କ ସତ୍‌ପଥ ପ୍ରାପ୍ତି ଓ ଅଣମୁସଲମାନମାନଙ୍କ ଉପରେ ସତ୍ୟତା ଉନ୍ମୋଚନ କରିବା, ସେମାନଙ୍କ ସମ୍ମୁଖରେ ଇସଲାମର ପରାକାଷ୍ଠା ପ୍ରତିପାଦନ କରି ଇସଲାମ ଓ ହଜରତ ମହମ୍ମଦ ସ.ଆଙ୍କ ଧ୍ୱଜା ତଳେ ଆଣି ସେମାନଙ୍କୁ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ କରିବା । ସର୍ବୋପରି ବିଶ୍ୱର (ସଂକଟାପର୍ଣ୍ଣ) ପରିସ୍ଥିତି ନିମନ୍ତେ ମଧ୍ୟ ଦୁଆ କରିବେ କି ଅଲ୍ଲାଃତାଲା ସମଗ୍ର ମାନବଜାତିକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ସେମାନେ ଧ୍ୱଂସ ମୁଖରୁ ବର୍ତୀଯାନ୍ତୁ । **ଆଜି ସଂସାରକୁ ହଜରତ ମସିହ ମଉଦ ଆ.ସଙ୍କ ମାନ୍ୟକାରୀମାନଙ୍କ ଦୁଆର ବହୁତ ଆବଶ୍ୟକତା ରହିଛି** ।

ଅଲ୍ଲାଃତାଲା ସଂସାରବାସୀ ଓ ମୁସଲମାନମାନଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନେ ଏକଥା ହୃଦୟଙ୍ଗମ କରନ୍ତୁ କି ଅଲ୍ଲାଃଙ୍କ ପ୍ରେରିତ ଦୂତର ଅସ୍ୱୀକାର କରି ନା ସେମାନେ ସୁରକ୍ଷିତ ରହିପାରିବେ ନା ମୋକ୍ଷ ପ୍ରାପ୍ତ କରିପାରିବେ । ନୂତନ ବର୍ଷରେ ପଦାର୍ପଣ କରିବା ପୂର୍ବରୁ ସେମାନେ ଏକଥା ହୃଦୟଙ୍ଗମ କରିନିଅନ୍ତୁ, ଅଲ୍ଲାଃ ସେମାନଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ । ହଜୁର ଅନୱର ଅ.ବ କହିଲେ ଏଠାରେ ମୁଁ ଦୁଆ କରିବା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସଙ୍କର କେତେକ ତଥ୍ୟ ଉପସ୍ଥାପନ କରିବି ।

ଦୁଆ ସ୍ୱୀକାର ହେବା ସମ୍ବନ୍ଧରେ ଏକ ମୌଳିକ ଓ ଗୁରୁତ୍ୱପୂର୍ଣ୍ଣ କଥା ହଜରତ ମସିହ ମଉଦ ଆ.ସ ଦର୍ଶାଇ କୁହନ୍ତି- **ଯେପର୍ଯ୍ୟନ୍ତ ହୃଦୟ ପବିତ୍ର ହୋଇନଥାଏ ସେପର୍ଯ୍ୟନ୍ତ ଦୁଆ ସ୍ୱୀକୃତି ପ୍ରାପ୍ତି କରିନଥାଏ** । ଯଦି କୌଣସି ସାଂସାରିକ ମାମଲାରେ କାହାରି ପ୍ରତି ତୁମ ହୃଦୟରେ ଦ୍ୱେଷଭାବ ଥାଏ ତେବେ ତୁମ ଦୁଆ ସ୍ୱୀକାର ହୋଇପାରିବ ନାହିଁ । ଅତଏବ ସାଂସାରିକ ମାମଲାରେ କଦାପି କାହାରି ପ୍ରତି ତିକ୍ତତା ରଖିବା ଉଚିତ୍ ନୁହେଁ ଏବଂ ସଂସାର ଓ ସାଂସାରିକ ବସ୍ତୁର କ'ଣ ଅସ୍ତିତ୍ୱ ରହିଛି ଯେ, ତୁମେ ସେଥିପାଇଁ କାହାରି

ସହ ଶତ୍ରୁତା ପ୍ରଦର୍ଶନ କରିବ ।

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଦୁଆର ସ୍ୱୀକୃତି ଲାଭ ନିମନ୍ତେ ଏହା ଅତ୍ୟନ୍ତ ଜରୁରୀ କି ସମସ୍ତ ପ୍ରକାରର ବ୍ୟକ୍ତିଗତ କଳି ଓ ତିକ୍ତତାକୁ ଭୁଲି ଅଲ୍ଲାଃଙ୍କ ନିକଟରେ ଅତ୍ୟନ୍ତ କାକୁତି ବିନତି (ଅନୁନୟ) ହୋଇ ନିଜ ଅପକର୍ମର କ୍ଷମା ପ୍ରାର୍ଥନା କରିବା ସହିତ ଆସନ୍ତାରେ ହୃଦୟର ପବିତ୍ରତା ନିମନ୍ତେ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରିବା । ଆଜି ଯେଉଁ ଅହେମଦିୟତର ବିରୋଧିମାନେ ବିରୁଦ୍ଧାଚରଣରେ ବଢିଚାଲିଛନ୍ତି, ଏପରି ପରିସ୍ଥିତିରେ ଆମ ସମସ୍ତଙ୍କୁ ଏକ ହୋଇ ଅଲ୍ଲାଃଙ୍କ ନିକଟରେ ଦୁଆ କରିବା ଉଚିତ୍ । ଯେତେବେଳେ ଜଣେ ଅଧୈର୍ଯ୍ୟ ଓ ଅଥୟ ହୋଇ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୁଏ ଏବଂ ତାଙ୍କଠାରୁ ଭିକ୍ଷା କରେ ସେତେବେଳେ ଅଲ୍ଲାଃ ମଧ୍ୟ ତାହାକୁ ସାହାଯ୍ୟ କରିଥାନ୍ତି । ଅତଏବ ଏହି ରହସ୍ୟକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ଏବଂ କଦାପି ଏସବୁ କଥାରେ ଦାୟିତ୍ୱହୀନତା ପ୍ରଦର୍ଶନ କରିବା ଉଚିତ୍ ନୁହେଁ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଅଲ୍ଲାଃତାଲା କୌଣସି ଜିନିଷର ଆବଶ୍ୟକତା ଲୋଡ଼ିନଥାନ୍ତି । ଯେପର୍ଯ୍ୟନ୍ତ ବାରମ୍ବାର ଅଧୈର୍ଯ୍ୟ ଓ ଅଥୟ ହୋଇ ଦୁଆ କରାଯାଇ ନାହିଁ ଅଲ୍ଲାଃ କାହାର ଖାତିର୍ କରିନଥାନ୍ତି । ଦେଖ ଯେତେବେଳେ ଜଣକ ପତ୍ନୀ କୌଣସି ରୋଗବ୍ୟାଧିରେ ଆକ୍ରାନ୍ତ ହୋଇଥାଏ କିମ୍ବା ତାହା ବିରୋଧରେ ବଡ଼ ଧରଣର କୌଣସି ମକଦ୍ଦମା ହୋଇଯାଏ ତେବେ ସେ କିଭଳି ବ୍ୟସ୍ତ ବିବ୍ରତ ହୋଇପଡ଼େ । ଏପରି ସମସ୍ତ ପ୍ରକାରର ଅପ୍ରୀତିକର ପରିସ୍ଥିତିରୁ ମୁକୁଳେଇବାରେ ଅଲ୍ଲାଃ ହିଁ ପୂର୍ଣ୍ଣ ସକ୍ଷମ, ଯେ ଦୁଆ ସ୍ୱୀକାର କରିବା ସହିତ ନିଜ ଭକ୍ତମାନଙ୍କ ସାହାଯ୍ୟ ପାଇଁ (ସର୍ବଦା) ତତ୍ପର ରହିଥାନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ବିଶେଷକରି କାଦିଆନବାସୀଙ୍କୁ ମୁଁ ସମ୍ବୋଧନ କରି କହୁଛି ଯେ, ଆଜି ଆପଣମାନେ ବିଶେଷ ଆଧ୍ୟାତ୍ମିକ ପରିବେଶରେ ହଜରତ ମସିହ ମଉଦ ଆ.ସଙ୍କ ବସ୍ତିରେ ରହୁଛନ୍ତି ଏବଂ ଯେଉଁମାନେ ସେଠାରେ କିଛି ଦିନ ଅତିବାହିତ କରୁଛନ୍ତି ସେମାନେ ମଧ୍ୟ ନିଜ ନମାଜ ଓ ନଓ୍ୱାଫିଲ୍‌ରେ ଏପରି ଅବସ୍ଥା ଉତ୍ପନ୍ନ କରିବାକୁ ଚେଷ୍ଟା କରନ୍ତୁ ଯାହାକି ବ୍ୟସ୍ତବିବ୍ରତର ଅବସ୍ଥା ଅଟେ ଏବଂ ସମଗ୍ର ଜମାଅତ ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଅଯଥା ଗପସପ ହେବା ପରିବର୍ତ୍ତେ ଅଧିକ ସମୟ ଦୁଆ ଓ ଅଲ୍ଲାଃଙ୍କ ଗୁଣଗାନ କରିବାରେ ଅତିବାହିତ କରିବା ଉଚିତ୍ । ଅଥୟ ହୋଇ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହେଲେ ଯେଉଁଠାରେ ଅହେମଦିମାନଙ୍କ ଅବସ୍ଥା ସଂକଟାପର୍ଣ୍ଣ ରହିଛି ଅଲ୍ଲାଃଙ୍କ କୃପା ଫଳରେ ତାହା ସାମାନ୍ୟ ହେବା ସହିତ ଶତ୍ରୁମାନେ ପରାସ୍ତ ଓ ନିନ୍ଦିତ ହେବେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଯେ ଅଲ୍ଲାଃଙ୍କ ନିକଟରେ କାତରୋକ୍ତି (ବିନୟ) ହୋଇ ପ୍ରାର୍ଥନା କରିଥାଏ ଏବଂ ତାଙ୍କ ଆଦେଶ ଓ ଧାର୍ଯ୍ୟସୀମାକୁ ସମ୍ମାନ ଦୃଷ୍ଟିରେ ଦେଖେ ସେ ନିଶ୍ଚିତ ରୂପେ ଅଲ୍ଲାଃଙ୍କ କୃପାର ଭାଗୀଦାର ହୋଇଥାଏ । ଅତଃ ଆମ ଜମାଅତର ମାନ୍ୟକାରୀମାନଙ୍କୁ ଆବଶ୍ୟକ କି ତହଜ୍ଜୁଦ୍‌ର ନମାଜକୁ ନିଜ ଉପରେ ଅନିର୍ବାର୍ଯ୍ୟ କରିନିଅନ୍ତୁ । ଅଧିକ ପଢିନପାରିଲେ ଅତିକମ୍‌ରେ ଦୁଇ ରେକାତ୍ ପଢିନିଅନ୍ତୁ କାରଣ ସେତେବେଳେ ଦୁଆ କରିବାର (ବିଶେଷ) ସୁଯୋଗ ମିଳିଥାଏ ଏବଂ ସେହି ସମୟର ଦୁଆରେ ବିଶେଷ ପ୍ରଭାବ ରହିଥାଏ କାରଣ ତାହା ପୂର୍ଣ୍ଣ ଦରଦ୍ ଓ ଉତ୍ସାହର ସହିତ ଉତ୍ପନ୍ନ ହୋଇଥାଏ । **ଯେପର୍ଯ୍ୟନ୍ତ ଦୁଆପ୍ରତି ହୃଦୟରୁ ବିଶେଷ ଦରଦ୍ ଓ ଉତ୍ସାହ ଉତ୍ପନ୍ନ ହେବ ନାହିଁ ସେପର୍ଯ୍ୟନ୍ତ କାହାର ଗଭୀର ନିଦ୍ରା କିଭଳି ଭଙ୍ଗ ହେବ** । ସୁତରାଂ (ତହଜ୍ଜୁଦ୍) ସମୟରେ ଉଠିବା ହିଁ ଏକ ପ୍ରକାର ଦରଦ୍ ଉତ୍ପନ୍ନ କରିଦେଇଥାଏ । କିନ୍ତୁ ଯଦି ଉଠିବାରେ ଅଳସୁଆମି ଓ ଅବହେଳା ମନୋଭାବ ରହିଥାଏ ତେବେ କଦାପି ସେହି ଦରଦ୍ ଓ ଉତ୍ସାହ ଉତ୍ପନ୍ନ ହୋଇନଥାଏ କାରଣ ନିଦ ତ ଦୁଃଖକଷ୍ଟକୁ ଦୂର କରିଦେଇଥାଏ କିନ୍ତୁ ଯେତେବେଳେ ଜଣେ ନିଦ ଭଙ୍ଗ କରି (ନମାଜ ପାଠ) ନିମନ୍ତେ ଛିଡ଼ାହୁଏ, ତାହା ଦର୍ଶାଇଥାଏ କି କିଛି ଦରଦ୍ ଓ ଅବଶୋଶ ରହିଯାଇଛି ଯାହାକି ତାହାର (ପ୍ରିୟ) ନିଦଠାରୁ ମଧ୍ୟ ବଳି ଅଟେ ଯାହାକି ତାହାର ନିଦ ଭଙ୍ଗ କରିଦେଇଛି ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯାହାକି ଆମ ଜମାଅତକୁ ପାଳନ କରିବା ଉଚିତ୍ ତାହା ଏହି କି ଯେ, ଅଯଥା ଓ ମନ୍ଦ କଥାବାର୍ତ୍ତାରୁ ନିଜକୁ ନିବୃତ ରହିବା । ମନେରଖ ଜିଭ ଶରୀରର ମୂଖ୍ୟଦ୍ୱାର ଅଟେ ତେଣୁ ଜିଭକୁ ପବିତ୍ର ରଖିବା ଦ୍ୱାରା ବ୍ୟକ୍ତିତ୍ୱ ମଧ୍ୟରେ ଅଲ୍ଲାଃଙ୍କ ପ୍ରବେଶ ହୋଇଥାଏ । ଯେତେବେଳେ ଅଲ୍ଲାଃ ଦ୍ୱାରରେ ପହଂଚିଯାନ୍ତି ସେତେବେଳେ ଭିତରକୁ ପ୍ରବେଶ କରିବା ବା କ'ଣ ଆଶ୍ଚର୍ଯ୍ୟର କଥା । ହଜୁର ଆ.ସ କୁହନ୍ତି ପୁଣି ମନେରଖ ଅଲ୍ଲାଃ ଓ ସୃଷ୍ଟିର କର୍ତ୍ତବ୍ୟ ସମ୍ପାଦନ କରିବାରେ ଜାଣିବୁଝି କଦାପି ହେୟଜ୍ଞାନ କରିବା ଉଚିତ୍ ନୁହେଁ । ଯେ ଏସବୁ କଥା ନିଜ ସମ୍ମୁଖରେ ରଖି ଦୁଆ କରିଥାଏ ଆମେ ବିଶ୍ୱାସ ରଖୁଛୁ ଯେ, ଅଲ୍ଲାଃ ଏପରି ବ୍ୟକ୍ତି ଉପରେ ନିଜ କୃପା ବର୍ଷଣ କରିଥାନ୍ତି ଏବଂ ସେ (ବିପଦରୁ) ରକ୍ଷା ପାଇଯାଇଥାଏ ।

ପୁନଶ୍ଚ ହଜରତ ମସିହ ମଉଦ ଆ.ସ କୁହନ୍ତି- ପାପ ଏକ ବିଷ ଅଟେ ଯାହାକି ମଣିଷକୁ ଧ୍ୱଂସ କରିଦେଇଥାଏ ଏବଂ ଅଲ୍ଲାଃଙ୍କ କୋପକୁ ପ୍ରଜ୍ୱଳିତ କରିଥାଏ । ଅପକର୍ମ ଦ୍ୱାରା କେବଳ ଅଲ୍ଲାଃଙ୍କ ଭୟ ଓ ପ୍ରେମ ଦୂର ହୋଇଥାଏ । ଆପଣ କୁହନ୍ତି ଦୁଆ କରିବାରୁ ନିବୃତ ରୁହ ନାହିଁ, କ୍ଷମା ପ୍ରାର୍ଥନା କରୁଥାଅ । **ସେହି ଦୁଆ ଫଳପ୍ରଦ ହୋଇଥାଏ ଯେତେବେଳେ ହୃଦୟ ଅଲ୍ଲାଃଙ୍କ ନିକଟରେ ତରଳିଯାଏ ଏବଂ ଅଲ୍ଲାଃଙ୍କ ବ୍ୟତୀତ ରକ୍ଷା ପାଇବାର ଅନ୍ୟ କୌଣସି ମାର୍ଗ ଦିଶେ ନାହିଁ । ଯେ ଅଲ୍ଲାଃଙ୍କ ନିକଟକୁ ଅଗ୍ରସର ହୁଏ ଏବଂ ଅଧୈର୍ଯ୍ୟ ହୋଇ ଶାନ୍ତିର ପଥିକ ହୋଇଯାଏ ଶେଷରେ ସେ ହିଁ ରକ୍ଷା ପାଇଥାଏ** ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ମଣିଷ ପାଇଁ ଆବଶ୍ୟକ କି କୌଣସି ଅସୁବିଧାର ସମ୍ମୁଖୀନ ନହେଲେ ମଧ୍ୟ ଦୁଆ କରିବାକୁ ହାତଛଡ଼ା କରିବା ଉଚିତ୍ ନୁହେଁ କାରଣ ତାହାକୁ କ'ଣ ଜଣା କି ଅଲ୍ଲାଃଙ୍କର କି ଉଦ୍ଦେଶ୍ୟ ରହିଛି ଏବଂ କାଲି କ'ଣ ଘଟିବ । ସୁତରାଂ ପୂର୍ବରୁ ହିଁ ଦୁଆ କରୁଥାଅ ଯଦ୍ୱାରା ରକ୍ଷା କରାଯିବ । ହଜୁର ଆ.ସ କୁହନ୍ତି ଅନେକ ସମୟରେ ବିପଦ ଓ ଦୁଃଖ ଏପରି ହଠାତ୍ ମାଡ଼ିଆସିଥାଏ କି ମଣିଷ ଦୁଆ କରିବାର ମଧ୍ୟ ସୁଯୋଗ ପାଇନଥାଏ । ଅତଃ ଯଦି ପୂର୍ବରୁ ଦୁଆ ଅବ୍ୟାହତ ରଖିଥିବ ତେବେ ତାହା ଅସମୟରେ କାମରେ ଆସିଥାଏ ।

ପୁଣି ପବିତ୍ର କୋରାନର ଆରମ୍ଭ ହିଁ ଦୁଆରୁ ହୋଇଛି, ଏଥିସମ୍ବନ୍ଧରେ ହଜୁର ଆ.ସ କୁହନ୍ତି- ମନେରଖ ଅଲ୍ଲାଃତାଲା ପବିତ୍ର କୋରାନର ଆରମ୍ଭ ଦୁଆରୁ କରିଛନ୍ତି ଏବଂ ଶେଷ ମଧ୍ୟ ଦୁଆରେ କରିଛନ୍ତି ଅର୍ଥାତ ସୁରାଃ ଫାତିହାରେ ଦୁଆ ଓ ସୁରାଃ ନାସ୍‌ରେ ମଧ୍ୟ ଦୁଆ ରହିଛି । ଏହାର ଅର୍ଥ ମଣିଷ ଏଭଳି ଦୁର୍ବଳ ଯେ, ଅଲ୍ଲାଃଙ୍କ କୃପା ବ୍ୟତୀତ ତାହାର ପବିତ୍ର ହେବା ଅସମ୍ଭବ ଏବଂ ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ସାହାଯ୍ୟ ଓ ଅନୁକମ୍ପା ପ୍ରାପ୍ତ ହୋଇନଥାଏ ସେ ପୁଣ୍ୟ ଅର୍ଜନ ହିଁ କରିପାରି ନଥାଏ । ଆପଣ କୁହନ୍ତି ହଦିସ୍‌ରେ ବର୍ଣ୍ଣିତ ରହିଛି, ସମସ୍ତେ ମୃତ କିନ୍ତୁ ଯାହାକୁ ଅଲ୍ଲାଃ ଜୀବନ ପ୍ରଦାନ କରନ୍ତି ଏବଂ ସମସ୍ତେ ପଥଭ୍ରଷ୍ଟ କିନ୍ତୁ ଯାହାକୁ ଅଲ୍ଲାଃ ସତ୍‌ପଥ ପ୍ରଦାନ କରନ୍ତି ଏବଂ ସମସ୍ତେ ଅନ୍ଧ କିନ୍ତୁ ଯାହାକୁ ଅଲ୍ଲାଃ ଦୃଷ୍ଟି ଶକ୍ତି ପ୍ରଦାନ କରିଥାନ୍ତି । ତେବେ ଏହା ହିଁ ସତ୍ୟ ଯେ, ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ କୃପା ହାସଲ ହୋଇନଥାଏ ସେପର୍ଯ୍ୟନ୍ତ ସଂସାର ପ୍ରେମର ସିକୁଳି ବେକର ହାର ହୋଇ ଝୁଲିଥାଏ ଏବଂ କେବଳ ସେହିମାନେ ହିଁ ମୁକ୍ତି ଲାଭ କରିଥାନ୍ତି ଯେଉଁମାନଙ୍କ ଉପରେ ଅଲ୍ଲାଃ ନିଜର କୃପା ବର୍ଷଣ କରିଥାନ୍ତି କିନ୍ତୁ ମନେରଖିବା ଉଚିତ୍ ଯେ, ଅଲ୍ଲାଃଙ୍କ କୃପା ମଧ୍ୟ ଦୁଆରୁ ଆରମ୍ଭ ହୋଇଥାଏ । ତେଣୁ ଏଥିପାଇଁ ମଧ୍ୟ ଦୁଆ କରିବାକୁ ହେବ ।

ପୁଣି ଦୁଆ ସ୍ୱୀକାର ହେବା ନିମନ୍ତେ ଆବଶ୍ୟକ କି ମଣିଷ ପ୍ରତ୍ୟେକ ଦିନ ପୁଣ୍ୟକର୍ମରେ ଉନ୍ନତି କରିଚାଲିବା ଉଚିତ୍ । ଅଲ୍ଲାଃଙ୍କ ସାହାଯ୍ୟ ସେହିମାନଙ୍କ ସହିତ ରହିଥାଏ ଯେ ସର୍ବଦା ପୁଣ୍ୟକର୍ମରେ ଆଗକୁ ବଢିଚାଲିଥାନ୍ତି । ଗୋଟିଏ ସ୍ଥାନରେ ଅଟକିଯାଇ ନଥାନ୍ତି ଏବଂ ଶେଷରେ ସେହିମାନେ ହିଁ କୃତକାର୍ଯ୍ୟ ହୋଇଥାନ୍ତି । ହଜୁର ଆ.ସ କୁହନ୍ତି ଅଲ୍ଲାଃତାଲା ପବିତ୍ର କୋରାନରେ ଏହି ଦୁଆ ଶିକ୍ଷା ଦେଇଛନ୍ତି କି **ଅସ୍‌ଲିହ୍ ଲି ଫିଁଜୁର୍‌ରିୟତି** ଅର୍ଥାତ ମୋ ସ୍ତ୍ରୀପିଲାଙ୍କର ମଧ୍ୟ ସୁଧାର କରିଦିଅ । ନିଜ ଅବସ୍ଥାରେ ପବିତ୍ର ପରିବର୍ତ୍ତନ ଓ ନିଜ ପତ୍ନୀ ତଥା ସନ୍ତାନମାନଙ୍କ ପାଇଁ ମଧ୍ୟ ଦୁଆ କରିବା ଉଚିତ୍ କାରଣ ଅଧିକାଂଶ ଅସୁବିଧା ମଣିଷ ଉପରେ ତାହାର ସନ୍ତାନ ଓ ପତ୍ନୀ ଯୋଗୁଁ ଆସିଥାଏ । ତେଣୁ ସେମାନଙ୍କ ସୁଧାର ନିମନ୍ତେ ପୂର୍ଣ୍ଣ ମନଯୋଗ କରିବା ଏବଂ ସେଥିପାଇଁ ଦୁଆ କରିବାକୁ ଅକ୍ଷୁର୍ଣ୍ଣ ରଖିବା ଉଚିତ୍ । ଆପଣ କୁହନ୍ତି ଆମେ ତ ଏହି ଉପଦେଶ ଦେବୁ କି ନିଜକୁ ସର୍ବୋତ୍କୃଷ୍ଟ ଓ (ଅନ୍ୟମାନଙ୍କ ପାଇଁ) ଉଦାହରଣ ପାଲଟିବାକୁ ଚେଷ୍ଟା କର । ଯେପର୍ଯ୍ୟନ୍ତ ଦେବଦୂତଙ୍କ ପରି ହୋଇନଯାଅ ସେପର୍ଯ୍ୟନ୍ତ କିଭଳି କୁହାଯାଇପାରିବ କି ଜଣେ ପବିତ୍ର ଅଟେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଭାଗ୍ୟବାନ ସେହି କଏଦି ଯେ ଦୁଆ କରିଥାଏ ଏବଂ ଥକିପଡ଼ି ନଥାଏ କାରଣ ଦିନେ ସେ ମୁକ୍ତି ଲାଭ କରିବ । ଭାଗ୍ୟବାନ ସେ ଅନ୍ଧ ଯେ ଦୁଆ କରିବାରେ ଅଳସୁଆମି ପ୍ରଦର୍ଶନ କରିନଥାଏ କାରଣ ଦିନେ ସେ ଦୃଷ୍ଟି ଶକ୍ତି ଫେରି ପାଇବ । ଭାଗ୍ୟବାନ ସେହି କବରରେ ପଡ଼ିଥିବା (ଲୋକେ) ଯେ ଦୁଆ କରିବା ସହିତ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରିଥାନ୍ତି କାରଣ ଦିନେ ସେମାନେ କବରରୁ ପଦାକୁ ବାହାରି ଆସିବେ ।

ପୁନଃ ହଜୁର ଆ.ସ କୁହନ୍ତି- ଭାଗ୍ୟବାନ ତୁମେ ଯେ ଦୁଆ କରିବାରେ ଥକିପଡ଼ିବା ଓ ଅଳସୁଆମି ପ୍ରଦର୍ଶନ କରିନଥାଅ ଏବଂ ତୁମର ଆତ୍ମା ଦୁଆ କରିବା ନିମନ୍ତେ ତରଳିଯିବା ସହିତ ତୁମ ଆଖି ଅଶ୍ରୁ ଝରାଏ, ତୁମ ହୃଦୟରେ ଏକ ଅଗ୍ନି ଉତ୍ପନ୍ନ ହୋଇଥାଏ ଏବଂ ଏକାନ୍ତର ସ୍ୱାଦ ଲାଭ କରିବା ନିମନ୍ତେ ଅନ୍ଧାର କୋଠରୀ ଓ ଜନଶୂନ୍ୟ ସ୍ଥାନମାନଙ୍କୁ ନେଇଯାଇଥାଏ । ତୁମକୁ ଅଥୟ, ପାଗଳ ଓ ଅସ୍ତିତ୍ୱ ଶୂନ୍ୟ କରିଦେଇଥାଏ କାରଣ

ଶେଷରେ ତୁମ ଉପରେ କୃପା ବର୍ଷଣ ହୋଇଥାଏ । ସେହି ପରମେଶ୍ୱର ଯାହାଙ୍କ ନିକଟକୁ ଆମେ ତୁମକୁ ଡ଼ାକରା ଦେଉଅଛୁ ସେ ଅତ୍ୟନ୍ତ ଦୟାଳୁ, କୃପାଳୁ, ସତ୍ୟବାଦୀ, ବିଶ୍ୱସ୍ତ ଓ ନମ୍ରସ୍ୱଭାବିଙ୍କ ଉପରେ ଦୟା ଆଚରଣକାରୀ ଅଟନ୍ତି । ଅତଃ ତୁମେ ମଧ ବିଶ୍ୱସ୍ତ, ପୂର୍ଣ୍ଣ ସତ୍ୟବାଦୀ ଓ ନିଷ୍ଠାର ସହିତ ଦୁଆ କର ଯଦ୍ୱାରା ସେ ତୁମ ସହ ଦୟା ଆଚରଣ କରିବେ । ସାଂସାରିକ ଐଶ୍ୱର୍ଯ୍ୟ ଓ ଚିତ୍କାରରୁ ଅଲଗା ହୋଇଯାଅ ଏବଂ ପାରସ୍ପରିକ କଳହକୁ ଧର୍ମର ରୂପ ଦିଅନାହିଁ । ଅଲ୍ଲାଃଙ୍କ ଖାତିର୍ ହାରିଯାଅ ଓ ପରାଜୟକୁ ସ୍ୱୀକାର କରିନିଅ ଯଦ୍ୱାରା ତୁମେ ବଡ଼ ବଡ଼ ବିଜୟର ଉତରାଧିକାରୀ ହେବ । ଦୁଆକାରୀଙ୍କୁ ଅଲ୍ଲାଃ ଚମ୍ତ୍କାର ଦେଖାଇଥାନ୍ତି ଏବଂ ମାଗୁଥିବା ବ୍ୟକ୍ତିକୁ ଅସରନ୍ତି ପୁରସ୍କାର ପ୍ରଦାନ କରିଥାନ୍ତି । ଦୁଆ ଅଲ୍ଲାଃଙ୍କ ତରଫରୁ ଆସିଥାଏ ଏବଂ ଅଲ୍ଲାଃଙ୍କ ପକ୍ଷକୁ ହିଁ (ଫେରି) ଯାଇଥାଏ । ଦୁଆ କରିବା ଦ୍ୱାରା ଅଲ୍ଲାଃ ଏଭଳି ନିକଟବର୍ତୀ ହୋଇଥାନ୍ତି ଯେପରି ତୁମର ଜୀବନ ତୁମ ସହ ସଲଗ୍ନ ରହିଛି । ଦୁଆକାରୀକୁ ପ୍ରଥମ ପୁରସ୍କାର ଏହା ମିଳିଥାଏ କି ତାହା ଭିତରେ ପବିତ୍ର ପରିବର୍ତନ ପରିଲକ୍ଷିତ ହୋଇଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଅଲ୍ଲାଃ ଯେଉଁ ଅସ୍ତ୍ର ହଜରତ ମସିହ ମଉଦ ଆ.ସଙ୍କୁ ପ୍ରଦାନ କରିଛନ୍ତି ତାହା ହିଁ ଆପଣଙ୍କ ମାନ୍ୟକାରୀମାନଙ୍କୁ ପ୍ରୟୋଗ କରିବାକୁ ହେବ । ଏହି ଅସ୍ତ୍ର ଆମକୁ **ଇନ୍ନଶା ଅଲ୍ଲାଃ** ଅସୁବିଧାରୁ ରକ୍ଷା କରିବା ସହିତ ଶତ୍ରୁକୁ ପରାଜିତ ଓ ଅପମାନିତ କରିବ । ସୁତରାଂ ଏଥିପ୍ରତି ପ୍ରତ୍ୟେକ ଅହେମଦିଙ୍କୁ ଧ୍ୟାନ ଦେବା ଆବଶ୍ୟକ । ଶେଷରେ ହଜରତ ମସିହ ମଉଦ ଆ.ସଙ୍କର ଏକ ଦୁଆ ଯାହାକି ଆପଣ (ମୁସଲମାନ) ସମ୍ପ୍ରଦାୟ ନିମନ୍ତେ କରିଛନ୍ତି ଉପସ୍ଥାପନ କରୁଅଛି । ହଜୁର ଆ.ସ କୁହନ୍ତି-

ହେ ମୋର ପ୍ରଭୁ ! ମୋ ସମ୍ପ୍ରଦାୟ ଓ ମୋ ଭାଇମାନଙ୍କ ସମ୍ବନ୍ଧରେ ମୋର ଦୁଆ ଓ କାତରୋକ୍ତି ସ୍ୱୀକାର କର । ତୁମ ଅବତାର ଖାତମୁନ୍ ନବୀଇନ୍ ଓ ପାପୀମାନଙ୍କ ପାଇଁ କ୍ଷମା ପ୍ରାର୍ଥନକାରୀ ଯାହାଙ୍କ ପ୍ରାର୍ଥନା ସ୍ୱୀକାର କରାଯିବ ତାଙ୍କ ମାଧ୍ୟମରେ ଅନୁରୋଧ କରୁଅଛି ହେ ପ୍ରଭୁ! ଏମାନଙ୍କୁ ଅନ୍ଧାରରୁ ନିଜ ପ୍ରକାଶକୁ କାଢିଆଣ । ହେ ପ୍ରଭୁ! ସେମାନଙ୍କ ଉପରେ ଦୟା ଆଚରଣ କର ଯେ ମୋତେ ଅଭିଶାପ ଦେଇଛନ୍ତି ଓ ମୋ ହାତ କାଟୁଛନ୍ତି । ଏହି ସମ୍ପ୍ରଦାୟକୁ ରକ୍ଷା କର ଏବଂ ନିଜର ସତ୍‌ଶିକ୍ଷା ଏମାନଙ୍କ ହୃଦୟରେ ଉନ୍ମୋଚନ କରିଦିଅ । ସେମାନଙ୍କ ପାପ ଓ ଅପକର୍ମକୁ ଅଣଦେଖା କର ଓ ତାଙ୍କୁ କ୍ଷମା ଦିଅ । ସେମାନଙ୍କୁ ଶାନ୍ତି ପ୍ରଦାନ କର ଓ ତାଙ୍କର ସୁଧାର କରିଦିଅ ତଥା ସେମାନଙ୍କୁ ପବିତ୍ର କରିଦିଅ, ସେମାନଙ୍କୁ ଏଭଳି ଚକ୍ଷୁ ପ୍ରଦାନ କର ଯଦ୍ୱାରା ସେମାନେ (ସତ୍ୟକୁ) ଦେଖିପାରିବେ, ଏଭଳି କାନ ପ୍ରଦାନ କର ଯେଉଁଥିରେ ସେମାନେ ଶୁଣିପାରିବେ, ଏଭଳି ହୃଦୟ ପ୍ରଦାନ କର ଯେଉଁଥିରେ ସେମାନେ ହୃଦୟଙ୍ଗମ କରିପାରିବେ, ଏଭଳି ପ୍ରକାଶ ପ୍ରଦାନ କର ଯଦ୍ୱାରା ସେମାନେ ବୁଝିପାରିବେ । ଯାହାସବୁ ସେମାନେ କହୁଛନ୍ତି ତାହାକୁ ଭୃକ୍ଷେପ କର ନାହିଁ କାରଣ ସେମାନେ ଏପରି ଗୋଷ୍ଠୀ ଅଟନ୍ତି ଯେ ଜାଣନ୍ତି ନାହିଁ କି ସେମାନେ କ'ଣ କରୁଛନ୍ତି । ହେ ପ୍ରଭୁ ! ହଜରତ ମହମ୍ମଦ ସ.ଆ ଓ ଆପଣଙ୍କ ଉଚ୍ଚ ପଦର ଶଦ୍‌କା ଏବଂ ସେହିମାନଙ୍କ ଶଦ୍‌କା ଯେ ରାତି (ତୁମକୁ ସ୍ମରଣ କରିବାରେ) ଅତିବାହିତ କରିବା ସହିତ ଦିନବେଳା ଯୁଦ୍ଧ କରୁଛନ୍ତି ଏବଂ ସେମାନଙ୍କ ବାହନର ଶଦ୍‌କା ଯେ ରାତିରେ ତିବ୍ର ବେଗରେ ଦୌଡୁଛନ୍ତି ଏବଂ ସେହି ଯାତ୍ରାର ଶଦ୍‌କା ଯାହାକି **ଉମ୍ମୁଲ୍ କୁର୍‌ରା** (ମକ୍କା) ପ୍ରତି କରାଯାଇଥାଏ । ଆମ ଓ ଆମ ଭାଇମାନଙ୍କ ମଧ୍ୟରେ ସନ୍ଧି କରିଦିଅ ଏବଂ ସେମାନଙ୍କ ଆଖି ଖୋଲିଦିଅ ଓ ସେମାନଙ୍କ ହୃଦୟକୁ ଉଜ୍ୱଳ କରିଦିଅ । ସେମାନଙ୍କୁ ସେସବୁ କିଛି ବୁଝାଇଦିଅ ଯାହାକି ତୁମେ ମୋତେ ବୁଝାଇ ଦେଇଛ ଏବଂ ସେମାନଙ୍କୁ ଧର୍ମପରାୟଣତାର ଶିକ୍ଷାଦିଅ, ଯାହାକିଛି ଘଟିଯାଇଛି ତାହାକୁ ଅଣଦେଖା କର ଶେଷରେ ଆମେ ଏହି ଦୁଆ କରୁଅଛୁ କି ତୁମେ ହିଁ ସକଳ ପ୍ରଶଂସାର ଅଧିକାରୀ (ଅଲ୍ଲାଃ) ଯେ ଉଚ୍ଚ ଗଗନର ପାଳନକର୍ତା ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲା ମୁସଲମାନମାନଙ୍କ ଆଖି ଖୋଲନ୍ତୁ ଏବଂ ସେମାନେ ଅଲ୍ଲାଃଙ୍କ ପ୍ରେରିତ (ଦୂତ)ଙ୍କ ବିରୁଦ୍ଧାଚରଣ କରିବାରୁ ନିବୃତ ରହି ତାଙ୍କର ସାହାଯ୍ୟକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୁଅନ୍ତୁ । ଅଲ୍ଲାଃତାଲା ଆମ୍ଭମାନଙ୍କୁ ମଧ ଦୁଆ କରିବାର କର୍ତବ୍ୟ ସମ୍ପାଦନ କରିବାର ଶକ୍ତି ପ୍ରଦାନ କରନ୍ତୁ । ବିଶେଷକରି କାଦିଆନ ଜଲସାରେ ଯୋଗଦେଇଥିବା ଅତିଥିମାନେ ଦୁଆ ପ୍ରତି ବିଶେଷ ମନଯୋଗ କରନ୍ତୁ ଏବଂ ଏହି ଜଲସାରେ ଯୋଗଦେଇ ନିଜ ଭିତରେ ଏକ ଅସାଧାରଣ ପରିବର୍ତନ ଆଣିବାକୁ ଚେଷ୍ଟା କରନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ

ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:

୧୮୦୦ ୩୦୧୦ ୨୧୩୧

(ଶ୍ରୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

## ପବିତ୍ର କୋରାନ୍‌ର ନିୟମିତ ତେଲାୱତ୍(ପଠନ)କରନ୍ତୁ

ସୟଦ୍‌ନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୋ ତାଆଲା ବିନସ୍‌ରିହିଲ୍ ଅଜିଜ୍ କହୁଛନ୍ତି-

''ଅଲ୍ଲାଃତାଲାଙ୍କ ଫଜଲ୍(କୃପା)ରୁ ଆମ୍ଭେ ଅହେମଦୀ ମୁସଲ୍‌ମାନ୍ ସମସ୍ତଙ୍କଠାରୁ ଅଧିକା ସୌଭାଗ୍ୟଶାଳୀ ଲୋକ । କାରଣ ଆମେ ଇମାମେୱକ୍ତ୍ ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାତୋ ୱସ୍‌ସଲାମ୍ ଙ୍କୁ ମାନିବା ପାଇଁ ତୌଫିକ୍ ପ୍ରାପ୍ତ ହୋଇଛି ।.........ଆମେ ଅତ୍ୟନ୍ତ ସୌଭାଗ୍ୟଶାଳୀ ଯେ ଅଲ୍ଲାଃତାଲା ନିଜର ବାବର୍‌କତ୍ ଓ ସମ୍ପୂର୍ଣ୍ଣ ଶରୀୟତ୍ ଜରିଆରେ ଆମର ମାର୍ଗଦର୍ଶନ କରୁଅଛି । ଯାହାକୁ ସେ ଆଁ ହଜ୍‌ରତ୍ ସ୍ୱଲଲ୍ଲାହୋ ଆଲୈହେ ୱସଲ୍ଲମ୍‌ଙ୍କ ଉପରେ ପବିତ୍ର କୋରାନ୍ ରୂପରେ ଅବତୀର୍ଣ୍ଣ କରିଛନ୍ତି । ସେଥିଯୋଗୁ ଆମ ସମସ୍ତଙ୍କ ଉପରେ ଏହା ଧାର୍ଯ୍ୟ ଅଟେ ଯେ ଆମେ ପବିତ୍ର କୋରାନ୍‌କୁ ପଠନ କରିବା କାରଣ କୋରାନ୍ ଆମ ସଫଳତା ଓ ଆମର ମୋକ୍ଷ ପ୍ରତି ମାର୍ଗ ଦର୍ଶନ କରୁଅଛି । ଏହା ହେଉଛି ସେହି ଆଧ୍ୟାତ୍ମିକ ଜ୍ୟୋତି ଯିଏ ଆମକୁ ବାସ୍ତବିକ ରୂପେ ଦୀନ୍(ଧର୍ମ)କୁ ଦୁନିଆ(ସଂସାର) ଉପରେ ଅଗ୍ରାଧିକାର ଦେବା ପାଇଁ ଶିକ୍ଷା ଦେଉଅଛି । ଏହା ହିଁ ଆମର ଶିକ୍ଷକ ଓ ଜୀବନ ପ୍ରକ୍ରିୟା....ତେଣୁ ଆମମାନଙ୍କ ଭିତରୁ ସମସ୍ତେ ଏ କଥାକୁ ନିଶ୍ଚିତ କରିବା ଉଚିତ୍ ଯେ ଆମେ ପବିତ୍ର କୋରାନ୍‌କୁ ନିୟମିତ ଭାବେ ପଠନ କରିବା, ଏହାର ଗଭୀର ଜ୍ଞାନକୁ ଶିଖିବା ପାଇଁ ଚେଷ୍ଟା କରିବା ଏବଂ ଏହାର ପ୍ରତ୍ୟେକ ଶିକ୍ଷା ଉପରେ ଅମଳ କରିବା ପାଇଁ ଚେଷ୍ଟା କରିବା । ଆଜି ଯଦି ଆମର ହୃଦୟ ଓ ବୁଦ୍ଧି ପବିତ୍ର ଓ ସ୍ୱଷ୍ଟ ହୋଇପାରିବ ଏବଂ ଆମ ଭିତରେ ଏକ ପବିତ୍ର ପରିବର୍ତନ ସୃଷ୍ଟି ହୋଇପାରିବ ତେବେ ଏହା କେବଳ ଅଲ୍ଲାଃତାଲାଙ୍କ ବାଣୀକୁ ପଢ଼ିବା ଓ ବୁଝିବା ଫଳରେ ହିଁ ସମ୍ଭବ ହେବ'' ।

(ତା-୨୬ ସେପ୍ଟେମ୍ବର୍ ୨୦୧୬ ରିଖ ଦିନ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଇଂଲଣ୍ଡ୍‌ର ଜାତୀୟ ଇଜିତେମା ଅବସରରେ ଉଦ୍‌ଯାପନୀ ଅଭିଭାଷଣ । ବହୱାଲା ଅଖ୍‌ବାର୍ ବଦର୍ କାଦିଆନ୍, ୭-ସେପ୍ଟେମ୍ବର୍-୨୦୧୭)

(ନଜାରତ୍ ଇସ୍‌ଲାହ ୱ ଇର୍‌ଶାଦ୍ ତାଲିମୁଲ୍ କୁରୁଆନ୍ ୱ ୱକ୍‌ଫେ ଆର୍‌ଜି କାଦିଆନ୍)

*ପୃଷ୍ଠା-୧ ର ଅବଶିଷ୍ଟାଂଶ.......*

ଇମାମୁଦ୍ଦିନ୍‌ଙ୍କ ପାଖକୁ ପଠାଇଲେ । ଓ କହିଲେ ଯେ ତାଙ୍କୁ ବହୁତ ନମ୍ରତାର ସହିତ ବୁଝାଇବ ଯେ ଏ ରାସ୍ତାକୁ ବନ୍ଦ୍ ନକରନ୍ତୁ । ମୋ ଅତିଥିମାନଙ୍କୁ ବହୁତ କଷ୍ଟ ହେଉଛି । ପୁଣି ଆଉ ଏକ ସମାଧାନର ରାସ୍ତା ବତାଇଲେ ଯେ ଯଦି ସେ ଚାହିଁବେ ତେବେ ମୋର ଆଉ କୌଣସି ଜାଗାକୁ ତା ବଦଳରେ ନେଇ ରଖ । ମିର୍ଜା ଇମାମୁଦ୍ଦିନ୍ ଏହା ଶୁଣି କ୍ରୋଧରେ ଜର୍ଜରିତ ହୋଇ କହିଲେ ସେ (ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ) ନିଜେ କାହିଁକି ଆସିଲେ ନାହିଁ । ମୁଁ ତୁମକୁ କଣ ଜାଣିଛି ନା ଚିହ୍ନିଛି । ପୁଣି କଟାକ୍ଷ କରି କହିଲେ ଯେବେଠାରୁ ଓ୍ୱହି ଅବତୀର୍ଣ୍ଣ ହେବା ଆରମ୍ଭ ହେଲାଣି ଜଣାନାହିଁ ତାକୁ କଣ ହୋଇଯାଇଛି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଜିଲ୍ଲାର ବଡ଼ ହାକିମ ଡେପୁଟି କମିଶନର୍ ଗୁର୍‌ଦାସ୍‌ପୁରଙ୍କ ନିକଟକୁ ପ୍ରତିନିଧି ପଠାଇ ନିଜର ଅସୁବିଧାକୁ ଦୂର କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ଡି.ସି ର ବ୍ୟବହାର ମଧ୍ୟ ଅତ୍ୟନ୍ତ ବିରୋଧି ପ୍ରମାଣିତ ହେଲା । ଯେତେବେଳେ ଏହି ଅସୁବିଧାଟି ଦୂର ହେବାପାଇଁ ପ୍ରତ୍ୟେକ ରାସ୍ତା ବନ୍ଦ୍ ହୋଇଗଲା ସେତେବେଳେ ଆପଣଙ୍କ ତରଫରୁ ଗୁରୁଦାସ୍‌ପୁର୍‌ର ଜିଲ୍ଲା ଜଜ୍‌ଙ୍କ ଅଦାଲତରେ ମୋକଦ୍ଦମା ଦରଜ କରିଦିଆଗଲା । ତା- ୧୨ ଅଗଷ୍ଟ ୧୯୦୧ ରିଖ ଦିନ ଏହି ମୋକଦ୍ଦମାର ଫଇସଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସପକ୍ଷରେ ଆସିଲା । ଏବଂ ଜିଲ୍ଲା ଜଜ୍ ମିର୍ଜା ଇମାମୁଦ୍ଦିନ୍‌ଙ୍କ ବିରୋଧରେ ମାନହାନି ମୋକଦ୍ଦମା ବ୍ୟତୀତ ୧୦୦ ଟଙ୍କା କ୍ଷତି ପୂରଣ ମଧ୍ୟ ଲଗାଇଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଓକିଲ ହଜୁର୍‌ଙ୍କ ସହିତ ପରାମର୍ଶ ନକରି ଓ ହଜୁର୍‌ଙ୍କୁ ନଜଣାଇ ଖର୍ଚ୍ଚର ଡିଗ୍ରୀ ନେଇ ତାହା ଆରମ୍ଭ କରିଦେଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେ ସମୟରେ ଗୁର୍‌ଦାସ୍‌ପୁର୍‌ରେ ଥିଲେ । ଏବଂ ସେ କାଦିଆନ୍‌ରେ ନଥିବା ଅବସ୍ଥାରେ ସରକାରୀ ଲୋକେ କାଦିଆନ୍ ଆସିଲେ । ମିର୍ଜା ଇମାମୁଦ୍ଦିନ୍ ସେ ସମୟରେ ମରିଯାଇଥିଲେ । ମିର୍ଜା ନିଜାମୁଦ୍ଦିନ୍ ଜିବୀତ ଥିଲେ । କିନ୍ତୁ ତାଙ୍କର ଅବସ୍ଥା ଏପରି ଥିଲା ଯେ କ୍ଷତି ପୂରଣ ନିମନ୍ତେ ଯେଉଁ ଟଙ୍କା ଦେବାପାଇଁ କୋର୍ଟରୁ ନିର୍ଦ୍ଦେଶ ଆସିଥିଲା, ତାହାର ସାମର୍ଥ୍ୟ ତାଙ୍କର ନଥିଲା । ତେଣୁ କୁର୍କୀ ହେବା ଛଡ଼ା ଆଉ କୌଣସି ରାସ୍ତା ନଥିଲା । ତେଣୁ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ନିକଟରେ କ୍ଷତି ପୂରଣକୁ କ୍ଷମା କରିଦେବା ପାଇଁ ଦରଖାସ୍ତ କଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆସଙ୍କୁ ଯେତେବେଳେ ଏ ଖବର ମିଳିଲା ତ ଆପଣ କହୁଛନ୍ତି ଯେ ମୋତେ ରାତିରେ ନିଦ ଆସିବ ନାହିଁ । ବର୍ତ୍ତମାନ କାଦିଆନ୍ ପଠାଇ ତାଙ୍କୁ କହି ଦିଅନ୍ତୁ ଯେ ଆମେ କ୍ଷତିପୂରଣ ବାବଦରେ ଥିବା ଖର୍ଚ୍ଚକୁ ମାଫ୍ କରିଦେଲୁ । ଏହା ସହିତ ହଜୁର୍ ଆ:ସ ଏହା ଦୁଃଖ ଅନୁଭବ କରି କହିଲେ ଯେ ମୋ ଅଜାଣତରେ ଡିଗ୍ରୀର ନିର୍ଦ୍ଦେଶ କାଦିଆନ୍ ପହଂଚି ଯାଇଛି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଅବସ୍ଥା ବିଷୟରେ କହୁଛନ୍ତି:- ମୁଁ ରାଣ ଖାଇ କହୁଅଛି ଯେ ଯଦି କୌଣସି ବ୍ୟକ୍ତି ମୋତେ ହଜାର ଥର ଦଜ୍ଜାଲ୍ ଓ କଜ୍ଜାବ୍ (ମିଛୁଆ) କହିଥିବ ଓ ମୋ ବିରୋଧରେ ପ୍ରତ୍ୟେକ ପ୍ରକାରର ଚେଷ୍ଟା କରିଥିବ ପୁଣି ସେ ସୁଲାହ୍ କରିବା ପାଇଁ ଚାହିଁବ ତେବେ ମୋ ମନରେ ଏ ଭାବନା ଆସିପାରିବ ନାହିଁ ଯେ ସେ ମୋତେ କଣ କହିଥିଲା ଏବଂ ମୋ ସହିତ କିପରି ବ୍ୟବହାର କରିଥିଲା ।

ଏହି ଇଜ୍‌ଲାସ୍‌ର ତୃତୀୟ ଓ ଶେଷ ତକ୍‌ରୀର୍ ମୋକରମ୍ ମୌଲାନା ସୁଲ୍‌ତାନ୍ ଅହେମଦ୍ ଜଫର୍ ସାହେବ୍ ନାଜିମ୍ ଇର୍ଶାଦ୍ ଓ୍ୱକ୍‌ଫେ ଯଦିଦ୍ କାଦିଆନ୍ "ସଦାକତେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଇନ୍‌ଜାରି ଓ୍ୱ ତବ୍‌ଶିରି ପେଶ୍‌ଗୋଇଓଁ କେ ହଓ୍ୱାଲେ ସେ" (ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସତ୍ୟତା ସଚେତନ ମୂଳକ ଓ ଶୁଭ ଖବରର ଭବିଷ୍ୟବାଣୀ ପ୍ରସଙ୍ଗରେ) କଲେ । ସେ ସୁରା ଇନ୍‌ଆମ୍‌ର ଆୟତ ନଂ-୪୯-୫୦ ଓ ସୁରା ଜିନ୍‌ର ଆୟତ ନଂ-୨୭-୨୮ ତିଲାଓ୍ୱତ୍ କଲେ । ଯେଉଁଥିରେ ଅଲ୍ଲାଃତାଲା କହୁଛନ୍ତି ଯେ ଅଲ୍ଲାଃତାଲାଙ୍କ ତରଫରୁ ଆସିଥିବା ନବୀ ଓ ରସୁଲ୍‌ଙ୍କୁ ମାତ୍ରାଧିକ ଏପରି ଭବିଷ୍ୟତର ଖବର ପ୍ରଦାନ କରାଯାଏ ଯେଉଁଗୁଡିକ ଭିତରେ ଶୁଭ ସମ୍ବାଦ ଓ ସଚେତନ ମୂଳକ ଭବିଷ୍ୟବାଣୀ ରହିଥାଏ । ଏବଂ ଯେତେବେଳେ ଲୋକମାନେ ଏହି ନବୀଙ୍କ ଉପରେ ଇମାନ୍ (ବିଶ୍ୱାସ) ଆଣି ନିଜର ସଂସ୍କାର କରିନିଅନ୍ତି ଅଲ୍ଲାଃତାଲା ସେମାନଙ୍କର ଜୀବନରୁ ପ୍ରତ୍ୟେକ ପ୍ରକାର ଭୟକୁ ଦୂରେଇ ଦେଇଥାଏ ଓ ସବୁ ପ୍ରକାର ଦୁଃଖ କଷ୍ଟରୁ ମୁକ୍ତି ପ୍ରଦାନ କରିଥାଏ ଏବଂ ଯେଉଁ ଲୋକମାନେ ଏହି ନବୀଙ୍କ ଉପରେ ଇମାନ୍ ଆଣନ୍ତି ନାହିଁ ଏବଂ କୁ କର୍ମରେ ଲିପ୍ତ ରୁହନ୍ତି ତାଙ୍କୁ ସେ ଅଜାବ୍ (ଦଣ୍ଡ) ର ସ୍ୱାଦ ଚଖାଇଥାନ୍ତି ।

ସେ ନିଜ ବକ୍ତବ୍ୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅନେକ ବିଶ୍ୱାସବର୍ଦ୍ଧକ ପେଶ୍‌ଗୋଇର ଚର୍ଚ୍ଚା କଲେ । ସେ ଗୋଟିଏ ଶୁଭ ଖବରର ପେଶ୍‌ଗୋଇର ଚର୍ଚ୍ଚା କରି କହିଲେ ଯେ ମୁଁ ଗୋଟିଏ ଏପରି ପେଶ୍‌ଗୋଇର ଚର୍ଚ୍ଚା କରିବି ଯାହାର ପ୍ରକାଶ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗଠାରୁ ନେଇ ଆଜି ପର୍ଯ୍ୟନ୍ତ ବଡ଼ ବୈଭବତାର ସହିତ ଅନୁଷ୍ଠିତ ହୋଇଚାଲିଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃତାଲା ଏ ଶୁଭ ଖବର ଦେଇ କହିଥିଲେ ଯେ ମୈଁ ତେରି ତବ୍‌ଲିଗ୍ କୋ ଜମିନ୍ କେ କିନାରୋଁ ତକ୍ ପହଁଚାଉଙ୍ଗା ଅର୍ଥାତ୍ ମୁଁ ତୋର ବାର୍ତ୍ତାକୁ ପୃଥିବୀର କୋଣ ଅନୁକୋଣରେ ପହଂଚାଇଦେବି ।

ଏହି ଏଲ୍‌ହାମ୍ ୧୮୯୮ ମସିହାରେ ଏପରି ସମୟରେ ହୋଇଥିଲା ଯେତେବେଳେ ଆପଣଙ୍କ ଉପରେ ବିଶ୍ୱାସ ଆଣିଥିବା ଲୋକମାନଙ୍କର ସଂଖ୍ୟା ଦଶ ହଜାର ଥିଲା । ଏପରି ଅବସ୍ଥାରେ ଏହା ଗୋଟିଏ ମହାନ୍ ପେଶ୍‌ଗୋଇ ଅଟେ । କାରଣ ଆଜି ଖୁଦାତାଲାଙ୍କ ଦୟା ବଳରୁ ଯମାତ୍ ଅହେମଦୀୟା ପୃଥିବୀର ୨୧୦ ଟି ଦେଶରେ ପ୍ରସାର ହୋଇସାରିଛି ଓ ଯମାତ୍‌ର ସଂଖ୍ୟା ହଜାର୍‌ରୁ ବାହାରି ଲକ୍ଷ୍ୟ ନୁହେଁ ବରଂ କୋଟି ରେ ପହଂଚିସାରିଛି ।

ଅଲ୍ଲାଃତାଲା ନିଜ ପ୍ରତିଶ୍ରୁତି ମୁତାବକ ମୈଁ ତେରି ତବ୍‌ଲିଗ୍ କୋ ଜମିନ୍ କେ କିନାରୋଁ ତକ୍ ପହଁଚାଉଙ୍ଗା ଅର୍ଥାତ୍ ମୁଁ ତୋର ବାର୍ତ୍ତାକୁ ପୃଥିବୀର କୋଣ ଅନୁକୋଣରେ ପହଂଚାଇଦେବି, ମୁତାବକ ଯମାତ୍‌କୁ ତବ୍‌ଲିଗ୍ କରିବା ପାଇଁ ବହୁତ ଗୁଡିଏ ସାଧନ ପ୍ରଦାନ କରିଛନ୍ତି, ଉଦାହରଣ ସ୍ୱରୂପ ଆଜି ଖିଲାଫତେ ଅହେମଦୀୟାର ଛତ୍ରଛାତ୍ରା ତଳେ ଅହେମଦୀୟତ୍ ଅର୍ଥାତ୍ ବାସ୍ତବିକ ଇସ୍‌ଲାମ୍‌ର ତବ୍‌ଲିଗ୍ ଦୁନିଆର କୋଣ ଅନୁକୋଣରେ ପହଂଚାଇବା ନିମନ୍ତେ ସାରା ପୃଥିବୀରେ ହଜାର ହଜାର ଦାରୁତ୍ ତବ୍‌ଲିଗ୍ (ତବ୍‌ଲିଗ୍ ନିମନ୍ତେ ପ୍ରସ୍ତୁତ ହୋଇଥିବା ମିଶନ୍) ର ପ୍ରତିଷ୍ଠା ହୋଇସାରିଛି । ହଜାର ହଜାର ଓ୍ୱାକିଫିନେ ଜିନ୍ଦେଗି ମୁବଲ୍ଲଗିନ୍ ଏବଂ ମୁଅଲ୍ଲିମିନ୍ କରାମ୍ ତବ୍‌ଲିଗ୍ ଓ ପ୍ରଚାର ପ୍ରସାରର କାର୍ଯ୍ୟ ନିମନ୍ତେ ଦିନ ରାତି ଲାଗି ପଡ଼ିଛନ୍ତି । ଦୁନିଆର ଅନେକ ଦେଶରେ ବିଭିନ୍ନ ଭାଷାରେ ଲିଟିରେଚର୍ ପ୍ରକାଶନ ନିମନ୍ତେ ଆଧୁନିକ ପ୍ରିଂଟିଂ ପ୍ରେସ୍ ପ୍ରତିଷ୍ଠା ହୋଇଛି । ଏପର୍ଯ୍ୟନ୍ତ ୭୫ ଟି ଭାଷାରେ ପବିତ୍ର କୋରାନ୍‌ର ଅନୁବାଦ କରାଯାଇ ପ୍ରକାଶିତ ହୋଇସାରିଛି । ଓ ସବୁଠାରୁ ବଳି ଏମ୍.ଟି.ଏ ର ପ୍ରତିଷ୍ଠା ଯାହାର ତିନୋଟି ଚ୍ୟାନେଲ୍ ସମଗ୍ର ଦୁନିଆରେ ୨୪ ଘଂଟା ଏ ଘୋଷଣା କରୁଅଛି କି-

ଇସ୍‌ମଉ ସୌତସ୍‌ସମାଆ ଜାଆଲ୍ ମସିହ୍ ଜାଆଲ୍ ମସିହ୍
ନିଜ୍ ବିଶ୍‌ନଓ ଅଜ୍‌ଜମିନ୍ ଆମଦ୍ ଇମାମେ କାମ୍‌ଗାର୍

ଏହାପରେ ଦୁଇଜଣ ରାଜନେତା ନିଜର ସଂକ୍ଷିପ୍ତ ଭାଷଣ ପ୍ରଦାନ କଲେ ଓ କଜାକିସ୍ତାନ୍‌ରୁ ଆସିଥିବା ଜଣେ ଅହେମଦୀ ବନ୍ଧୁ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଭାବନାକୁ ଅଭିବ୍ୟକ୍ତ କଲେ ।

(୧) ଅବିନାଶ୍ ରାଏ ଖାନ୍ନା (ପୂର୍ବତନ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍)

ଭାରତୀୟ ଜନତା ପାର୍ଟିର ଉପସଭାପତି ଓ ପୂର୍ବତନ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଅବିନାଶ୍ ରାଏ ଖାନ୍ନା ସାହେବ୍ ନିଜର ଭାବନାକୁ ଅଭିବ୍ୟକ୍ତ କରି କହିଲେ ଯେ ମୁଁ ନିଜକୁ ସୌଭାଗ୍ୟଶାଳୀ ମନେକରୁଛି ଯେ ମୋତେ ଯମାତ୍ ଅହେମଦୀୟାର ଆଧ୍ୟାତ୍ମିକ ଖଲିଫା ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍‌ଙ୍କ ସହିତ ଥରେ ଲଣ୍ଡନ୍‌ଠାରେ ସାକ୍ଷାତ୍ କରିବା ପାଇଁ ସୁଯୋଗ ମିଳିଥିଲା ଓ ଚା ପିଇବା ପାଇଁ ମଧ୍ୟ ଯୁଯୋଗ ମିଳିଥିଲା । ଯମାତ୍ ଅହେମଦୀୟାର ହୁଶିଆର୍‌ପୁର୍ ସହର ସହିତ ଗଭୀର ସମ୍ପର୍କ ଅଛି ଯେଉଁଠାରୁ ମୁଁ ଆସିଛି । ହଜୁର୍ ସେଠାକୁ ମଧ୍ୟ ଆସିଥିଲେ । ମୁଁ ଗର୍ବ ଅନୁଭବ କରୁଛି ଯେ ମୁଁ ସେତେବେଳେ ହଜୁର୍‌ଙ୍କୁ ନିକଟରୁ ଦେଖିଥିଲି ଏବଂ ତାଙ୍କ ସହିତ ସାକ୍ଷାତ୍ ମଧ୍ୟ କରିଥିଲି । ୨୦୧୮ ମସିହା ଆରମ୍ଭ ହେବାକୁ ଯାଉଛି । ମୁଁ ମୋ ତରଫରୁ ଓ ମୋ ପାର୍ଟି ଓ ସମଗ୍ର ଭାରତ ତରଫରୁ ଆପଣମାନଙ୍କ ଶୁଭେଚ୍ଛା ଜଣାଉଛି ଏବଂ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ଯେଉଁ ପ୍ରେମ ଓ ଶାନ୍ତିର ମିଶନ୍‌କୁ ହଜୁର୍ ନେଇ ଚାଲିଛନ୍ତି, ବର୍ଷ-୨୦୧୮ ରେ ଏହା ଆହୁରି ସମୃଦ୍ଧଶାଳୀ ହେଉ । ଏବଂ ସମଗ୍ର ସଂସାରରେ ଶାନ୍ତି ସ୍ଥାପନ ହୋଇଯାଉ । ଯମାତ୍ ୨୧୦ ଟି ଦେଶରେ ପ୍ରତିଷ୍ଠା ହୋଇସାରିଛି । ଏବଂ ଯେକୌଣସି ଦେଶରେ ମଧ୍ୟ ଯମାତ୍‌ର ଲୋକମାନେ ବସବାସ କରୁଛନ୍ତି । ସେ ଦେଶର ଉନ୍ନତି ଓ ସେ ଦେଶର ଶାନ୍ତି ନିମନ୍ତେ କାର୍ଯ୍ୟ କରୁଛନ୍ତି । ସେଥିଯୋଗୁଁ ମଧ୍ୟ ମୁଁ ଆପଣମାନଙ୍କୁ ବହୁତ ବହୁତ ଶୁଭେଛା ଜଣାଉଛି ।

(୨)ସୁଖ୍‌ପାଲ୍ ସିଂ ଖେରା (ବିରୋଧିଦଳର ନେତା ରାଜ୍ୟ ସଂସଦ):- ଆଜି ଆମେ ସମସ୍ତେ ଯମାତ୍ ଅହେମଦୀୟାର ୧୨୩ତମ ଜଲ୍‌ସାସାଲାନରେ ଯୋଗଦେଇଅଛେ । ମୁଁ ଗର୍ବୀତ ଯେ ଏ ଯମାତ୍ ଯିଏ ଏତେବଡ଼ ବିଶାଳ ଷ୍ଟେଜ୍‌ରୁ ଭାଇଚାରା ଓ ଶାନ୍ତି ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଉଅଛି, ମୋତେ ଏହି ଷ୍ଟେଜ୍‌ରେ ଛିଡ଼ା ହୋଇ କିଛି ଶବ୍ଦ କହିବା ପାଇଁ ମୌକା ମିଳିଛି । ପଞ୍ଜାବ୍‌ର ଭୂମିରେ ଯମାତ୍‌ର ପ୍ରତିଷ୍ଠାତା ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ପ୍ରେମ ଓ ସୌହାର୍ଦ୍ଦ୍ୟର ବାର୍ତ୍ତା ପ୍ରସାର କରିଛନ୍ତି । ମୁଁ ଲଣ୍ଡନ୍‌ରେ ଅବସ୍ଥିତ ଯମାତ୍‌ର ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍‌ଙ୍କୁ ଶୁଭେଚ୍ଛା ଜଣାଉଛି ଯେ ଆପଣଙ୍କ ଯମାତ୍ ଦୁନିଆର ୨୧୦ ଟି ଦେଶରେ ବ୍ୟାପି ସାରିଛି ଓ ଦୁନିଆରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତ୍ତାକୁ ବାଂଟି ଚାଲିଛି । ଆମେ ସର୍ବପ୍ରଥମେ ମନୁଷ୍ୟ, ପୁଣି ହିନ୍ଦୁ ବା ସିଖ୍ ବା ମୁସଲ୍‌ମାନ୍ ଅଟୁ । ଦୁନିଆର ଦୂର ଦୁରାନ୍ତ ଇଲାକାରୁ ଯେଉଁ ଅତିଥିମାନେ ଏହି ଜଲ୍‌ସାରେ ଯୋଗ ଦେଇଛନ୍ତି ମୁଁ ସେ ସମସ୍ତଙ୍କୁ ଅଭନନ୍ଦନ ଜଣାଉଛି ।

(୩) ଆର୍‌ତୁରାଜ୍‌ଗିନ୍ ବାୟୁ ସାହେବ୍ ଅଫ୍ କଜାକିସ୍ତାନ୍:- ଆର୍‌ତୁରାଜ୍‌ଗିନ୍ ବାୟୁ ସାହେବ୍ ଅଫ୍ କଜାକିସ୍ତାନ୍ ନିଜର ଭାବନାକୁ ବ୍ୟକ୍ତ କଲେ । ଯାହାର ଅନୁବାଦ ତାହେର୍ ଅହେମଦ୍ ତାରିକ୍ ସାହେବ୍ ନାଏବ୍ ନାଜିର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିୟା ଉର୍ଦ୍ଦୁ ଭାଷାରେ ସମସ୍ତଙ୍କୁ ଜଣାଇଲେ । ସେ କହିଲେ ମୁଁ ମୋର ଓ ଯମାତ୍ କଜାକିସ୍ତାନ୍ ତରଫରୁ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାହେ ଓ୍ୱ ବର୍‌କାତୁହୁ ର ଉପହାର ପ୍ରଦାନ କରୁଛି । ମୋତେ ୨୦୦୯ ମସିହାରେ ଯମାତ୍ ଅହେମଦୀୟାରେ ସାମିଲ୍

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ.......*

# ଖୁତ୍‌ବା ଜୁମା

✶ ପବିତ୍ର କୋରାନରେ ମୋମିନ୍‌ମାନଙ୍କୁ (ଧର୍ମ) ମାର୍ଗରେ ଅର୍ଥ ବ୍ୟୟ କରିବାର ଅନେକ ସ୍ଥାନରେ ନିର୍ଦ୍ଦେଶ ରହିଛି । ଗୋଟିଏ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି **ୱମା ତୁନ୍‌ଫିକୁ ମିନ୍ ଖୈରିନ୍ ଫଲିଅନ୍‌ଫୁସିକୁମ୍** ଅର୍ଥତ ଅଲ୍ଲାଃଙ୍କ ମାର୍ଗରେ ଯେଉଁ ଅର୍ଥ ତୁମେ ଖର୍ଚ୍ଚ କରିବ ସେଥିରେ ତୁମର ହିଁ ଉପକାର ସାଧିତ ହେବ ଏବଂ ଏଥି ସହିତ ଜଣେ ମୋମିନ୍‌ର ଚିହ୍ନ ଦର୍ଶାଇ ଦେଲେ କି ସେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ନିମନ୍ତେ ହିଁ ଖର୍ଚ୍ଚ କରିଥାଏ । ପୁନଃ କହିଲେ **ୱମା ତୁନ୍‌ଫିକୁନା ଇଲ୍‌ଲବ୍‌ତିଗାଆ ୱଜ୍‌ହିଲ୍ଲାଃ** ଅର୍ଥାତ ତୁମେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ସକାଶେ ଖର୍ଚ୍ଚ କର ।

✶ ଆଜି ଅଲ୍ଲାଃତାଲାଙ୍କ କୃପାରୁ ଭୂପୃଷ୍ଠରେ ଅହେମଦିମାନଙ୍କ ବ୍ୟତୀତ କେହି ନାହାନ୍ତି ଯେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ନିମନ୍ତେ ଧର୍ମ ମାର୍ଗରେ ଅର୍ଥ ବ୍ୟୟ କରିବାର ଭାବନା ରଖୁଛନ୍ତି । ଏକ ଗୋଷ୍ଠୀସମୂହ ଦିଗରୁ ଦେଖିବାକୁ ଗଲେ କେବଳ ଜମାଅତ ଅହେମଦିୟା ଏକ ଏପରି ଜମାଅତ ଯେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ତଥା ଗରିବ, ଅଭାବି ଲୋକମାନଙ୍କ ସାହାଯ୍ୟ କରିବା ବ୍ୟତୀତ ଧର୍ମପ୍ରଚାର ଏବଂ ଇସଲାମର ପ୍ରକୃତ ଛବି ସଂସାରବାସୀଙ୍କୁ ଦେଖାଇବା ନିମନ୍ତେ ସ୍ୱୟଂ କଷ୍ଟ ସହ୍ୟକରି (ଧର୍ମ ମାର୍ଗରେ) ଅର୍ଥ ବ୍ୟୟ କରିଚାଲିଛନ୍ତି ।

✶ ଯାହାକୁ ଆମେ ଖର୍ଚ୍ଚ ହୋଇଗଲା ମଣୁଅଛେ ତାହା ପ୍ରକୃତରେ ଖର୍ଚ୍ଚ ହୋଇନାହିଁ ବରଂ ତାହା ଆମ ଖାତାରେ ଜମା ହୋଇଯାଇଛି ଏବଂ ଯେତେବେଳେ ଆମକୁ ତାହାର ଆବଶ୍ୟକତା ପଡ଼ିବ ଅଲ୍ଲାଃ ଆମକୁ ତାହା ଫେରାଇଦେବେ । ଏହିପରି ଆଉ ଏକ ସ୍ଥାନରେ ବର୍ଣ୍ଣିତ ରହିଛି ହଜରତ ମହମ୍ମଦ ସ.ଆ କହିଲେ- ଅନ୍ତିମ ଦିବସରେ ହିସାବ ନିକାସ ଶେଷ ହେବା ପର୍ଯ୍ୟନ୍ତ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଥିବା ଲୋକେ ନିଜ ଖର୍ଚ୍ଚିତ ପୁଞ୍ଜିର ଛାଇତଳେ ରହିବେ କିନ୍ତୁ ଏଥିସହିତ ଆପଣ ଆଉ ଏକ ସର୍ତ ଲଗାଇଲେ କି ଅବୈଧ ମାର୍ଗରେ ଅର୍ଜନ କରିଥିବା ଅର୍ଥ ଅଲ୍ଲାଃ ପସନ୍ଦ କରନ୍ତି ନାହିଁ ବରଂ ବିଶୁଦ୍ଧ ଧନ ଓ ପରିଶ୍ରମ କରି ଉପାର୍ଜିତ ଅର୍ଥ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କଲେ ଅଲ୍ଲାଃ ତାହା ସ୍ୱୀକାର କରିବେ ।

✶ ହଜୁର ଅନୱର ଅ.ବ କହିଲେ ଏହି ଜମାଅତ ଯାହାକି ଅର୍ଥ ବ୍ୟୟ କରିବାର (ଆହ୍ୱାନ) ଦେଇଥାଏ, ଅଲ୍ଲାଃଙ୍କ ଆଦେଶ ମୁତାବକ ଅଟେ । ଅଲ୍ଲାଃଙ୍କ କୃପାରୁ ଆଜି ମଧ୍ୟ ହଜରତ ମସିହ ମଉଦ ଆ.ସଙ୍କ ଜମାଅତରେ ଏହା ଦୃଶ୍ୟମାନ ହେଉଅଛି । ଅଲ୍ଲାଃତାଲା ଜମାଅତ ଅହେମଦିୟାକୁ (ଧର୍ମ ମାର୍ଗରେ) ଅର୍ଥ ବ୍ୟୟ କରିବାର ଏଭଳି ଉତ୍ସାହ ପ୍ରଦାନ କରିଛନ୍ତି ଯାହାକି ସଂସାରରେ ଅନ୍ୟ କାହାରିକୁ ପ୍ରଦାନ କରିନାହାନ୍ତି ଏବଂ ଏହାର ଅସଂଖ୍ୟ ଉଦାହରଣ ଆମେ ପ୍ରତ୍ୟେକ ବର୍ଷ ଦେଖୁଅଛୁ । ପ୍ରତ୍ୟେକ ବର୍ଷ ପରି ଜାନୁଆରୀ ମାସର ପ୍ରଥମ ଖୁତବା ଜୁମାରେ ମୁଁ **ୱକଫେ୍ ଜଦିଦ୍‌ର** ନୂତନ ବର୍ଷର ଘୋଷଣା କରୁଅଛ

✶ ହଜରତ ମସିହ ମଉଦ ଆ.ସ କୁହନ୍ତି ମୁଁ ନିଜ ଜମାଅତର (ଲୋକଙ୍କ) ପ୍ରେମ ଓ ନିଷ୍ଠାକୁ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଉଛି କି ଏମାନଙ୍କ ମଧ୍ୟରୁ ଖୁବ୍ କମ୍ ରୋଜଗାର କରୁଥିବା ବ୍ୟକ୍ତି ଯେମିତି ମିଆଁ ଜମାଲୁଦ୍ଦିନ୍, ଖୈରୁଦ୍ଦିନ୍ ଓ ଇମାମୁଦ୍ଦିନ୍ କାଶମିର ନିବାସୀ, ଯେ ମୋ ପାଖ ଗ୍ରାମରେ ରୁହନ୍ତି ଯେ ପ୍ରତିଦିନ ମଜୁରୀ ଲାଗି ସମ୍ଭବତଃ ୩/୪ ଅଣା ରୋଜଗାର କରୁଥିବେ କିନ୍ତୁ ମାସିକ ଚାନ୍ଦା ଦେବାରେ ନିୟମିତ ଭାବରେ ଅତ୍ୟନ୍ତ ଉତ୍ସାର ସହିତ ସାମିଲ୍ ହେଉଛନ୍ତି । ପୁଣି ତାଙ୍କର ଜଣେ ବନ୍ଧୁ ମିଆଁ ଅବଦୁଲ୍ ଅଜିଜ୍‌ର ନିଷ୍ଠା ଦେଖି ମଧ୍ୟ ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ । ଅଭାବ ଅନଟନ ସତ୍ତ୍ୱେ ଦିନେ ସେ ୧୦୦ ଟଙ୍କା ଦେଇ କହିଲେ ମୁଁ ଚାହୁଁଛି କି ଏହି ରାଶି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ ହେଉ । ଆପଣ କୁହନ୍ତି ସମ୍ଭବତଃ ଉକ୍ତ ୧୦୦ ଟଙ୍କା ଜମା କରିବାକୁ ସେହି ଗରିବ ଅହେମଦିଙ୍କୁ କେତେ ବର୍ଷ ଲାଗିଥିବ କିନ୍ତୁ ଅଲ୍ଲାଃଙ୍କ ମାର୍ଗରେ ଦାନ କରିବାର ଉତ୍ସାହ ତାଙ୍କ ପ୍ରସନ୍ନତା ଲାଭ କରିବାକୁ ପ୍ରୋତ୍ସାହିତ କରିଦେଲା ।

✶ ଅଲ୍ଲାଃଙ୍କ କୃପାରୁ ୱକଫେ ଜଦିଦ୍‌ରେ ୧୬ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସାମିଲ ଅଛନ୍ତି ଏବଂ ନୂତନ ଯୋଗଦାନକାରୀଙ୍କ ସଂଖ୍ୟା ୨ ଲକ୍ଷ ୬୮ ହଜାର ଅଟେ ।

✶ ଭାରତର ରାଜ୍ୟମାନଙ୍କ ମଧ୍ୟରେ କେରଳ ପ୍ରଥମ ତାପରେ ଜମ୍ମୁ କାଶ୍ମୀର, ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା, ପଶ୍ଚିମବଙ୍ଗ, ପଞ୍ଜାବ, ଉତର ପ୍ରଦେଶ, ମହାରାଷ୍ଟ୍ର ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି । ଆଦୟ ଦୃଷ୍ଟି କୋଣରୁ ଜମାଅତମାନଙ୍କ ମଧ୍ୟରେ କାଲିକଟ ପ୍ରଥମ ସ୍ଥାନ ଅଧିକାର କରିଛି ତାପରେ ହାଇଦ୍ରାବାଦ, ପଥାପୁରମ୍, କାଦିଆନ, କଲିକତା, ବ୍ୟାଙ୍ଗାଲୋର, କାନାନୁର ଟାଉନ୍, ପଙ୍ଗାଡ଼ି, କରୋଲାଇ, କରୁନାଗାପଲ୍ଲୀ ଇତ୍ୟାଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୫ ଜାନୁଆରୀ ୨୦୧୮ ଅନୁଯାୟୀ ୫ ସୁଲାହ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ପବିତ୍ର କୋରାନରେ ମୋମିନ୍‌ମାନଙ୍କୁ (ଧର୍ମ) ମାର୍ଗରେ ଅର୍ଥ ବ୍ୟୟ କରିବାର ଅନେକ ସ୍ଥାନରେ ନିର୍ଦ୍ଦେଶ ରହିଛି । ଗୋଟିଏ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି **ୱମା ତୁନ୍‌ଫିକୁ ମିନ୍ ଖୈରିନ୍ ଫଲିଅନ୍‌ଫୁସିକୁମ୍** ଅର୍ଥତ ଅଲ୍ଲାଃଙ୍କ ମାର୍ଗରେ ଯେଉଁ ଅର୍ଥ ତୁମେ ଖର୍ଚ୍ଚ କରିବ ସେଥିରେ ତୁମର ହିଁ ଉପକାର ସାଧିତ ହେବ ଏବଂ ଏଥି ସହିତ ଜଣେ ମୋମିନ୍‌ର ଚିହ୍ନ ଦର୍ଶାଇ ଦେଲେ କି ସେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ନିମନ୍ତେ ହିଁ ଖର୍ଚ୍ଚ କରିଥାଏ । ପୁନଃ କହିଲେ **ୱମା ତୁନ୍‌ଫିକୁନା ଇଲ୍‌ଲବ୍‌ତିଗାଆ ୱଜ୍‌ହିଲ୍ଲାଃ** ଅର୍ଥାତ ତୁମେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ସକାଶେ ଖର୍ଚ୍ଚ କର । ଅତଃ କିଭଳି ଭାଗ୍ୟବାନ ଅଟନ୍ତି ସେହି ଲୋକମାନେ ଯେ ଏହି ଚିନ୍ତାଧାରା ସହିତ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଥାନ୍ତି ଏବଂ ଆଜି ଅଲ୍ଲାଃତାଲାଙ୍କ କୃପାରୁ ଭୂପୃଷ୍ଠରେ ଅହେମଦିମାନଙ୍କ ବ୍ୟତୀତ କେହି ନାହାନ୍ତି ଯେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ନିମନ୍ତେ ଧର୍ମ ମାର୍ଗରେ ଅର୍ଥ ବ୍ୟୟ କରିବାର ଭାବନା ରଖୁଛନ୍ତି । ଏକ ଗୋଷ୍ଠୀସମୂହ ଦିଗରୁ ଦେଖିବାକୁ ଗଲେ କେବଳ ଜମାଅତ ଅହେମଦିୟା ଏକ ଏପରି ଜମାଅତ ଯେ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ତଥା ଗରିବ, ଅଭାବି ଲୋକମାନଙ୍କ ସାହାଯ୍ୟ କରିବା ବ୍ୟତୀତ ଧର୍ମପ୍ରଚାର ଏବଂ ଇସଲାମର ପ୍ରକୃତ ଛବି ସଂସାରବାସୀଙ୍କୁ ଦେଖାଇବା ନିମନ୍ତେ ସ୍ୱୟଂ କଷ୍ଟ ସହ୍ୟକରି (ଧର୍ମ ମାର୍ଗରେ) ଅର୍ଥ ବ୍ୟୟ କରିଚାଲିଛନ୍ତି ।

ହଦିସ୍‌ରେ ହଜରତ ମହମ୍ମଦ ସ.ଆଙ୍କ ସମ୍ବନ୍ଧରେ ବର୍ଣ୍ଣିତ ରହିଛି- ଅଲ୍ଲାଃ କୁହନ୍ତି ହେ ଆଦମର ସନ୍ତାନ ! ତୁମେ ନିଜ ସମ୍ପତି ମୋ ନିକଟରେ ଜମା କରି ନିଶ୍ଚିନ୍ତ ହୋଇଯାଅ । ସେଥିରେ ନା ନିଆଁ ଲାଗିବାର ଭୟ ଅଛି ନା ତାହା ପାଣିରେ ବୁଡ଼ିବାର ଆଶଙ୍କା ରହିଛି ନା ହିଁ ଚୋରି ହେବାର ଡ଼ର ଅଛି । ମୋ ନିକଟରେ ରଖିଥିବା ସମସ୍ତ ଗୁପ୍ତଧନ ମୁଁ ତୁମକୁ ସମ୍ପୂର୍ଣ୍ଣ ଫେରାଇଦେବି ଯେତେବେଳେ କି ତୁମେ ତାହାର ସବୁଠାରୁ ଅଧିକ ଆବଶ୍ୟକତା ଲୋଡ଼ୁଥିବ ।

ସୁତରାଂ ଯାହାକୁ ଆମେ ଖର୍ଚ୍ଚ ହୋଇଗଲା ମଣୁଅଛେ ତାହା ପ୍ରକୃତରେ ଖର୍ଚ୍ଚ ହୋଇନାହିଁ ବରଂ ତାହା ଆମ ଖାତାରେ ଜମା ହୋଇଯାଇଛି ଏବଂ ଯେତେବେଳେ ଆମକୁ ତାହାର ଆବଶ୍ୟକତା ପଡ଼ିବ ଅଲ୍ଲାଃ ଆମକୁ ତାହା ଫେରାଇଦେବେ । ଏହିପରି ଆଉ ଏକ ସ୍ଥାନରେ ବର୍ଣ୍ଣିତ ରହିଛି ହଜରତ ମହମ୍ମଦ ସ.ଆ କହିଲେ- ଅନ୍ତିମ ଦିବସରେ ହିସାବ ନିକାସ ଶେଷ ହେବା ପର୍ଯ୍ୟନ୍ତ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଥିବା ଲୋକେ ନିଜ ଖର୍ଚ୍ଚିତ ପୁଞ୍ଜିର ଛାଇତଳେ ରହିବେ କିନ୍ତୁ ଏଥିସହିତ ଆପଣ ଆଉ ଏକ ସର୍ତ ଲଗାଇଲେ କି ଅବୈଧ ମାର୍ଗରେ ଅର୍ଜନ କରିଥିବା ଅର୍ଥ ଅଲ୍ଲାଃ ପସନ୍ଦ କରନ୍ତି ନାହିଁ ବରଂ ବିଶୁଦ୍ଧ ଧନ ଓ ପରିଶ୍ରମ କରି ଉପାର୍ଜିତ ଅର୍ଥ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କଲେ ଅଲ୍ଲାଃ ତାହା ସ୍ୱୀକାର କରିବେ । ହଜରତ ମହମ୍ମଦ ସ.ଆଙ୍କ ସାହାବା କିଭଳି (ଧର୍ମ ମାର୍ଗରେ) ଅର୍ଥ ବ୍ୟୟ କରିବାରେ ଭାଗ ନେବାକୁ ଚେଷ୍ଟା କରୁଥିଲେ ତାହାର ବର୍ଣ୍ଣନା ଏପରି ମିଳୁଅଛି ହ. ଅବୁମନସୁର୍ ଅନସାରି କୁହନ୍ତି ହଜୁର ସ.ଆ ଯେତେବେଳେ ଅର୍ଥ ବ୍ୟୟ କରିବା ଓ ସଦ୍‌କା ଦେବାର ଘୋଷଣା କରନ୍ତି ସେତେବେଳେ ଆମମାନଙ୍କ ମଧ୍ୟରୁ କେତେକ ବଜାର ଯାଇ ପରିଶ୍ରମ କରନ୍ତି ଏବଂ ଯାହା ଉପାର୍ଜନ କରନ୍ତି ସେ ସମୁଦାୟ ଉକ୍ତ ପାଣ୍ଠିରେ ପ୍ରଦାନ କରିଦିଅନ୍ତି । ହ. ଅବୁବକର୍ ର.ଅଙ୍କ ସମ୍ବନ୍ଧରେ ବର୍ଣ୍ଣିତ ରହିଛି ଯେତେବେଳେ

ସେ ମୁସଲମାନ ହେଲେ ତାଙ୍କ ନିକଟରେ ନିଜ କାରବାର ଓ ସମ୍ପତି ବ୍ୟତୀତ ୪୦ହଜାର ଅଶରଫି୍ ଥିଲା । ସେ ଚିନ୍ତା କଲେ କି ସବୁକିଛି ଧର୍ମ ମାର୍ଗରେ ଦାନ କରିଦେବି ଏବଂ ସେ ତାହା ହିଁ କଲେ, ପଳାୟନ (ହିଜରତ୍) ସମୟରେ ତାଙ୍କ ନିକଟରେ ମାତ୍ର ୫ ଅଶରଫି୍ ଥିଲା । ଆଜି ସେହି ସୁନା ଅଶରଫି୍ର ଆନୁମାନିକ ମୂଲ୍ୟାୟନ କଲେ ତାହା ସମ୍ଭବତଃ ୧୧/୧୨ ମିଲିୟନ୍ ପାଉଣ୍ଡ ହେବ । ତେବେ ଏପରି ଅବସ୍ଥା ଥିଲା ସାହାବାମାନଙ୍କର ଯେ ଅଭାବ ଅନଟନର କୌଣସି ଖାତିର ନକରି ଅଲ୍ଲାଃଙ୍କ ମାର୍ଗରେ (ଅଜସ୍ର) ଖର୍ଚ୍ଚ କରୁଥିଲେ ଏବଂ ଯେଉଁମାନଙ୍କ ନିକଟରେ କିଛି ନଥିଲା ସେମାନେ ମଧ୍ୟ ପରିଶ୍ରମ କରି ବଳିଦାନ କରୁଥିଲେ ।

ହଜରତ ମସିହ ମଉଦ ଆ.ସଙ୍କ ସାହାବାଙ୍କ ମଧ୍ୟରେ ଆମେ ପ୍ରଥମ ଖଲିଫାଙ୍କ ବଳିଦାନର ଘଟଣାମାନ ଶୁଣିଥାଉ କି ଆପଣ ଅତ୍ୟଧିକ ମାତ୍ରାରେ କୁରବାନି କରିଛନ୍ତି । ଏହିପରି ଡ଼ାଃ ଖଲିଫା ରଶିଦୁଦ୍ଦିନ୍ ସାହେବ ଥିଲେ ଯେ ହ. ଉମ୍ମେ ନାସିରଙ୍କର ପିତା ଥିଲେ । ସେ ହଜରତ ମସିହ ମଉଦ ଆ.ସଙ୍କ ଘୋଷଣା ଶୁଣିବା ସଙ୍ଗେସଙ୍ଗେ କହିଲେ କି ଏଭଳି ଘୋଷଣାକାରୀ କଦାପି ମିଥ୍ୟାବାଦୀ ହୋଇନପାରେ ଏବଂ ବୟତ କରିନେଲେ, ପୁଣି ଅର୍ଥ ବ୍ୟୟ କରିବାରେ ସେ ସର୍ବଦା ଆଗ ଧାଡ଼ିରେ ରହୁଥିଲେ । ସେ ଜଣେ ସରକାରୀ ଡ଼ାକ୍ତର ଥିଲେ ଏବଂ ବେଶ୍ ଭଲ ବେତନ ପାଉଥିଲେ ଏବଂ ତାଙ୍କର ଅଭାବ ବୋଲି କିଛି ନଥିଲା । ହଜରତ ମସିହ ମଉଦ ଆ.ସ ତାଙ୍କୁ ନିଜ ୧୨ଜଣ ହଓ୍ୱାରିଙ୍କ ମଧ୍ୟରେ ସ୍ଥାନ ଦେଇଛନ୍ତି । ହଜରତ ମୁସଲେହ ମଉଦ ର.ଅ ବର୍ଣ୍ଣନା କରନ୍ତି କି ତାଙ୍କ କୁରବାନିର ସ୍ତର ଏତେ ଉର୍ଦ୍ଧ୍ୱରେ ଥିଲା ଯେ ହଜରତ ମସିହ ମଉଦ ଆ.ସ ତାଙ୍କୁ ଏହି ମର୍ଯ୍ୟାଦା ପ୍ରଦାନ କଲେ କି ସେ ଜମାଅତ ପାଇଁ ଏଭଳି କୁରବାନି କରିଛନ୍ତି କି ଭବିଷ୍ୟତରେ ଆଉ ତାଙ୍କୁ କୁରବାନି କରିବାର ଆବଶ୍ୟକତା ନାହିଁ । ଯେତେବେଳେ ଗୁରଦାସ୍‌ପୁରରେ (ହଜୁର ଆ.ସଙ୍କର) ମୁକଦ୍ଦମା ଚାଲିଥିଲା ସେତେବେଳେ ହଜରତ ମସିହ ମଉଦ ଆ.ସ ନିଜ ମାନ୍ୟକାରୀମାନଙ୍କୁ କହିଲେ କି (ଜମାଅତର) ଆବଶ୍ୟକତା ବଢିଚାଲିଛି, ମୁକଦ୍ଦମାର ଖର୍ଚ୍ଚ ପୁଣି ବିଶେଷ କରି ଲଙ୍ଗର୍ (ଭୋଜନାଳୟ)ର ଖର୍ଚ୍ଚ ବଢିଯାଇଛି । ହଜୁର ଆ.ସଙ୍କର ସେଠାରେ ରହିବା ଯୋଗୁଁ ଗୁରଦାସ୍‌ପୁରରେ ଲଙ୍ଗର୍ ଚାଲୁଥିବା ବେଳେ କାଦିଆନରେ ମଧ୍ୟ (ଲଙ୍ଗର୍) ଚାଲୁଥିଲା । ଉଭୟ ସ୍ଥାନରେ ଲଙ୍ଗର୍ ଚାଲିବା ଯୋଗୁଁ ହଜୁର ଆ.ସ ଅର୍ଥ ଦାନ କରିବାର ଘୋଷଣା କଲେ ସୌଭାଗ୍ୟବଶତଃ ସେହି ଦିନ ଖଲିଫା ରଶିଦୁଦ୍ଦିନ୍ ସାହେବଙ୍କୁ ବେତନ ମିଳିଥିଲା । ଅତଃ ସେ ନିଜ ବେତନର ସମୁଦାୟ ରାଶି ଯାହାକି ୪୫୦ଟଙ୍କା ଥିଲା ସେତେବେଳେ ତାହା ବହୁତ ବଡ଼ ରାଶି ଥିଲା ଆଜିକାଲି ତାହା ସମ୍ଭବତଃ ଲକ୍ଷେ ଟଙ୍କା ହେବ ହଜୁର ଆ.ସଙ୍କ ନିକଟକୁ ପ୍ରେରଣ କରିଦେଲେ । ତାଙ୍କୁ କେହି ଜଣେ କହିଲେ କି ନିଜ ଘର ଖର୍ଚ୍ଚ ପାଇଁ କିଛି ରଖିଦିଅ ସେଥିରେ ସେ ଉତର ଦେଲେ ଅଲ୍ଲାଃଙ୍କ ମସିହ କହୁଛନ୍ତି ଧର୍ମର ଆବଶ୍ୟକତା ରହିଛି ତେବେ ମୁଁ କାହା ପାଇଁ ରଖିବି ।

ହଜରତ ମସିହ ମଉଦ ଆ.ସ କୁହନ୍ତି ମୁଁ ନିଜ ଜମାଅତର (ଲୋକଙ୍କ) ପ୍ରେମ ଓ ନିଷ୍ଠାକୁ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଉଛି କି ଏମାନଙ୍କ ମଧ୍ୟରୁ ଖୁବ୍ କମ୍ ରୋଜଗାର କରୁଥିବା ବ୍ୟକ୍ତି ଯେମିତି ମିଆଁ ଜମାଲୁଦ୍ଦିନ୍, ଖୈରୁଦ୍ଦିନ୍ ଓ ଇମାମୁଦ୍ଦିନ୍ କାଶମିର ନିବାସୀ, ଯେ ମୋ ପାଖ ଗ୍ରାମରେ ରୁହନ୍ତି ଯେ ପ୍ରତିଦିନ ମଜୁରୀ ଲାଗି ସମ୍ଭବତଃ ୩/୪ ଅଣା ରୋଜଗାର କରୁଥିବେ କିନ୍ତୁ ମାସିକ ଚାନ୍ଦା ଦେବାରେ ନିୟମିତ ଭାବରେ ଅତ୍ୟନ୍ତ ଉତ୍ସାହ ସହିତ ସାମିଲ୍ ହେଉଛନ୍ତି । ପୁଣି ତାଙ୍କର ଜଣେ ବନ୍ଧୁ ମିଆଁ ଅବଦୁଲ୍ ଅଜିଜ୍‌ର ନିଷ୍ଠା ଦେଖି ମଧ୍ୟ ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ । ଅଭାବ ଅନଟନ ସତ୍ୱେ ଦିନେ ସେ ୧୦୦ ଟଙ୍କା ଦେଇ କହିଲେ ମୁଁ ଚାହୁଁଛି କି ଏହି ରାଶି ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ ହେଉ । ଆପଣ କୁହନ୍ତି ସମ୍ଭବତଃ ଉକ୍ତ ୧୦୦ ଟଙ୍କା ଜମା କରିବାକୁ ସେହି ଗରିବ ଅହେମଦିଙ୍କୁ କେତେ ବର୍ଷ ଲାଗିଥିବ କିନ୍ତୁ ଅଲ୍ଲାଃଙ୍କ ମାର୍ଗରେ ଦାନ କରିବାର ଉତ୍ସାହ ତାଙ୍କ ପ୍ରସନ୍ନତା ଲାଭ କରିବାକୁ ପ୍ରୋତ୍ସାହିତ କରିଦେଲା ।

ହଜୁର ଅନଓ୍ୱର ଅ.ବ କହିଲେ ଏହି ଜମାଅତ ଯାହାକି ଅର୍ଥ ବ୍ୟୟ କରିବାର (ଆହ୍ୱାନ) ଦେଇଥାଏ, ଅଲ୍ଲାଃଙ୍କ ଆଦେଶ ମୁତାବକ ଅଟେ । ଅଲ୍ଲାଃଙ୍କ କୃପାରୁ ଆଜି ମଧ୍ୟ ହଜରତ ମସିହ ମଉଦ ଆ.ସଙ୍କ ଜମାଅତରେ ଏହା ଦୃଶ୍ୟମାନ ହେଉଅଛି । ଅଲ୍ଲାଃତାଲା ଜମାଅତ ଅହେମଦିୟାକୁ (ଧର୍ମ ମାର୍ଗରେ) ଅର୍ଥ ବ୍ୟୟ କରିବାର ଏଭଳି ଉତ୍ସାହ ପ୍ରଦାନ କରିଛନ୍ତି ଯାହାକି ସଂସାରରେ ଅନ୍ୟ କାହାରିକୁ ପ୍ରଦାନ କରିନାହାନ୍ତି ଏବଂ ଏହାର ଅସଂଖ୍ୟ ଉଦାହରଣ ଆମେ ପ୍ରତ୍ୟେକ ବର୍ଷ ଦେଖୁଅଛୁ । ପ୍ରତ୍ୟେକ ବର୍ଷ ପରି ଜାନୁଆରୀ ମାସର ପ୍ରଥମ ଖୁତବା ଜୁମାରେ ମୁଁ **ଓ୍ୱକଫେ୍ ଜଦିଦ୍**ର ନୂତନ ବର୍ଷର ଘୋଷଣା କରୁଅଛି । ସୁତରାଂ ଓ୍ୱକଫେ୍ ଜଦିଦ୍‌ରେ ଅର୍ଥ ବ୍ୟୟ କରିଥିବା କେତେକ ବିଶ୍ୱାସ ବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା କରିବି ।

ବୁରକିନାଫାସୋର ଅମିର ସାହେବ ଲେଖିଛନ୍ତି ଆମ ଏଠାରେ କାରିକି ନାମକ ଏକ ଜମାଅତ ଅଛି ସେଠାରେ ପ୍ରଶାସନ ମାଟି ତଳେ ଫାଇବର ଅପଟିକ୍ ତାର ବିଛାଉଥିଲା । ଜମାଅତର ଖୁଦ୍ଦାମମାନେ ଠିକାଦାର ସହିତ କଥାହେଲେ କି ଆମକୁ ଏକ କିଲୋମିଟର ମାଟି ଖୋଳିବାର କାମ ଦିଅନ୍ତୁ ଅତଏବ କାମ ମିଳିବା ପରେ ଜମାଅତର ଖୁଦ୍ଦାମମାନେ ମିଳିତ ଭାବରେ କାମ କଲେ ଏବଂ ସେହି ବାବଦରେ ତାଙ୍କର ୧ ମିଲିୟନ୍ ଫ୍ରାଙ୍କ ସିଫା ପ୍ରାପ୍ୟ ଥିଲା ଯାହାକି ପାଖାପାଖି ୧୨୫୦ ପାଉଣ୍ଡ ହେବ ତାହାକୁ ସେମାନେ ଓ୍ୱକଫେ ଜଦିଦ୍ ପାଣ୍ଠିରେ ପ୍ରଦାନ କରିଦେଲେ । ଅତଃ ଏହି ଉତ୍ସାହ ଆଜି ଜମାଅତ ଅହେମଦିୟା ବ୍ୟତୀତ ଅନ୍ୟ କୌଣସିଠାରେ ଦେଖିବାକୁ ମିଳୁନାହିଁ ।

ବୁରକିନାଫାସୋର ଜଣେ ସଦସ୍ୟ ନିଜର ଘଟଣା ଚର୍ଚ୍ଚା କରି କୁହନ୍ତି ମୋତେ ଏକ ଯାତ୍ରାରେ ଯିବାର ଥିଲା ଏବଂ ଓ୍ୱକଫେ ଜଦିଦ୍‌ର ବର୍ଷ ଶେଷ ହେଉଥିଲା । ତେଣୁ ଯିବାପୂର୍ବରୁ ମୁଁ ନିଜ ପିଲାମାନଙ୍କୁ କହିଗଲି କି ଫସଲ ଅମଳ ହୋଇଗଲେ ସେଥିରୁ ଏକ ଦଶାଂଶ ଚାନ୍ଦାରେ ଦେଇଦେବ । କିନ୍ତୁ ପିଲାମାନେ ସମସ୍ତ ଶସ୍ୟ ଘରକୁ ନେଇ ଆସିଲେ ଓ ଚାନ୍ଦା ଦେଲେ ନାହିଁ । ସେ କୁହନ୍ତି ଯେତେବେଳେ ମୁଁ ଘରକୁ ଫେରି ଜାଣିବାକୁ ପାଇଲି କି ପିଲାମାନେ ସମସ୍ତ ଶସ୍ୟ ଘରେ ରଖିଛନ୍ତି ସେତେବେଳେ ମୁଁ ସେମାନଙ୍କୁ କହିଲି ବର୍ତମାନ ସମସ୍ତ ଶସ୍ୟ ଘରୁ ବାହାର କର ଏବଂ ଚାନ୍ଦାର ଭାଗ ଅଲଗା କର । ଅତଏବ ପିଲାମାନେ ଚାନ୍ଦା ପାଇଁ ଶସ୍ୟ ବାହାର କରି ଯେତେବେଳେ ପୁନଃ ବାକି ଶସ୍ୟ ଘରେ ରଖିଲେ ସେତେବେଳେ (ଶସ୍ୟ)ର ପରିମାଣ କିଛି କମି ଯାଇନଥିଲା । ପିଲାମାନେ ଏହା ଦେଖି ଆଚମ୍ୱିତ ହୋଇଗଲେ କି ଚାନ୍ଦା ପାଇଁ ଶସ୍ୟ ବାହାର କରିବା ପରେ ମଧ୍ୟ ତାହା ସମାନ ପରିମାଣରେ କିଭଳି ରହିଲା । **ମୁଁ ସେମାନଙ୍କୁ କହିଲି ଅଲ୍ଲାଃତାଲା ତୁମମାନଙ୍କୁ ଦେଖାଇଦେଲେ କି ତାଙ୍କ ମାର୍ଗରେ ଖର୍ଚ୍ଚ କଲେ ଅର୍ଥ କମି ଯାଇନଥାଏ ବରଂ ବଢିଥାଏ** । ଏହା ସେହି ଲୋକମାନଙ୍କ ବିଶ୍ୱାସ ଯେ ସହସ୍ର ମାଇଲ୍ ଦୂରରେ ବସିଛନ୍ତି, ଯେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିଛନ୍ତି

ଚାନ୍ଦା ଦେବା ଫଳରେ ଅସୁବିଧା ଦୂର ହେବା ସହିତ ବିଶ୍ୱାସ ମଧ୍ୟ ସୁଦୃଢ ହେବାର ଏକ ଘଟଣା ଶୁଣନ୍ତୁ । ଆଇଭ୍ରିକୋଷ୍ଟର ଏକ ଜମାଅତ ଦିପଙ୍ଗୋ ରହିଛି । ସେଠାକାର ଜଣେ ଅହେମଦି ବନ୍ଧୁ ଶ୍ରୀମାନ ୟାକୁବ୍ ସାହେବ କହିଲେ– ମୁଁ ଅନେକ ଦିନ ହେଲା ଅହେମଦି ହେଲିଣି କିନ୍ତୁ ଚାନ୍ଦାର ବ୍ୟବସ୍ଥାରେ ସାମିଲ୍ ନଥିଲି । ପ୍ରଥମେ ମୋର ଜୀବନ ସର୍ବଦା ଅସୁବିଧାରେ ଘେରି ରହୁଥିଲା । କେତେବେଳେ ପିଲାମାନେ ବେମାର ତ କେତେବେଳେ ଫସଲ ସମସ୍ୟାକୁ ନେଇ ମୁଁ ଚିନ୍ତିତ ରହୁଥିଲି । କିନ୍ତୁ **ଗତ ତିନି ବର୍ଷ ହେଲା ଓ୍ୱକଫେ ଜଦିଦ୍‌ର ବାବରକତ୍ ବ୍ୟବସ୍ଥାରେ ସାମିଲ୍ ହୋଇ ଅଲ୍ଲାଃଙ୍କ କୃପାରୁ ତାହାର ସ୍ଥାୟୀ ସଦସ୍ୟ ହେବାପରେ ଅଲ୍ଲାଃତାଲା ମୋ ଜୀବନଧାରା ହିଁ ବଦଳାଇ ଦେଇଛନ୍ତି । ବର୍ତମାନ ମୋ ପିଲାମାନେ ପୂର୍ବ ଅପେକ୍ଷା ଅଧିକ ସୁସ୍ଥ ଅଛନ୍ତି ଏବଂ ଫସଲ ମଧ୍ୟ ଅଧିକ ଉତ୍ପାଦନ ହେଉଅଛି** ।

ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ନିମନ୍ତେ ନୂତନ ଅହେମଦିମାନଙ୍କ ମଧ୍ୟରେ ବଳିଦାନର କିଭଳି ଉତ୍ସାହ ଉତ୍ପନ୍ନ ହେଉଅଛି । ଆଇଭ୍ରିକୋଷ୍ଟର ଜଣେ ବନ୍ଧୁ ଶ୍ରୀମାନ ଜବଲୁର୍ ସାହେବ କିଛି ଦିନ ପୂର୍ବେ ଈଶାଇ ଧର୍ମ ପରିତ୍ୟାଗ କରି ଅହେମଦି ହେବାର ସୌଭାଗ୍ୟ ଅର୍ଜନ କଲେ । ସେ ନିଜ ସହରରେ ଏକାକି ଅହେମଦି ଅଟନ୍ତି କିନ୍ତୁ ନିୟମିତ ଭାବରେ ମୋ ଖୁତବା ଶୁଣିବା ସହିତ ଜମାଅତର ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଶୁଣନ୍ତି, ସେ ଜଣେ ଅତ୍ୟନ୍ତ ନିଷ୍ଠାପର ବ୍ୟକ୍ତିତ୍ୱ । ସେ ବିଶ୍ୱାସ ଓ ନିଷ୍ଠାରେ ବହୁତ ଉନ୍ନତି କରିଛନ୍ତି, ବୟତ କରିବା ପରେ ଫ୍ରେନଚ୍ ଭାଷାରେ ଜମାଅତର ପତ୍ରିକା ଅଧ୍ୟୟନ କରିବା ପରେ ବର୍ତମାନ ସେ ଜଣେ ଉତମ ପ୍ରଚାରକ ପାଲଟି ଗଲେଣି । ଇସଲାମ ସମ୍ବନ୍ଧରେ ଅଧିକରୁ ଅଧିକ ଜ୍ଞାନ ହାସଲ କରିପାରିବା ପାଇଁ ସେ ନିଜ ଗ୍ରାମ ଛାଡ଼ି ଆମ ଜମାଅତର ସେଣ୍ଟର ନିକଟରେ ଅବସ୍ଥାପିତ ହୋଇଯାଇଛନ୍ତି । ଏହି ଅବଧିରେ ସେ ବେକାର ଥିଲେ ଏବଂ ସ୍ଥାନ ପରିବର୍ତନ କରିବା ହେତୁ ରୋଜଗାରରେ ମଧ୍ୟ ପ୍ରଭାବ ପଡ଼ିଲା, ସେ କାମ ଖୋଜୁଥିଲେ । କେବଳ ତାଙ୍କ ପତ୍ନୀ ଅଳ୍ପ କିଛି ରୋଜଗାର କରୁଥିଲେ ଯେଉଁଥିରେ ଘର ଚଳୁଥିଲା । ତାଙ୍କୁ ଯେତେବେଳେ ଚାନ୍ଦା ଦେବାକୁ କୁହାଗଲା ସେତେବେଳେ ନିଜର ଏପରି କଷ୍ଟକର ପରିସ୍ଥିତି ସତ୍ୱେ ସେ ୫୦୦୦ ଫ୍ରାଙ୍କ ସିଫା ଚାନ୍ଦା ପ୍ରଦାନ କଲେ ଏବଂ କହିଲେ ଏହା ମୋ ଓ ମୋ ପରିବାରର ଚାନ୍ଦା ଅଟେ, **ଅବଶ୍ୟ ମୋର (ଆର୍ଥିକ) ପରିସ୍ଥିତି କିଛି ଭଲ ନାହିଁ କିନ୍ତୁ ଚାନ୍ଦା ଦେବାର ବରକତ୍‌ରୁ ବଂଚିତ ହେବା ଉଚିତ୍ ନୁହେଁ** ।

ହଜୁର ଅନଓ୍ୱର ଅ.ବ କହିଲେ– ଚାନ୍ଦା ପ୍ରଦାନକାରୀଙ୍କୁ ଅଲ୍ଲାଃତାଲା କିଭଳି ଆତ୍ମ ସନ୍ତୋଷ ପ୍ରଦାନ କରିଥାନ୍ତି । ଏଥିସମ୍ବନ୍ଧରେ ଆଇଭ୍ରିକୋଷ୍ଟରୁ ଆମର ମୁବଲିଗ୍ ସାହେବ ଲେଖିଛନ୍ତି କି ବନ୍ଦୁକୋ ସହର ଇସଲାମର ଗଡ଼ ମଣାଯାଇଥାଏ । ସେଠାରେ ବହୁ ସଂଖ୍ୟାରେ (ଅଣଅହେମଦି) ମୌଲବି ଅଛନ୍ତି । ସେଠାକର ଜଣେ ବନ୍ଧୁ ଶ୍ରୀମାନ

ଅବଦୁର୍ ରହେମାନ ସାହେବ ପ୍ରଚାର ଦ୍ୱାରା ବୟତ କଲେ । ସେ ଏକ ପତ୍ରିକା ପାଠ କରି ଜମାଅତ ସମ୍ବନ୍ଧରେ ଅବଗତ ହୋଇଥିଲେ । ସେ କୁହନ୍ତି ଚାରି ବର୍ଷ ପୂର୍ବେ ମୁଁ ସପରିବାର ଈଶାଈ ଧର୍ମ ଛାଡ଼ି ମୁସଲମାନ ହୋଇଥିଲୁ । କିନ୍ତୁ ମୋ ହୃଦୟ ତୃପ୍ତି ଲାଭ କରିପାରୁନଥିଲା ଯେତେବେଳେ ଜମାଅତ ଅହେମଦିୟା ସମ୍ବନ୍ଧରେ ଖବର ମିଳିଲା ଏବଂ ମିଶନ ହାଉସ୍ ଯାଇ ମୁଁ କେତେକ ପ୍ରଶ୍ନ କଲି ଯାହାର ମୋତେ ସନ୍ତୋଷଜନକ ଉତର ମିଳିବାରୁ ମୁଁ ବୟତ କରିନେଲି । ସେ କୁହନ୍ତି ଯେତେବେଳେ ମୁଁ ବୟତ କଲି ତାହା ଡ଼ିସେମ୍ବର ମାସ ଥିଲା । ମସଜିଦ୍‌ରେ ମୁବଲିଗ୍ ସାହେବ ଚାନ୍ଦା ୱକଫେ୍ ଜଦିଦ୍‌ର ଗୁରୁତ୍ୱ ବର୍ଣ୍ଣନା କରି ଉକ୍ତ ପାଣ୍ଠିରେ ଚାନ୍ଦା ଦେବାକୁ ଆହ୍ୱାନ ଦେଲେ ସେତେବେଳେ ମୋ ପକେଟରେ ୨୦୦୦ ଫ୍ରାଙ୍କ ସିଫା ଥିଲା ସେଥି ମଧ୍ୟରୁ ମୁଁ ୧୦୦୦ ଫ୍ରାଙ୍କ ସିଫା ଉକ୍ତ ପାଣ୍ଠିରେ ପ୍ରଦାନ କରିଦେଲି । ସେ କୁହନ୍ତି **ଅଲ୍‌ହମଦୋଲିଲ୍ଲାଃ** ସେହି ଦିନ ହିଁ ଅଲ୍ଲାଃତାଲା ମୋ ଜୀବନ ବଦଳାଇ ଦେଲେ । ଅଲ୍ଲାଃତାଲା ମୋ କାମରେ ବରକତ୍ ପ୍ରଦାନ କଲେ । ଯେଉଁସ୍ଥାନରେ ମୁଁ କାର୍ଯ୍ୟରତ ସେଠାକାର ଅଫିସର୍ ସମେତ ସମସ୍ତେ ମୋତେ ସମ୍ମାନ ପ୍ରଦାନ କରୁଛନ୍ତି । **ପୁଣି ସୀମିତ ଆମଦାନିରେ ଏଭଳି ବରକତ୍ ପ୍ରଦାନ କଲେ କି ମୁଁ ସୁଖସ୍ୱାଚ୍ଛନ୍ଦ୍ୟ ଭରା ଜୀବନ ଅତିବାହିତ କରୁଅଛି** । ସେ ବୟତ କରିବା ଦିନଠାରୁ ହିଁ ଚାନ୍ଦା ବ୍ୟବସ୍ଥାରେ ସ୍ଥାୟୀ ଅଂଶଗ୍ରହଣକାରୀ ହୋଇଯାଇଛନ୍ତି ।

ମିଶର ଦେଶର ଜଣେ ଅହେମଦି ଶ୍ରୀମାନ ଅବଦୁର୍ ରହେମାନ ସାହେବ କୁହନ୍ତି ଗତ ଜୁମା ଦିନ ମୋ ନିକଟରେ ୧୦୦ ମିଶରୀ ପାଉଣ୍ଡ ଥିଲା ସେଥିମଧ୍ୟରୁ ୫୦ପାଉଣ୍ଡ ମୁଁ ଜମାଅତକୁ ପ୍ରଦାନ କରିଦେଲି ବାକି ୫୦ପାଉଣ୍ଡ ମୁଁ ଯାତାୟତ ଖର୍ଚ୍ଚ ଓ ନିଜ ଆବଶ୍ୟକତା ପୂରଣ କରିବା ନିମନ୍ତେ ରଖିଲି । ମୁଁ ନିଜ ଘର ଓ ଅଂଚଳରୁ ଦୂରରେ ରୁହେ ଯେଉଁଠାରେ ଅଲ୍ଲାଃଙ୍କ ବ୍ୟତୀତ ମୋର (ନିଜର) ବୋଲି କେହି ନାହାନ୍ତି । ତାହାପର ଦିନ ମୁଁ ହଠାତ୍ ଜାଣିବାକୁ ପାଇଲି ମୋର ମାସିକ ବେତନ ଯାହାକି ବିଳମ୍ବରେ ଆସିଥାଏ ଏଥର ଶିଘ୍ର ଆସିଯାଇଛି ଏବଂ ମୋତେ ସେହି ଦିନ ଓସୁଲ୍ କରିବା ଉଚିତ୍ । କିନ୍ତୁ ମୁଁ ଦୁଇ ଦିନ ପରେ ଗଲି, ଯାଇ କ'ଣ ଦେଖୁଛି ପ୍ରଶାସନ ବେତନରେ ୬୦% ଅଭିବୃଦ୍ଧି କରିଦେଇଛନ୍ତି । ବର୍ତମାନ ମୋର ଲକ୍ଷ ରହିଛି କି ଆସନ୍ତା ଜୁମାରେ ମୁଁ ଉକ୍ତ ବେତନର ଅଧା (ରାଶି) ଅଲ୍ଲାଃଙ୍କ ମାର୍ଗରେ ପ୍ରଦାନ କରିଦେବି । ଦୁଆ କରିବେ ଅଲ୍ଲାଃତାଲା ମୋତେ ତାଙ୍କ ମାର୍ଗରେ ଖର୍ଚ୍ଚ କରିବାର ତୃପ୍ତି ପ୍ରଦାନ କରନ୍ତୁ ।

ଭାରତର (ୱକଫେ୍ ଜଦିଦ୍) ଇନସ୍‌ପେକ୍ଟର ଶ୍ରୀମାନ ସଲିମ୍ ଖାଁ ସାହେବ ଲେଖିଛନ୍ତି ମୋତେ ଗୁଜରାଟ ରାଜ୍ୟର ଗସ୍ତ କରିବାର ସୁଯୋଗ ମିଳିଲା ସେଠାକାର ଗୋଟିଏ ଜମାଅତର ଜଣେ ବନ୍ଧୁଙ୍କୁ ଫୋନ୍ ଯୋଗେ କହିଲୁ କି ଆମେ ଆପଣଙ୍କ ନିକଟରେ ଏକ ଘଣ୍ଟା ମଧ୍ୟରେ ପହଂଚୁଛୁ । ଯେତେବେଳେ ତାଙ୍କ ପାଖରେ ପହଂଚିଲୁ ଏବଂ ତାଙ୍କ ସହ କଥାବାର୍ତା ହେଉଥିଲୁ କି ହଠାତ୍ ଦୁଇ ଜଣ ବ୍ୟକ୍ତି ଘର ଭିତରକୁ ଆସି ଉକ୍ତ ବ୍ୟକ୍ତିଙ୍କ ସହ କଥା ହୋଇ ତାଙ୍କ ଫ୍ରିଜ୍ ଉଠାଇ ନେଇଗଲେ । ଇନସ୍‌ପେକ୍ଟର ସାହେବ କୁହନ୍ତି ମୁଁ ତାଙ୍କୁ ପଚାରିଲି ଏସବୁ କ'ଣ ? ସେ କହିଲେ କଥା ଏହି କି ଯେ, ଆପଣ ମୋତେ ଫୋନ୍ କଲେ କି ଏକ ଘଣ୍ଟା ମଧ୍ୟରେ ଆସୁଛନ୍ତି ଏବଂ ଆଜି ମୋ ନିକଟରେ କିଛି ଟଙ୍କା ନଥିଲା ତେଣୁ ଘରେ ପଡ଼ିଥିବା ଫ୍ରିଜ୍ ବିକ୍ରି କରିଦେଲି । ଏଥିରେ ଆମେ ତାଙ୍କୁ କହିଲୁ ଏଭଳି କରିବାର ଆବଶ୍ୟକତା ନାହିଁ ବର୍ତମାନ ମଧ୍ୟ ଫ୍ରିଜ୍ ଫେରାଇ ଆଣନ୍ତୁ । **ସେ କହିଲେ ଏପରି ହୋଇପାରିବ ନାହିଁ କି ମରକଜ୍‌ରୁ ଆମ ଘରକୁ କେହିଆସି ଖାଲି ହାତରେ ଫେରିଯିବେ** । ଫ୍ରିଜ୍‌ର କ'ଣ ଅଛି ତାହା ଆମେ ପରେ ମଧ୍ୟ କଣିନେବୁ **ଇନ୍ନଶା ଅଲ୍ଲାଃ** । ଅଲ୍ଲାଃତାଲା ତାଙ୍କ ରୋଜଗାରରେ (ଅଜସ୍ର) ବରକତ୍ ପ୍ରଦାନ କରନ୍ତୁ । ସେ ଏକ ଭଡ଼ା ଘରେ ରୁହନ୍ତି ଏବଂ ମିସ୍ତୀ କାମ କରନ୍ତି କିନ୍ତୁ ଏପରି ଅଭାବରେ ଥାଇ ମଧ୍ୟ ଅଲ୍ଲାଃଙ୍କ ମାର୍ଗରେ ବଳିଦାନ କରିବାରେ ପଛଘୁଂଚା ଦେଉନାହାନ୍ତି ।

ଏହିପରି ଭାରତର ୱକଫେ ଜଦିଦ୍‌ର ଆଉ ଜଣେ ଇନସ୍‌ପେକ୍ଟର ଶ୍ରୀମାନ ମନଓ୍ୱର୍ ସାହେବ ଉତର ପ୍ରଦେଶର ସାନ୍ଧନ ଜମାଅତର ଗସ୍ତ କଲାବେଳେ ଜମାଅତର ଜଣେ ବନ୍ଧୁଙ୍କ ନିକଟକୁ ୱକଫେ ଜଦିଦ୍‌ର ଚାନ୍ଦା ଆଦାୟ କରିବାକୁ ଗଲେ କିନ୍ତୁ ସେ ନିଜ ଅଭାବର ପରିପ୍ରକାଶ କରି କହିଲେ ବର୍ତମାନ ଅବସ୍ଥା ସ୍ୱଚ୍ଛଳ ନାହିଁ ଆପଣ କାଲି ସକାଳେ ଆସନ୍ତୁ । ସେ କୁହନ୍ତି ଆସନ୍ତା ଦିନ ସକାଳେ ଆମେ ତାଙ୍କ ଘରକୁ ପୁନର୍ବାର ଗଲୁ କିନ୍ତୁ ସେ କହିଲେ (ଅର୍ଥର) ବ୍ୟବସ୍ଥା ହୋଇପାରିଲା ନାହିଁ । ତାଙ୍କର ସାନ ଝିଅ ପାଖରେ ଛିଡ଼ା ହୋଇ ଏସବୁ କଥା ଶୁଣୁଥିଲେ, ସେ ନିଜ ପିତାଙ୍କ ନିକଟକୁ ଆସି କହିଲେ ଆପଣ ମୋତେ ପ୍ରତିଶୃତି ଦେଇଥିଲେ ଶୀତ ଦିନେ ମୋ ପାଇଁ ଜୋତା କିଣିଦେବେ । ଆପଣ ମୋ ଜୋତା ପାଇଁ ଯେଉଁ ରାଶି ଜମା ରଖିଛନ୍ତି ତାହା ମୋତେ ଦିଅନ୍ତୁ । **ପିଲାଟି ଜିଦି କରି ନିଜ ପିତାଙ୍କଠାରୁ ଟଙ୍କା ଆଣି ୱକଫେ ଜଦିଦ୍ ପାଣ୍ଠିରେ ପ୍ରଦାନ କରିଦେଲେ ଏବଂ କହିଲେ ଜୋତା ତ ପରେ କିଣାଯାଇ ପାରିବ ପ୍ରଥମେ ଚାନ୍ଦା ନେଇଯାନ୍ତୁ** ।

ଭାରତର ଆଉ ଜଣେ ଇନସପେକ୍ଟର ଶ୍ରୀମାନ ଫରିଦ୍ ସାହେବ କୁହନ୍ତି ନଭେମ୍ବର ମାସରେ ଉତରପ୍ରଦେଶ ରାଜ୍ୟର ଗସ୍ତ କରିବା ସମୟରେ ଜାଣିବାକୁ ପାଇଲି କି ମେରଠରେ ମଧ୍ୟ ଏକ ଅହେମଦି ପରିବାର ଅଛି ଯାହାଙ୍କର ଅନେକ ବର୍ଷ ହେଲା ଜମାଅତ ସହ ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଛି । ଯେତେବେଳେ ତାଙ୍କ ଘରେ ପହଂଚିଲୁ ଏବଂ ଧର୍ମ ମାର୍ଗରେ ଅର୍ଥ ବ୍ୟୟ କରିବା ପ୍ରତି ତାଙ୍କର ଧ୍ୟାନ ଆକର୍ଷିତ କଲୁ ସେଥିରେ ସେ କହିଲେ ଆମେ କେବଳ ୱକଫେ ଜଦିଦ୍‌ରେ ନୁହେଁ ବରଂ ସମସ୍ତ ଚାନ୍ଦା ଦେବାରେ ଶାମିଲ ହେବାକୁ ଚାହୁଁଛୁ । ଅତଃ ସେ ନିଜ ଆମଦାନି ମୁତାବକ ଧାର୍ଯ୍ୟ ଚାନ୍ଦା ଲେଖାଇବା ସହିତ ୱକଫେ ଜଦିଦ୍ ଓ ତହରିକେ ଜଦିଦ୍ ତଥା (ଜମାଅତର) ଅନ୍ତ ବିଭାଗର ଚାନ୍ଦାସମୂହର ମଧ୍ୟ ବଜେଟ୍ ଲେଖାଇଲେ ଏବଂ ୧୫ହଜାର ଟଙ୍କା ୱକଫେ ଜଦିଦ୍ ଚାନ୍ଦା ଦେଲେ । ଏପରି ଅଲ୍ଲାଃତାଲା ୱକଫେ ଜଦିଦ୍‌ର ବାବରକତ୍ ତହରିକ୍ ମାଧ୍ୟମରେ ଏକ ପରିବାରକୁ ଜମାଅତ ସହ ପୁନଃ ଯୋଡ଼ିଦେଲେ । ହଜୁର ଅନଓ୍ୱର ଅ.ବ କହିଲେ- **ଯେପରି ମୁଁ ପୂର୍ବରୁ ବହୁବାର କହିଆସିଛି କି ଆମ କର୍ମିମାନଙ୍କ ଦ୍ୱାରା ଅବହେଳା ହେଇଯାଉଛି, ଜମାଅତ ସହ ସମ୍ପର୍କ ରଖୁନାହାନ୍ତି । କେତେକ ସମୟରେ ଦିର୍ଘ ସମୟ ପର୍ଯ୍ୟନ୍ତ ସମ୍ପର୍କ ବିଚ୍ଛିନ୍ନ ରହୁଛି ତେଣୁ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ କର୍ମଠ ହେବା ଉଚିତ୍ ଯଦ୍ୱାରା (ସମସ୍ତ) ଲୋକମାନଙ୍କ ନିକଟରେ ପହଂଚିପାରିବେ** ।

ହଜୁର ଅନଓ୍ୱର ଅ.ବ କହିଲେ- ଏସବୁ କିଛି ଘଟଣାବଳୀ ଥିଲା ଯାହାକି ମୁଁ ଉପସ୍ଥାପନ କଲି । ଏସବୁ ଯେଉଁସ୍ଥଳେ ଆମକୁ ଧର୍ମ ମାର୍ଗରେ ବଳିଦାନ କରିବାକୁ ପ୍ରୋତ୍ସାହିତ କରିଥାଏ ସେଠାରେ ହଜରତ ମସିହ ମଉଦ ଆ.ସଙ୍କ ସତ୍ୟତା ଓ ଜମାଅତ ଅହେମଦିୟାର ସତ୍ୟତା ପ୍ରତିପାଦିତ କରିବା ସହିତ ଏହା ଅଲ୍ଲାଃଙ୍କ ଦ୍ୱାରା ପ୍ରତିଷ୍ଠିତ (ଜମାଅତ) ହେବାର ପ୍ରାମାଣ ଦେଉଅଛି । ଅଲ୍ଲାଃତାଲା କରନ୍ତୁ କି ଜମାଅତର ସଦସ୍ୟମାନେ ବିଶ୍ୱାସରେ ଉନ୍ନତି କରିବା ସହିତ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ନିମନ୍ତେ ସର୍ବଦା ଆଗକୁ ବଢ଼ିଚାଲନ୍ତୁ ।

ଅଲ୍ଲାଃଙ୍କ କୃପାରୁ ୱକଫେ ଜଦିଦ୍‌ର ଗୋଟିଏ ବର୍ଷ ୩୧ଡ଼ିସେମ୍ବରରେ ଶେଷ ହେଲା ଏବଂ ୧ଜାନୁଆରୀରୁ ଏହାର ନୂତନ ବର୍ଷର ଆରମ୍ଭ ହେଲା । ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ଜମାଅତ ଅହେମଦିୟା ଚଳିତ ବର୍ଷ ୱକଫେ ଜଦିଦରେ ୮୮ ଲକ୍ଷ ୬୨ ହଜାର ପାଉଣ୍ଡ ଅର୍ଥ ଦାନ କରିଛି **ଅଲ୍‌ହମଦୋଲିଲ୍ଲାଃ** । ପାକିସ୍ତାନକୁ ବାଦ ଦେଲେ ଇଂଲଣ୍ଡ ପ୍ରଥମ, ଜର୍ମାନୀ ଦ୍ୱିତୀୟ, ଆମେରିକା ତୃତୀୟ, କାନେଡ଼ା ଚତୁର୍ଥ, ଭାରତ ପଂଚମ ତାପରେ ଅଷ୍ଟ୍ରେଲିଆ, ମଧ୍ୟ ଏସିଆ, ଇଣ୍ଡୋନେସିଆ, ଆଉ ଏକ ମଧ୍ୟଏସିଆର ଦେଶ, ଘାନା ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି । ଏଥର ଘାନା ମଧ୍ୟ ବେଶ୍ ଉନ୍ନତି କରିଛି । ସ୍ଥାନୀୟ ଅର୍ଥ ଆଦୟରେ ମଧ୍ୟ ଗତ ବର୍ଷ ଅପେକ୍ଷା ବିଶେଷ ଅଭିବୃଦ୍ଧି କରିଥିବା ଦେଶମାନଙ୍କ ମଧ୍ୟରେ କାନେଡ଼ା ପ୍ରଥମ ସ୍ଥାନ ଅଧିକାର କରିଛି । ସେ ବେଶ୍ ଅଧିକ ଉନ୍ନତି କରିଛି ତାହା ବ୍ୟତୀତ ଆଫ୍ରିକାର ଦେଶମାନଙ୍କ ମଧ୍ୟରେ ନାଇଜେରିଆ ୮୩% ଅଭିବୃଦ୍ଧି ଘଟାଇ ବେଶ୍ ଉନ୍ନତି କରିଛି । ମାଲି ୫୫% ଅଭିବୃଦ୍ଧି କରିଛି, ସେରେଲିଓ୍ୱନ୍ ୪୫%, କେମରୁନ୍ ୪୫%, ଘାନା ୨୪% ଅଭିବୃଦ୍ଧି କରିଛନ୍ତି ଅର୍ଥାତ ଗତ ବର୍ଷ ଅପେକ୍ଷା ଏହା ଅଧିକ ଆଦାୟ ହୋଇଛି ।

ଯୋଗଦାନକାରୀଙ୍କ ସଂଖ୍ୟା ସମ୍ବନ୍ଧରେ ହଜୁର ଅନଓ୍ୱର ଅ.ବ କହିଲେ- ଅସଲ କଥା ଯୋଗଦାନକାରୀଙ୍କ ସଂଖ୍ୟାରେ ଅଭିବୃଦ୍ଧି ହେବା ଉଚିତ୍ । ଅଲ୍ଲାଃଙ୍କ କୃପାରୁ ୱକଫେ ଜଦିଦ୍‌ରେ ୧୬ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସାମିଲ ଅଛନ୍ତି ଏବଂ ନୂତନ ଯୋଗଦାନକାରୀଙ୍କ ସଂଖ୍ୟା ୨ ଲକ୍ଷ ୬୮ ହଜାର ଅଟେ । ଯୋଗଦାନକାରୀଙ୍କ ଅଭିବୃଦ୍ଧିରେ ନାଇଜେରିଆ ପ୍ରଥମ ସ୍ଥାନ ଅଧିକାର କରିଛି ତାପରେ ସେରେଲିଓ୍ୱନ୍, ନାଇଜର୍, ବେନିନ୍, ମାଲି, କେମରୁନ୍, ଆଇଭରିକୋଷ୍ଟ, ସିନେଗାଲ, ବୁରକିନାଫାସୋ, ଗେମ୍ବିଆ, ଗିନିବସାଓ, କେନିଆ, ତାଞ୍ଜାନିଆ, ଜିମ୍ବାୱେ ଆଦି ଉତମ କାର୍ଯ୍ୟ ସମ୍ପାଦନକରି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଭାରତର ରାଜ୍ୟମାନଙ୍କ ମଧ୍ୟରେ କେରଳ ପ୍ରଥମ ତାପରେ ଜମ୍ମୁ କାଶ୍ମୀର, ତେଲେଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା, ପଶ୍ଚିମବଙ୍ଗ, ପଞ୍ଜାବ, ଉତର ପ୍ରଦେଶ, ମହାରାଷ୍ଟ୍ର ଆଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି । ଆଦୟ ଦୃଷ୍ଟି କୋଣରୁ ଜମାଅତମାନଙ୍କ ମଧ୍ୟରେ କାଲିକଟ ପ୍ରଥମ ସ୍ଥାନ ଅଧିକାର କରିଛି ତାପରେ ହାଇଦ୍ରାବାଦ, ପଥାପୁରମ୍, କାଦିଆନ, କଲିକତା, ବ୍ୟାଙ୍ଗାଲୋର, କାନାନୁର ଟାଉନ୍, ପଙ୍ଗାଡ଼ି, କରୋଲାଇ, କରୁନାଙ୍ଗାପଲ୍ଲୀ ଇତ୍ୟାଦି କ୍ରମାନ୍ୱୟରେ ସ୍ଥାନ ଅଧିକାର କରିଛନ୍ତି ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲା ସମସ୍ତ ବଳିଦାନକାରୀମାନଙ୍କ ଧନସମ୍ପତିରେ ଅଜସ୍ର ବରକତ୍ ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ବିଶ୍ୱାସ ଓ ନିଷ୍ଠାକୁ ଅଭିବୃଦ୍ଧି କରନ୍ତୁ । ପ୍ରତ୍ୟେକ ନିଜ କହିବା ଓ କରିବାକୁ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ରଖନ୍ତୁ ।

*ପୃଷ୍ଠା-୬ ର ଅବଶିଷ୍ଟାଂଶ.......*

(ପୃଷ୍ଠା-୬ ର ଅବଶିଷ୍ଟାଂଶ)

ହେବାପାଇଁ ସୌଭାଗ୍ୟ ମିଳିଲା । ମୁଁ ବହୁତ ସୌଭାଗ୍ୟଶାଳୀ ଅଟେ ଯେ ଅଲ୍ଲାଃତାଲା ଏ ଅଧମକୁ ଏ ଯୁଗର ଇମାମ୍ ଓ ଅହେମଦୀୟତ୍ ଅର୍ଥାତ୍ ବାସ୍ତବିକ ଇସ୍‌ଲାମ୍‌କୁ ମାନିବା ପାଇଁ ଶକ୍ତି ପ୍ରଦାନ କରିଛନ୍ତି । ଏବର୍ଷ ଯମାତ୍ ଅହେମଦୀୟା କଜାକିସ୍ତାନ୍‌ରୁ ୬ଜଣ ସଦସ୍ୟ ଜଲ୍‌ସାସାଲାନା କାଦିଆନ୍‌ରେ ଯୋଗଦେଇଛନ୍ତି । ବିଗତ ୭ ବର୍ଷ ହେବ କଜାକିସ୍ତାନ୍‌ର ଅହେମଦୀ ଜଲ୍‌ସାସାଲାନା କାଦିଆନ୍‌ରେ ସାମିଲ୍ ହୋଇ ଜଲ୍‌ସାରୁ ଲାଭ ଉଠାଉଛନ୍ତି । ଏ ଯୁଗର ଇମାମ୍‌ଙ୍କ ପବିତ୍ର ବସ୍ତି କାଦିଆନ୍ ଭ୍ରମଣ କରିବା ଦ୍ୱାରା ସମସ୍ତଙ୍କର ଇମାନ୍ ଓ ବିଶ୍ୱାସ ସୁଦୃଢ଼ ହୋଇଚାଲିଛି ।

କଜାକିସ୍ତାନ୍ ୧୯୯୧ ପର୍ଯ୍ୟନ୍ତ ଶୋଭିଏତ୍ ୟୁନିଅନ୍‌ର ଅଂଶ ଥିଲା ଅର୍ଥାତ୍ ଏହା ରସିଆନ୍ ଗଣ ରାଜ୍ୟରେ ଗୋଟିଏ ଗଣରାଜ୍ୟ ରୂପେ ପରିଗଣିତ ହେଉଥିଲା । ଶୋଭିଏତ୍ ୟୁନିଅନ୍ ଶେଷ ହୋଇଯିବା ପରେ କଜାକିସ୍ତାନ୍ ଗୋଟିଏ ସ୍ୱାଧିନ ଦେଶ ରୂପେ ବିବେଚିତ ହେଲା । ଏଠାରେ ଅହେମଦୀୟତ୍‌ର ଶୁଭାରମ୍ଭ ୧୯୯୬ ମସିହାରୁ ହୋଇଛି । ଏ ବର୍ଷ କଜାକିସ୍ତାନ୍‌ରେ ଯମାତ୍‌ର ପ୍ରତିଷ୍ଠାକୁ ୨୧ ବର୍ଷ ପୁରିସାରିଛି । ଅଲ୍‌ହମ୍‌ଦୋଲିଲ୍ଲାଃ । ବହୁତ ବାଧାବିଘ୍ନ ଥିବା ସତ୍ତ୍ୱେ ମଧ ଯମାତ୍ ଦିନକୁ ଦିନ ବଢ଼ି ଚାଲିଛି । ତବ୍‌ଲିଗ୍‌ର ମାର୍ଗରେ ବାଧା ସୃଷ୍ଟି କରାଯାଉଛି । କିନ୍ତୁ ଅଲ୍ଲାଃତାଲା ସ୍ୱପ୍ନ ମାଧ୍ୟମରେ ମାର୍ଗ ଦର୍ଶନ କରାଉଛନ୍ତି । ଆମ ଇମାନ୍ ବୃଦ୍ଧି ହେବାର ଏହା ମଧ୍ୟ ଏକ କାରଣ ଅଟେ ଯେ ବାଧା ବିଘ୍ନ ହେବା ସତ୍ତ୍ୱେ ମଧ ଅଲ୍ଲାଃତାଲା କିପରି ଲୋକମାନଙ୍କୁ ସତ୍ୟତା ଆଡକୁ ଟାଣିଆଣୁଛି । ୨୦୧୫ ମସିହାରେ ଆମର ଜଣେ ଅହେମଦୀ ଭାଇ ମୋକରମ୍ ୟୁନୁସ୍ ଜାନ୍ ସାହେବଙ୍କୁ ଶହୀଦ୍ କରିଦିଆଗଲା । ବର୍ତମାନ ଯେଉଁ କଜାକିସ୍ତାନ୍ ଓ ପୂର୍ବତନ ଶୋଭିଏତ୍ ୟୁନିଅନ୍ ଅର୍ଥାତ୍ ରଷ୍ୟର ଭୂମିରେ ସେ ଇସ୍‌ଲାମ୍ ଓ ଅହେମଦୀୟତ୍‌ର ମାର୍ଗରେ ନିଜର ରକ୍ତ ଦାନ କରିବାରେ ପ୍ରଥମ ଅହେମଦୀ ଶହୀଦ୍ ଅଟନ୍ତି । ମୁଁ ଏହି ପବିତ୍ର ବସ୍ତିରେ ଜଲ୍‌ସାର ଏହି ବାବର୍‌କତ୍ ଅବସରରେ ଆପଣ ସମସ୍ତଙ୍କୁ ଦୁଆ କରିବା ପାଇଁ ନିବେଦନ କରୁଅଛି ଯେ ଶହୀଦ୍ ମର୍‌ହୁମ୍‌ଙ୍କ ରକ୍ତର ପ୍ରତ୍ୟେକ ବିନ୍ଦୁ ଅଗଣତି ପୁଣ୍ୟ ପ୍ରକୃତି ଓ ପୁଣ୍ୟ ଆତ୍ମାମାନଙ୍କୁ ଯମାତ୍‌ରେ ସାମିଲ୍ କରିବାର କାରଣ ହେଉ । ଓ ଅଲ୍ଲାଃତାଲା ଶହୀଦ୍ ମର୍‌ହୁମ୍‌ଙ୍କ ପଦମର୍ଯ୍ୟାଦାର ସ୍ତର ଉଚ୍ଚରୁ ଉଚ୍ଚତର କରି ଚାଲନ୍ତୁ । ଆମିନ୍ ! ଅଲ୍ଲାଃତାଲା ଆମକୁ ଓ ଆମ ସନ୍ତାନ ମାନଙ୍କୁ ଇମାନ୍‌ରେ ବଢ଼ି ଚାଲିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଜଜାକମୁଲ୍ଲାଃତାଲା ଅହ୍‌ସନୁଲ୍ ଜଜା । ଏହାପରେ ପ୍ରଥମ ଦିନର ଇଜ୍‌ଲାସ୍‌ର ପରିସମାପ୍ତି ହେଲା ।

## ୩୦ ଡିସେମ୍ବର ୨୦୧୭
## (ଶନିବାର)
## ଦ୍ୱିତୀୟ ଦିନର ପ୍ରଥମ ଇଜ୍‌ଲାସ୍

ଦ୍ୱିତୀୟ ଦିନର ପ୍ରଥମ ଇଜ୍‌ଲାସ୍‌ର କାର୍ଯ୍ୟକ୍ରମ ମୋକରମ୍ ସୟଦ୍ ତନ୍‌ୱିର୍ ଅହେମଦ୍ ସାହେବ୍ ସଦର୍ ମଜ୍‌ଲିସ୍ ଅଞ୍ଜୁମନ୍ ୱକ୍‌ଫେ ଯଦିଦ୍ କାଦିଆନ୍‌ଙ୍କ ସଭାପତିତ୍ୱରେ ଆରମ୍ଭ ହେଲା । *ତିଲାୱତେ କୁର୍‌ଆନ୍ ମଜିଦ୍ ସୁରା ଆଲେ ଇମ୍‌ରାନ୍ ଆୟତ ନଂ-୧୦୩-୧୦୬* ମୋକରମ୍ ଡାକ୍ତର୍ ମହମ୍ମଦ୍ ଶମ୍‌ସୁଦ୍ଦିନ୍ ସାହେବ୍ କଲେ । ଏହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ତାହେର୍ ଅହେମଦ୍ ତାରିକ୍ ସାହେବ ନାଏବ୍ ନାଜିର୍ ଇସ୍‌ଲାହୋ ୱ ଇର୍‌ଶାଦ୍ ମର୍କଜିଆ ଉପସ୍ଥାପନ କଲେ । ଏହାପରେ ମୋକରମ୍ ମୁର୍ଶିଦ୍ ଅହେମଦ୍ ଡାର୍ ସାହେବ ଓ ତାଙ୍କ ସାଥିମାନେ ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଙ୍କ ମଞ୍ଜୁମ୍ କଲାମ-

ଦୁଶ୍‌ମନ୍ କୋ ଜୁଲୁମ୍ କି ବର୍ଛି ସେ
ତୁମ୍ ସିନା ଓ ଦିଲ୍‌ବର୍ ମାନେ ଦୋ
ୟେ ଦର୍ଦ୍ ରହେଗା ବନ୍‌କେ ଦୱା ତୁମ୍
ସବର୍ କରୋ ୱକ୍ତ୍ ଆନେ ଦୋ

ସମବେତ କଣ୍ଠରେ ପାଠ କଲେ ।

ଇଜ୍‌ଲାସ୍‌ର ପ୍ରଥମ ତକ୍‌ରିର୍ ମୋକରମ୍ ସୟଦ୍ ଆଫ୍‌ତାବ୍ ଅହେମଦ୍ ନୟର୍ ସାହେବ୍ ଇନ୍‌ଚାର୍ଯ୍ୟ ଅହେମଦୀୟା ମର୍କଜି ଲାଇବ୍ରେରୀ କାଦିଆନ୍ *''ଖିଲାଫତେ ଆଲା ମିନ୍‌ହାଜେ ନବୁୱ୍ୱତ୍ କା କୟାମ୍ ଅଓର୍ ଉସ୍‌କି ବର୍‌କାତ୍''* ବିଷୟରେ କଲେ । ସେ ସୁରତୁନ୍ ନୁର୍ ଆୟତ୍ ନଂ-୫୬ ପାଠ କରି କହିଲେ ଅଲ୍ଲାଃତାଲାଙ୍କର ସର୍ବଦା ଏହି କାର୍ଯ୍ୟବିଧି ଅଛି ଯେ ମାନବଜାତିକୁ ଜୀବନର ସଠିକ୍ ସ୍ୱରୂପ ବିଷୟରେ ଅବଗତ କରାଇବା ପାଇଁ ପ୍ରତ୍ୟେକ ଯୁଗରେ ଅବତାରମାନଙ୍କୁ ପ୍ରେରଣ କରିଥାଏ । ଏହି ସମସ୍ତ ଅବତାର ଓ ନବୀମାନେ ପବିତ୍ର କୋରାନ୍‌ର ନିର୍ଦ୍ଦେଶ ଇନ୍ନି ଯାଏଲୁନ୍ ଫିଲ୍ ଅର୍‌ଜି ଖଲିଫା ମୁତାବକ ଖୁଦାତାଲାଙ୍କ ପ୍ରତିନିଧି ସ୍ୱରୂପ ଖଲିଫା ହୋଇ ଆସିଥାନ୍ତି । ଏହି ସମସ୍ତ ଇଶ୍ୱର ପ୍ରେରିତ ପୁଣ୍ୟାତ୍ମା ପୁଣ୍ୟ ଓ ସତ୍‌ପଥ ଉପରେ ପରିବେଷ୍ଟିତ ଜମାତ୍‌ର ମୂଳ ଦୁଆ ଏ ଦୁନିଆରେ ରଖି ପୁଣି ଚାଲିଯାଆନ୍ତି । ପୁଣି ଏହାପରେ ଖୁଦାତାଲା ସେମାନଙ୍କର ଆଗମନର ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଖିଲାଫତେ ଆଲା ମିନ୍‌ହାଜେ ନବୁୱ୍ୱତ୍ ଅର୍ଥାତ୍ ନବୁୱ୍ୱତ୍‌ର ମାର୍ଗରେ ପରିଚାଳିତ ଖିଲାଫତ୍ ପ୍ରତିଷ୍ଠା କରିଥାଏ । ଯାହା ବାସ୍ତବରେ ନବୁୱ୍ୱତ୍‌ର ତତିମାଃ (ସମ୍ପୂର୍ଣ୍ଣକାରୀ) ହୋଇଥାଏ । ସେଥିପ୍ରତି ଇଙ୍ଗିତ କରି ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଛନ୍ତି- *''ମା ମିନ୍ ନବୁୱ୍ୱତିନ୍ କତ୍‌ତୁ ଇଲ୍ଲା ତବିଅତ୍‌ହା ଖିଲାଫତୁନ୍* (କନ୍‌ଜୁଲ୍‌ଆମାଲ୍, ଖଣ୍ଡ-୩, ପୃଷ୍ଠା-୧୧୯) ଅର୍ଥାତ୍-ପ୍ରତ୍ୟେକ ନବୁୱ୍ୱତ୍ ପରେ ତା ଅନୁସରଣରେ ଖିଲାଫତ୍ ଜାରି ହୋଇଥାଏ । ଏ ବିଷୟରେ ସେ ଏ ହଦିସ୍ ମଧ ଉପସ୍ଥାପନ କରି କହିଲେ ଯେ ତୁମମାନଙ୍କ ଭିତରେ ନବୁୱ୍ୱତ୍ ସେ ପର୍ଯ୍ୟନ୍ତ ତିଷ୍ଠି ରହିବ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଚାହିଁବେ । ପୁଣି ସେ ଏହାକୁ ଉଠାଇନେବେ । ପୁଣି ଖିଲାଫତେ ଆଲା ମିନ୍‌ହାଜେ ନବୁୱ୍ୱତ୍ ପ୍ରତିଷ୍ଠା ହେବ । ପୁଣି ଅଲ୍ଲାଃତାଲା ଯେ ପର୍ଯ୍ୟନ୍ତ ଚାହିଁବେ ଏହି ନେମତ୍‌କୁ ରଖିବେ ଓ ପୁଣି ଉଠାଇନେବେ । ପୁଣି ଶୋଷଣକାରୀ ରାଜା ପ୍ରତିଷ୍ଠା ହେବେ । ଏହାପରେ ଅଲ୍ଲାଃତାଲାଙ୍କର କରୁଣା ଉଦ୍‌ଗାର ହେବ । ଫଳତଃ ଏହି ଜୁଲମ ଅତ୍ୟାଚାର ଓ ଦୁଃଖର ଯୁଗକୁ ଶେଷ କରିଦେବ । ଏହାପରେ ପୁଣି *ଖିଲାଫତେ ଆଲା ମିନ୍‌ହାଜେ ନବୁୱ୍ୱତ୍* କାଏମ୍ ହେବ । ଏହାପରେ ସେ ଚୁପ୍ ହୋଇଗଲେ । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍)

ଆଁ ହଜ୍‌ରତ୍ ସ:ଆ:ସଙ୍କ ମୃତ୍ୟୁ ପରେ ଖିଲାଫତେ ଆଲା ମିନ୍‌ହାଜେ ନବୁୱ୍ୱତ୍ ପ୍ରତିଷ୍ଠା ହେଲା । କିନ୍ତୁ ଇସ୍‌ଲାମୀୟ ବାସ୍ତବିକ ଖିଲାଫତ୍‌ର ଯେତେବେଳେ ଅସମ୍ମାନ କରାଗଲା ସେତେବେଳେ ଉମ୍ମତେ ମୁସ୍‌ଲିମାରୁ ଅଲ୍ଲାଃତାଲା ଏହି ମହାନ୍ ନେମତ୍‌କୁ ଉଠାଇନେଲେ । ଏହାପରେ ତଥାକଥିତ ଖିଲାଫତ୍‌ର ଯୁଗ ଆରମ୍ଭ ହୋଇଗଲା । ଠିକ୍ ସେହି ସମୟରେ ଯେତେବେଳେ ଏହି ତଥାକଥିତ ଖିଲାଫତ୍ ଯାହା ତୁର୍କି ହୁକୁମତ୍ ଓ ଖିଲାଫତେ ଉସ୍‌ମାନିଆ ନାମରେ ନାମିତ ଥିଲା, ଯେତେବେଳେ ତାହାର ପତନ ହେଉଥିଲା ଖୁଦାତାଲାଙ୍କର କରୁଣା ଉଦ୍‌ଗାର୍ ହେଲା ଓ ଇସ୍‌ଲାମ୍‌ର ବୁଡ଼ି ଯାଉଥିବା ଡଙ୍ଗାକୁ ମୁଖାଲିଫତ୍‌ର ଝଡ଼ ଓ ଶତ୍ରୁମାନଙ୍କ କବଳରୁ ବଂଚାଇବା ପାଇଁ ଓ ଇସ୍‌ଲାମ୍‌ର ମହାନତାକୁ ପୁନଃ ପ୍ରତିଷ୍ଠା କରିବା ପାଇଁ ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଆଧ୍ୟାତ୍ମିକ ପୁତ୍ର ହଜ୍‌ରତ୍ ଅକ୍‌ଦସ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀଙ୍କୁ ମସିହ୍ ମଉଦ୍ ରୂପେ ପ୍ରେରଣ କଲେ । ଯାହାଙ୍କ ଜରିଆରେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପେଶଗୋଇ ମୁତାବକ ଖିଲାଫତେ ଆଲା ମିନ୍‌ହାଜେ ନବୁୱ୍ୱତ୍ ର ପୁନର୍ବାର ଆରମ୍ଭ ହେଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ମୃତ୍ୟୁପରେ ପ୍ରତିଶୃତି ଅନୁଯାୟୀ ଏହି ପୁଣ୍ୟ ଯମାତ୍ ୨୭ ମଇ ୧୯୦୮ ଦିନ ସୟଦ୍‌ନା ହଜ୍‌ରତ୍ ହକିମ୍ ନୁରୁଦ୍ଦିନ୍‌ଙ୍କ ହାତରେ ଏକତ୍ରିତ ହୋଇଗଲେ ଏବଂ ଏହିପରି କୁଦ୍‌ରତେ ସାନିଆ ର:ଅ ଆବିର୍ଭାବ ହେଲା । ଓ ଯମାତ୍ ଅହେମଦୀୟା ଖିଲାଫତ୍‌ର ବର୍‌କାତ୍‌ରେ ପରିପୂର୍ଣ୍ଣ ହେବା ଆରମ୍ଭ ହେଲା । ଇସ୍‌ଲାମୀ ଖିଲାଫତ୍‌ର ଏହି ମହାନ୍ ବର୍‌କତ୍ ଅଲ୍ଲାଃତାଲା *ୱଲ ୟୁମକ୍କିନନ୍ନ ଲହୁମ୍ ଦୀନହୁମ୍* ରେ ବର୍ଣ୍ଣନା କରିଛନ୍ତି । ବର୍ତମାନ ଯୁଗରେ ମୁସଲ୍‌ମାନ ମାନଙ୍କର ଅଗଣତି ସଂଗଠନ ଏପରିକି ମଜ୍‌ବୁତ୍ ସରକାର ଥିଲେ ମଧ ସେମାନେ ଏ ଯୁଗର ସମସ୍ୟା ଗୁଡିକର ସମ୍ମୁଖିନ କରିବାରେ ଅସଫଳ ଅଟନ୍ତି । ଏବଂ ବିଭିନ୍ନ ପ୍ରକାର ସମସ୍ୟା ଓ ବିପତିର ଶିକାର ହୋଇଛନ୍ତି । ଏହାର ବିପରୀତ ଖିଲାଫତେ ଅହେମଦୀୟା ଜରିଆରେ ପୃଥିବୀର କୋଣ ଅନୁକୋଣରେ ଇସ୍‌ଲାମ୍‌ର ତବ୍‌ଲିଗ୍ ତାଲିମ୍ ଓ ତର୍‌ବିୟତ୍ ମହାନ୍ ବୈଭବଶାଳୀ ଢ଼ଙ୍ଗରେ ଆନ୍ତର୍ଜାତୀୟ ସ୍ତରରେ ଅନୁଷ୍ଠିତ ହେଉଅଛି ।

*ସାଫ୍ ଦିଲ୍ କୋ କସ୍‌ରତେ*
*ଏଜାଜ୍ କି ହାଜତ୍ ନେହିଁ*
*ଇକ୍ ନିଶାଁ କାଫି ହୈ ଗର୍*
*ଦିଲ୍ ମେ ହୋ ଖୌଫେ କିର୍‌ଦିଗାର୍*

ଏହି ଇଜ୍‌ଲାସ୍‌ର ଦ୍ୱିତୀୟ ତକ୍‌ରିର୍ ମୋକରମ୍ ଶିରାଜ୍ ଅହେମଦ୍ ସାହେବ୍ ଏଡିଶିନାଲ୍ ନାଜିରେ ଆଲା ଜୁନୁବିହିନ୍ଦ୍ ଏବଂ ନାଜର୍ ତାଲିମ୍ କାଦିଆନ୍ *''ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଅୟଦହୁଲ୍ଲାହୋ ତାଲା ବିନସ୍‌ରିହିଲ୍ ଅଜିଜ୍ କି ଇମାନ୍ ଅଫ୍‌ରୋଜ୍ ମସ୍‌ରୁଫିୟାତ୍ ଅଓର୍ ଏହ୍‌ବାବେ ଯମାଅତ୍ କି ଜିମେଦାରିଆଁ''* ଅର୍ଥାତ୍-ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଅ:ବ:ଅଙ୍କ ବିଶ୍ୱାସବର୍ଦ୍ଧକ କାର୍ଯ୍ୟବ୍ୟସ୍ତତା ଓ ଯମାତ୍‌ର ସଦସ୍ୟମାନଙ୍କର ଦାୟିତ୍ୱ ସମୁହ, ବିଷୟରେ କଲେ । ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ ଆମେ ଅନେକଥର ଶୁଣିଛୁ ଯେ ଆମ ଜୀବନର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହେଉଛି *ସମେନା ୱ ଅତଅନା* ଅର୍ଥାତ୍-ଶୁଣ ଏବଂ ପାଳନ କର । ଆଁ ହଜ୍‌ରତ୍ ସ:ଆ:ସ ଆମକୁ ଏହି ଉପଦେଶ ଦେଇଛନ୍ତି ଯେ ଖୋଲୋଫାଏ ରାଶେଦୀନ୍‌ଙ୍କ ଉପଦେଶ ଓ କାର୍ଯ୍ୟ ମୁତାବକ ପରିଚାଳିତ ହେବାପାଇଁ ଚେଷ୍ଟା କର । ସୁତରାଂ ହଦିସ୍‌ରେ ଆସିଛି ଯେ ଅଲ୍ଲାଃତାଲାଙ୍କର ତକ୍‌ୱା ଗ୍ରହଣ କର । କଥା ଶୁଣ ଏବଂ ପାଳନ କର । ଯଦିଚ ତୁମ ଅମୀର୍ ଜଣେ ହବ୍‌ଶି (କୃଷ୍ଣକାୟ) କ୍ରୀତଦାସ ହୋଇଥାଆନ୍ତୁ ନା କାହିଁକି କାରଣ ଏପରି ସମୟ ଆସୁଅଛି, ଯଦି କେହି ତୁମମାନଙ୍କ ମଧ୍ୟରୁ ଜିବୀତ ରହିବେ ତେବେ ସେମାନେ ବହୁତ ବଡ଼ ବିରୋଧ ଦେଖିବେ । ତେଣୁ ତୁମେ ଏହି ଘଡ଼ିସନ୍ଧି ସମୟରେ ମୋର ଏବଂ ମୋ ହିଦାୟତ୍‌ରେ ପରିଚାଳିତ ଖୋଲୋଫାଏ ରାଶ୍‌ଦୀନ୍‌ଙ୍କ ସୁନ୍ନତ୍ ଉପରେ ପରିଚାଳିତ ହେବ । ଏବଂ ଉକ୍ତ କାର୍ଯ୍ୟଗୁଡିକୁ ଦୃଢ଼ତାର ସହିତ ଆପଣେଇ ନେବ । (ମସ୍‌ନଦ୍ ଅହେମଦ୍)

ଆମେ ସମସ୍ତେ ଜାଣିଛେ ଯେ ଯୁଗ ଖଲିଫା ହେଉଛନ୍ତି ଆମର ରୋଲ୍ ମଡେଲ୍ । ଅଲ୍ଲାଃତାଲାଙ୍କ ସାନିଧ ହାସଲ କରିବା ନିମନ୍ତେ ଯୁଗ ଖଲିଫାଙ୍କ ଉପଦେଶାବଳୀ ଏବଂ ତାଙ୍କ ସୁନ୍ନତ୍ ଉପରେ ପରିଚାଳିତ ହେବା ଅତ୍ୟନ୍ତ ଜରୁରୀ ଅଟେ । କାରଣ ଯୁଗ ଖଲିଫା ହେଉଛନ୍ତି ଅଲ୍ଲାଃତାଲାଙ୍କର ପ୍ରତିନିଧି । ରସୁଲେ କରିମ୍ ସ:ଆ:ସ ଓ ମସିହ୍ ମଉଦ୍‌ଙ୍କ ଜୀବନ ଚରିତ ମୁତାବକ କିପରି ଅମଳ କରିବାକୁ ହେବ ତାହା ସବୁ ଯୁଗ ଖଲିଫା ଆମକୁ ଶିଖାଉଛନ୍ତି । ପଂଚମ ଖିଲାଫତ୍‌ର ଏହି ବାବର୍‌କତ୍ ସମୟରେ ଆମକୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜୀବନ ଚରିତ ର ଅନେକ ପାର୍ଶ୍ୱ ଆବିଦ୍ ଖାନ୍ ସାହେବ୍‌ଙ୍କ ଡାଇରିରୁ

ମିଳୁଅଛି । ହଜୁରଙ୍କୁ ଗୋଟିଏ ପ୍ରଶ୍ନ ପଚରାଯାଇଥିଲା ଯେ ଯୁଗ ଖଲିଫାଙ୍କ ସହିତ ଇତାଅତ୍ ଓ ପ୍ରେମର ସ୍ତରକୁ କିପରି ବଢ଼ାଯାଇପାରିବ ? ଏଥିରେ ହଜୁର୍ କହିଲେ ଯେ ଯୁଗ ଖଲିଫାଙ୍କ କଥାଗୁଡ଼ିକୁ ବହୁତ ଗମ୍ଭୀରତାର ସହିତ ଶୁଣନ୍ତୁ ଏବଂ ଯୁଗ ଖଲିଫାଙ୍କ ସହିତ ସବୁଠାରୁ ଅଧିକ ପ୍ରେମ କରନ୍ତୁ । ତେବେ ଯାଇ ଯୁଗ ଖଲିଫାଙ୍କ ଅନୁସରଣ ଓ ପ୍ରେମରେ ଉନ୍ନତି କରିପାରିବ । ହଜୁର୍ କହୁଛନ୍ତି ଯେ ମୁଁ କୌଣସି ଫଇସଲା କରିବା ପୂର୍ବରୁ ଅଲ୍ଲାଃତାଲାଙ୍କ ନିକଟରେ ମୁଣ୍ଡ ନୁଆଁଇଥାଏ । ନିଜ ଦୁର୍ବଳତା ନିମନ୍ତେ ଇସ୍ତେଗଫାର୍ କରେ । ପୁଣି ଯାଇ କୌଣସି ଫଇସଲା କରିଥାଏ ।

ଇଜ୍‌ଲାସ୍‌ର ତୃତୀୟ ତକ୍‌ରୀର୍ ମୋକରମ୍ ମୌଲାନା ଇସ୍‌ଫନ୍ଦ୍ ୟାର୍ ମୁନୀବ୍ ସାହେବ୍ ଇନ୍‌ଚାର୍ଯ୍ୟ ବିଭାଗ ତାରିଖେ ଅହେମଦୀୟତ୍ ରବ୍‌ୱା ''ସିରତ୍ ହଜ୍‌ରତ୍ ଇମାମ୍ ହୁସେନ୍ ର:ଅ ଅଓର୍ ହଜ୍‌ରତ୍ ମୌଲବୀ ଅବ୍‌ଦୁର୍ ରହେମାନ୍ ସାହେବ୍ ର:ଅ ଅଫ୍ ଆଫ୍‌ଗାନିସ୍ତାନ୍'' ବିଷୟରେ କଲେ । ସେ ସୁରା ଅହ୍‌ଜାବ୍‌ର ଆୟତ ନଂ- ୨୪ ପାଠ କରି କହିଲେ ଯେ କରବଲାର ଅତ୍ୟାଚରିତ, ଶହୀଦ୍‌ଙ୍କ ଲିଡର୍, ରସୁଲଙ୍କ ନାତୀ, ଫାତେମା ଓ ଅଲୀଙ୍କ ଗଳାର ମାଳି ହଜ୍‌ରତ୍ ଇମାମ୍ ହୁସେନ୍ ର:ଅ ଙ୍କ ଜନ୍ମ ପୂର୍ବରୁ ରସୁଲେ କରିମ୍ ସ:ଆ:ସଙ୍କ ଚାଚି ହଜ୍‌ରତ୍ ଉମ୍ମେ ଫଜଲ୍ ଗୋଟିଏ ସ୍ୱପ୍ନରେ ଦେଖିଲେ ରସୁଲେ କରିମ୍ ସ:ଆ:ସ ଙ୍କ ପବିତ୍ର ବଦନର ଗୋଟିଏ ଅଂଶ ତାଙ୍କ କୋଳରେ ଆସି ପଡ଼ିଲା । ଏଥିରେ ଆପଣ ତାବିର୍ କଲେ ଯେ ଫାତେମାଙ୍କ କୋଳରେ ପୁତ୍ର ଜନ୍ମ ହେବ ଏବଂ ତୁମେ ତାକୁ ଆପଣେଇବ । ସୁତରାଂ ତାବିର୍ ମୁତାବକ ବୁସ୍ତାନ୍ ନବୱିର ୫ ଶୋବାନ୍ ୪ ହିଜ୍‌ରି ଦିନ ଏପରି ଗୋଟିଏ ଫୁଲ୍ ଫୁଟିଲା ଯାହାର ମହକ ବାସ୍ତବିକ, ସତ୍ୟ, ସାହାସ, ଦୃଢ଼ସଂକଳ୍ପ, ଧୈର୍ଯ୍ୟ, ଇମାନ୍, କାର୍ଯ୍ୟଦକ୍ଷତା ଓ ଉତ୍ସର୍ଗୀକୃତ ମନୋଭାବର କ୍ଷେତ୍ରକୁ ସଦାସର୍ବଦା ପାଇଁ ମହକାଇ ରଖିବ ।

ସୟଦ୍‌ନା ହଜ୍‌ରତ୍ ହୁସେନ୍ ର:ଅ ବହୁତ ସୁନ୍ଦର ଥିଲେ । ଓ ତାଙ୍କ ମୁଖ ମଣ୍ଡଳର ସାମଞ୍ଜସ୍ୟ ଅଜାଙ୍କ ମୁଖ ମଣ୍ଡଳ ସହିତ ଥିଲା । ହଜ୍‌ରତ୍ ହୁସେନ୍ ଯେଉଁଠି ନିଜ ପୂର୍ବପୁରୁଷଙ୍କ ଉତମ ଗୁଣଗୁଡ଼ିକୁ ଆପଣାଇଥିଲେ ସେଠାରେ ସେମାନଙ୍କ ସାହସ ମଧ୍ୟ ଉତରାଧିକାରୀ ଥିଲେ । କାରଣ ସେ ହେଉଛନ୍ତି ସମସ୍ତ ସାହାସି ମାନଙ୍କ ଠାରୁ ଅଧିକ ସାହସୀ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କ ନାତୀ । ଓ ଜୁଲ୍‌ଫୁକାର୍ ଅଲୀ ର:ଅ ଙ୍କ ସୁପୁତ୍ର । ତେଣୁ ତୃତୀୟ ଖିଲାଫତ୍ ସମୟରେ ନବୀଙ୍କ ସହର ଉପରେ ବିଦ୍ରୋହୀମାନେ କବ୍‌ଜା କରିନେଲେ । ସେତେବେଳେ ଏହି ହସନ୍ ଓ ହୁସେନ୍ ଦୁଇଜଣଯାକ ହଜ୍‌ରତ୍ ଉସ୍‌ମାନ୍ ଗନି ର:ଅଙ୍କ ସୁରକ୍ଷା ନିମନ୍ତେ କସ୍‌ରେ ଖିଲାଫତ୍ (ଖଲିଫା ରହୁଥିବା ଘର) ର ଦ୍ୱାର ଦେଶରେ ମୁକୁଳା ତରବାରି ଧରି ଛିଡା ହୋଇଥିଲେ ।

ବର୍ଷ ୫୧ ହିଜରିରେ ହଜ୍‌ରତ୍ ଅମୀର୍ ମାୱିୟା ନିଜ ପରେ ସରକାରର ବ୍ୟବସ୍ଥା ନିମନ୍ତେ ନିଜ ପୁତ୍ର ୟଜିଦ୍‌କୁ ୱଲି ଅହଦ୍ ରୂପେ ନିଯୁକ୍ତ କଲେ । ଓ ଲୋକମାନଙ୍କୁ କହିଲେ ଯେ ଆସନ୍ତାକୁ ୟଜିଦ୍‌ର ଖିଲାଫତ୍ ଓ ଇମାରତ୍‌ର ମଧ୍ୟ ବୟତ କରିନେବ । ହଜ୍‌ରତ୍ ହୁସେନ୍ ଏହି ଖିଲାଫତ୍‌ର ଚୟନ ଶୈଳୀକୁ ଭୁଲ୍ ରୂପେ ପାଇ ବୟତ ନ କରିବା ପାଇଁ ଫଇସଲା କଲେ । କୁଫାବାସୀ ଯେଉଁମାନେ ୟଜିଦ୍‌ର ବୟତ କରିବା ପାଇଁ ମନେ କରୁନଥିଲେ ଯେତେବେଳେ ଏ ଖବର ତାକୁ ମିଳିଲା ସେମାନେ ପାଖାପାଖି କୋଡିଏ ହଜାର ଚିଠି ହୁସେନ୍‌ଙ୍କ ପାଖକୁ ଲେଖିଲେ ଯେ ଆପଣ ଆମ ସହରକୁ ଆସନ୍ତୁ ଆମେ ଆପଣଙ୍କର ଆଜ୍ଞାବହତା ସ୍ୱୀକାର କରିନେବୁ । ସୁତରାଂ ହଜ୍‌ରତ୍ ହୁସେନ୍ ର:ଅ ମୁସ୍‌ଲିମ୍ ବିନ୍ ଅକିଲ୍‌ଙ୍କୁ କୁଫା ପ୍ରେରଣ କଲେ । ଦଳ ଦଳ ହୋଇ ଲୋକେ ବୟତ କରିବା ପାଇଁ ଓ ସାକ୍ଷାତ୍ କରିବା ପାଇଁ ଆସିଲେ । ଅକିଲ୍ ହଜ୍‌ରତ୍ ହୁସେନ୍‌କୁ ଚିଠି ଲେଖି ଜଣାଇଲେ ଯେ ଆପଣ ଯଥାଶିଘ୍ର ଏଠାକୁ ଚାଲି ଆସନ୍ତୁ । ତେଣୁ ହଜ୍‌ରତ୍ ହୁସେନ୍ ୮ ଜୁଲ୍‌ହଜା ୬୦ ହିଜରିକୁ ସପରିବାର ମକ୍କାରୁ କୁଫା ନିମନ୍ତେ ଯାତ୍ରା କଲେ । ଏହି ସବୁ ଘଟଣା ବିଷୟରେ ଯେବେ ୟଜିଦ୍‌କୁ ସୂଚନା ମିଳିଲା ସେତେବେଳେ ସେ ଭୟଭୀତ ହୋଇଗଲା ଯେ ମୋ ହାତରୁ ଏ ସବୁ ସରକାରୀ ଶକ୍ତି ଚାଲିନଯାଉ । ସେ ଉବେଦୁଲ୍ଲାବିନ୍ ଜିଆଦାଙ୍କୁ କୁଫାର ୱାଲି ଚୟନ କରିନେଲେ ଏବଂ ସେ ହଜ୍‌ରତ୍ ମୁସ୍‌ଲିମ୍ ବିନ୍ ଅକିଲ୍‌ଙ୍କୁ ତାଙ୍କ ସାଥିମାନଙ୍କ ସହିତ ହତ୍ୟା କରିଦେଲା ।

ହଜ୍‌ରତ୍ ହୁସେନ୍ ର:ଅ ଙ୍କର କାଫିଲାକୁ ଏ ଦୁଃଖଦାୟକ ଖବର ସାଲ୍‌ବିୟାଠାରେ ମିଳିଲା । ଏହିପରି ଦୁଃଖରେ ପରିପୂର୍ଣ୍ଣ ଏ କାଫଲା ଯେତେବେଳେ ଜିହଶମ୍ ଠାରେ ପହଂଚିଲେ ସେତେବେଳେ ହୁର୍‌ବିନ୍ ୟଜିଦ୍‌ର ସେନା ସମସ୍ତଙ୍କୁ ଘେରିନେଲା । ହୁର୍ କହିଲା ଯେ ଆମକୁ ନିର୍ଦ୍ଦେଶ ମିଳିଛି ଯେ ଆପଣଙ୍କୁ ଗିରଫ୍ କରି ଇବ୍‌ନେ ଜିଆଦ୍‌ଙ୍କ ପାଖକୁ ପଠାଇଦେବା ପାଇଁ । ହଜ୍‌ରତ୍ ହୁସେନ୍ ଯେତେ ମନାକଲେ ମଧ୍ୟ ହୁର୍ ସେମାନଙ୍କୁ ଘେରି ରଖିଲା । ଏବଂ ସେଠାରେ ସମସ୍ତଙ୍କୁ ରୋକିଦେଲା । ଏହା ୨ ମୋହରମ୍ ୬୧ ହିଜରି ଥିଲା । ୩ ମୋହରମ୍ ଦିନ ଉମ୍‌ରବିନ୍ ସାଦ୍ ଚାରିହଜାର ସେନା ନେଇ କର୍‌ବଲାଠାରେ ପହଂଚିଲା । ଉମ୍‌ରୋ ଇବ୍‌ନେ ଜିଆଦ୍‌କୁ ପତ୍ର ଲେଖିଲା ଯେ ଅଲ୍ଲାଃତାଲା ଯୁଦ୍ଧର ବହ୍ନିକୁ ଥଣ୍ଡା କରିଦେଲାଣି କିନ୍ତୁ ଦୁଃଖର ବିଷୟ ଇବ୍‌ନେ ଜିଆଦ୍ ସର୍ବପ୍ରଥମେ ବୟତ କରିବା ପାଇଁ ଆଗ୍ରହ ପ୍ରକାଶ କଲା ଓ ୭ ମୋହରମ୍ ଦିନ ବାର୍ତା ପଠାଇଲା ଯେ କାଫଲାବାସୀଙ୍କୁ ପାଣି ବନ୍ଦ କରିଦିଆଯାଉ । ସୁତରାଂ ଫରାତ୍ ନଦୀର ପାଣି ହୁସେନ୍‌ଙ୍କ କାଫଲା ନିମନ୍ତେ ବନ୍ଦ କରିଦିଆଗଲା । କିନ୍ତୁ ଏହି ଅତ୍ୟାଚାର ଓ ଜୁଲମ୍ ସତ୍ୟ ମଧ୍ୟ ହଜ୍‌ରତ୍ ହୁସେନ୍ ମୁଣ୍ଡ ନୁଆଁଇଲେ ନାହିଁ ଏବଂ ତାଙ୍କର ସେହି ବାସ୍ତବିକ ବିଶ୍ୱାସରୁ ତାଙ୍କୁ ଦୋହରାଇ ପାରିଲେ ନାହିଁ । ଅର୍ଥାତ୍- ''ଖିଲାଫତ୍ ଚୟନ କରିବାର ଅଧିକାର ଦେଶବାସୀଙ୍କ ପାଖରେ ଅଛି । କୌଣସି ପୁତ୍ର ନିଜ ବାପାଙ୍କ ପରେ ଏହାକୁ ଉତରାଧିକାରୀ ରୂପେ ପାଇପାରିବ ନାହିଁ'' ।

ପରିଶେଷରେ ୧୦ ମୋହରମ୍ ଦିନ ୟଜିଦ୍‌ର ସେନା ଏହି ୭୦ ରୁ କିଛି ଅଧିକା ନିରସ୍ତ୍ର ଲୋକଙ୍କ ସମ୍ମୁଖରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହେଲେ । ହୁସେନ୍‌ଙ୍କ କାଫଲା ବହୁତ ନିଷ୍ଠାର ସହିତ କର୍‌ବଲାର ଏହି ରଣକ୍ଷେତ୍ରରେ ସାହାସର ସହିତ ଯୁଦ୍ଧ କରି ନିଜ ରକ୍ତରେ ଏ ଭୂମିକୁ ରକ୍ତାକ୍ତ କରିଚାଲିଲେ । ଓ ହୁସେନ୍‌ଙ୍କ ଭାଇ କୁଟୁମ୍ବ ଓ ଯୁବକ ପୁତ୍ର ଜଣକ ପରେ ଜଣେ ନିଜ ଜୀବନକୁ ଉତ୍ସର୍ଗ କରି ଚାଲିଲେ । ଯେତେବେଳେ ଅସରର ସମୟ ଆସି ପହଂଚିଲା ଏହି ଅତ୍ୟାଚାରୀମାନେ ଚାରିଆଡୁ ସେମାନଙ୍କୁ ଘେରିନେଲେ ଏବଂ ତାଙ୍କ ଭିତରୁ ଜଣେ ତୀର ଚଳାଇବା ଦ୍ୱାରା ହଜ୍‌ରତ୍ ହୁସେନ୍ ର:ଅ ଙ୍କ ପବିତ୍ର ଚେହେରା କ୍ଷତବିକ୍ଷତ ହୋଇଗଲା । ଏବଂ ଆଉଜଣେ ତରବାରିରେ ଆକ୍ରମଣ କଲା ଫଳତଃ ହାତ ଓ କାନ୍ଧ କଟିଗଲା । ପୁଣି ଆକ୍ରମଣ ପରେ ଆକ୍ରମଣ ହୋଇ ଚାଲିଲା ଓ ଯେତେବେଳେ ଆପଣ କ୍ଷତାକ୍ତ ଅବସ୍ଥାରେ କର୍‌ବଲାର ରଣ ଭୂମିରେ ଟଳିପଡ଼ିଲେ ସେତେବେଳେ ଜଣେ ପାସାଣ୍ଡ ବ୍ୟକ୍ତି ଆଗକୁ ଆସି ଦେହରୁ ମୁଣ୍ଡକୁ ଅଲଗା କରିଦେଲା ।

ଏହି କୁର୍‌ବାନୀର ସିଲ୍‌ସିଲା ଆରବର ମରୁଭୂମିରୁ ଆରମ୍ଭ ହୋଇ ଶେଷଯୁଗରେ କାବୁଲ୍‌ର ଭୂମିରେ ପହଂଚିଲା ଓ ୨୦ ଜୁନ୍ ୧୯୦୧ ଦିନ ଖୁଦାଙ୍କ ଭକ୍ତ ଅବ୍‌ଦୁର୍ ରହ୍‌ମାନ୍ କାବ୍‌ଲି ଖୁଦାଙ୍କ ମାର୍ଗରେ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ ଓ ଆଖିରିନ୍ (ଶେଷଦଳ)ଙ୍କ ପ୍ରଥମ ଶହୀଦ୍ ରୂପେ ବିବେଚିତ ହେଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଦାବି କରିବା ସଙ୍ଗେ ସଙ୍ଗେ କାଦିଆନ୍‌ର ପବିତ୍ର ବସ୍ତିରୁ ଉଠିଥିବା ଏହି ଡାକ ଚାରିଆଡ଼େ ପ୍ରସାରିତ ହୋଇଚାଲିଥିଲା ଯେ ସେହି ସମୟରେ ଆଫଗାନିସ୍ତାନ୍‌ର ଜଣେ ଅତ୍ୟନ୍ତ ପବିତ୍ର ଓ ନିଷ୍ପାପର ବ୍ୟକ୍ତି ହଜ୍‌ରତ୍ ଶେହ୍‌ଜାଦା ଅବ୍‌ଦୁଲ ଲତିଫ୍ ସାହେବ୍ ହଜ୍‌ରତ୍ ଅହେମଦ୍ ଆ:ସଙ୍କ ଆବିର୍ଭାବ ଓ ଦାବି ବିଷୟରେ ଶୁଣିଲେ । ଏ ବିଷୟରେ ସେ ନିଜ ଶିଷ୍ୟଙ୍କ ସମ୍ମୁଖରେ କଥାହେଲେ । ତାଙ୍କର ଜଣେ ନିଷ୍ଠାବାନ୍ ଶିଷ୍ୟ ମୌଲବୀ ଅବ୍‌ଦୁର୍ ରହେମାନ୍ ସାହେବ୍ କହିଲେ ଯେ ମୁଁ କାଦିଆନ୍ ଯାଇ ସବୁକିଛି ଦେଖାଶୁଣା କରି ଆସିବି । ହଜ୍‌ରତ୍ ଅବ୍‌ଦୁର୍ ରହେମାନ୍ ସାହେବ୍ ଜଣେ ଅତ୍ୟନ୍ତ ସୁନ୍ଦର ମଧ୍ୟମ ଉଚ୍ଚତା ବିଶିଷ୍ଟ ଓ ପତଳା ଦେହ ରଖିଥିବା ବ୍ୟକ୍ତି ଥିଲେ । ଏବଂ ଶିକ୍ଷିତ ଯୁବକ ଥିଲେ । ତାଙ୍କର ମଙ୍ଗଲ୍ କୌମ୍ ଅହେମଦ୍ ଜଇ କବିଲା ସହିତ ସମ୍ପର୍କ ଥିଲା । ଏହି ଯୁବକ ଜଣକ ୧୮୯୫ ମସିହାର ପ୍ରାରମ୍ଭିକ ମାସରେ କାଦିଆନ୍ ପହଂଚିଲେ । ଏହାପରେ ହଜ୍‌ରତ୍ ମୌଲବୀ ସାହେବ୍ କେତେ ମାସ ପର୍ଯ୍ୟନ୍ତ କାଦିଆନ୍‌ରେ ରହିଲେ । କାଦିଆନ୍‌ରୁ ଖୋଏସ୍ତ୍ ଫେରିଯାଇ ହଜ୍‌ରତ୍ ଅବ୍‌ଦୁଲ୍ ଲତିଫ୍ ସାହେବ୍‌ଙ୍କୁ ସବୁ ବିଷୟ କହିଲେ । ପୁଣି ଏହାପରେ କାଦିଆନ୍ ମଧ୍ୟ ଆସୁଥିଲେ । ହଜୁର୍ ଆ:ସ ତାଙ୍କ ନାମ ୩୧୩ ସାହାବୀମାନଙ୍କ ମଧ୍ୟରେ ସାମିଲ୍ କଲେ । ସେ ସମୟରେ ହଜ୍‌ରତ୍ ମସହି ମଉଦ୍ ଆ:ସ ଗୋଟିଏ ପତ୍ରିକା ଲେଖିଥିଲେ ଯେଉଁଥିରେ ସେ ତରବାରିର ଜିହାଦ୍‌କୁ ହରାମ୍ (ଅବୈଧ) ବୋଲି କହିଥିଲେ । ହଜ୍‌ରତ୍ ମୌଲବୀ ସାହେବ୍ କାବୁଲ୍ ଓ ଖୋଏସ୍ତର ଅନେକ ସ୍ଥାନରେ ଏହି କଥା କହିଦେବା ଆରମ୍ଭ କରିଦେଲେ ଯେ ଇସ୍‌ଲାମୀୟ ଶିକ୍ଷା ମୁତାବକ ଏ ଯୁଗରେ ତରବାରିର ଜିହାଦ୍ ହେଉଛି ହରାମ୍ ତେବେ ଏ ଖବର ଧିରେ ଧିରେ ୱାଲି ଆଫଗାନିସ୍ତାନ୍ ଅମୀର୍ ଅବ୍‌ଦୁର୍ ରହେମାନ୍‌ଙ୍କ ନିକଟରେ ପହଂଚିଗଲା । ଏବଂ କିଛି ଖଳ ପ୍ରକୃତିର ଲୋକେ ତାକୁ କହିଲେ ଯେ ଏ ଲୋକଜଣକ ହେଉଛନ୍ତି ଏପରି ଜଣେ ବ୍ୟକ୍ତିଙ୍କର ଶିଶ୍ୟ ଯିଏ ନିଜକୁ ମସିହ୍ ମଉଦ୍ ରୂପେ ପ୍ରକାଶ କରୁଛନ୍ତି । ଏବଂ ଏହା ହେଉଛି ତାଙ୍କର ଶିକ୍ଷା ଯେ ହତ୍ୟା କରିବା ଜିହାଦ୍ ନୁହେଁ ବୋଲି । ଅଭାଗା ଅମୀର୍ ଏହି ଶିକ୍ଷାକୁ ନିଜ ଭାବନାରେ ଓ ନିଜ ଦୃଷ୍ଟିକୋଣରେ ଇସ୍‌ଲାମୀୟ ବିରୋଧି ରୂପେ ଭାବି କ୍ରୋଧାନ୍ୱିତ ହୋଇଗଲା । ଏବଂ ତାର ନିର୍ଦ୍ଦେଶ ଅନୁସାରେ ହଜ୍‌ରତ୍ ମୌଲବୀ ସାହେବ୍‌ଙ୍କୁ ବନ୍ଦୀ କରିଦିଆଗଲା । ଯେତେବେଳେ ବନ୍ଦୀ ହେବା ଦ୍ୱାରା ଓ ଅନେକ ଜାତନା ଦେବା ଦ୍ୱାରା ମଧ୍ୟ ତାଙ୍କର ବିଶ୍ୱାସକୁ ଅଟଳ ଦେଖିଲେ ତେବେ ଅନୁମାନ ୨୦ ଜୁନ୍ ୧୯୦୧ ଦିନ କାବୁଲ୍‌ର ବନ୍ଦୀଶାଳାରେ ତାଙ୍କୁ ତଂଚିଚିପି ହତ୍ୟା କରାଗଲା । ଏହିପରି ସିଲ୍‌ସିଲା ଅହେମଦୀୟା ହକ୍କା ଇସ୍‌ଲାମୀୟାର ପ୍ରଥମ ଶହୀଦ୍ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଏଲ୍‌ହାମ୍ ଶାତାନି ତୁଜ୍‌ବହାନି ର ପ୍ରଥମ ସାକ୍ଷୀ କାବୁଲ୍‌ର ଏହି ପଥୁରିଆ ଭୂମି ଉପରେ ନିଜ ରକ୍ତଦ୍ୱାରା ସତ୍ୟତା ଓ ନିଷ୍ପାପରତା ପ୍ରେମର ମୋହର ଲଗାଇ ଇତିହାସରେ ଲିପିବଦ୍ଧ କରାଇଦେଲେ । ଯାହା କୟାମତ୍ ପର୍ଯ୍ୟନ୍ତ ସତ୍ୟପ୍ରେମୀଙ୍କ ନିମନ୍ତେ ମାର୍ଗଦର୍ଶନ ହୋଇ ରହିବ । କ୍ରମଶଃ....

ପୃଷ୍ଠା-୧୬ ର ଅବଶିଷ୍ଟାଂଶ.......

ଗୋଟିଏ ପ୍ରଶ୍ନର ଉତରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଇସ୍‌ଲାମ୍ ହେଉଛି ଶେଷ ଓ ଚିରସ୍ଥାୟୀ ଧର୍ମ । ସମସ୍ତ ଧର୍ମ ଇସ୍‌ଲାମ୍‌ର ବିରୋଧ ଏଥିପାଇଁ କରୁଛନ୍ତି ଯେ ଇସ୍‌ଲାମ୍ କହୁଛି ସେ ହେଉଛି ଶେଷ ଓ ସମ୍ପୂର୍ଣ୍ଣ ଧର୍ମ । ଓ ବାକି ସମସ୍ତ ଧର୍ମ ପରିଶେଷରେ ଇସ୍‌ଲାମ୍‌ରେ ଅନ୍ତର୍ଭୁକ୍ତ ହୋଇଯିବେ । ଏବଂ ଏହା ହିଁ ଗୋଟିଏ ଧର୍ମ ହୋଇ ରହିବ ।

ଜିହାଦ୍ ପ୍ରସଙ୍ଗରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ବର୍ତମାନ ଇସ୍‌ଲାମ୍ ବିରୋଧରେ କୌଣସି ଦେଶ ଅସ୍ତ୍ର ଉଠାଉନାହିଁ । ଯେଉଁ ସବୁ ଯୁଦ୍ଧ ହେଉଅଛି ତାହା ସବୁ ରାଜନୈତିକ ଯୁଦ୍ଧ । ଆଁ ହଜରତ୍ ସ:ଆ:ସ ଭବିଷ୍ୟବାଣୀ କରିଥିଲେ ଯେ ଶେଷଯୁଗରେ ଜଣେ ରିଫର୍ମର୍, ମୁସ୍‌ଲେହ ଆସିବେ ଏବଂ ତାଙ୍କ ସମୟରେ ତରବାରିର ଜିହାଦ୍ ଶେଷ କରିଦିଆଯିବ । ଧର୍ମୀୟ ଯୁଦ୍ଧ ହେବନାହିଁ । ହଜରତ୍ ମସିହ୍ ମଉଦ୍ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ହେଉଛନ୍ତି ସେହି ମୁସ୍‌ଲେହ ଓ ରିଫର୍ମର୍ ଯିଏ ନବୀ କରିମ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଆସିଛନ୍ତି । ସେ ଏ ଘୋଷଣା କଲେ ଯେ ବର୍ତମାନ ଏ ଯୁଗରେ କୌଣସି ଲୋକ ମଧ୍ୟ ଇସ୍‌ଲାମ୍‌ର ବିରୋଧରେ ତରବାରି ଉଠାଉନାହିଁ । ତେଣୁ ବର୍ତମାନ ତରବାରି ସହିତ ଜିହାଦ୍ ହେବନାହିଁ । ବର୍ତମାନ ସମୟ ହେଉଛି କଲମ ସହିତ ଜିହାଦ୍ କରିବାର ସମୟ । ଏବେ ଇସ୍‌ଲାମ୍ ବିରୋଧରେ ଲିଟରେଚର୍ ଛପାଯାଇ ଆକ୍ରମଣ କରାଯାଉଛି । ତେଣୁ ଏହାର ଉତର ମଧ୍ୟ ସେହି ହତିଆର୍ ଅର୍ଥାତ୍ ଲିଟରେଚର୍ ଗୁଡ଼ିକର ପ୍ରକାଶନ ମାଧ୍ୟମରେ ଦେବା ଉଚିତ୍ । ତେଣୁ ଏ ଯୁଗରେ ଯମାତ୍ ଅହେମଦୀୟା ଲିଟ୍‌ରେଚର୍ ଛପାଇ ଓ ଇଲେକ୍‌ଟ୍ରୋନିକ୍ ସୋସିଆଲ୍ ମିଡ଼ିଆ ମାଧ୍ୟମରେ ଇସ୍‌ଲାମ୍ ଉପରେ ହେଉଥିବା ଆକ୍ରମଣର ଉତର ଦେଉଅଛି ।

ଅହେମଦୀ ମହିଳାମାନଙ୍କ ପ୍ରସଙ୍ଗରେ ଜର୍ନାଲିଷ୍ଟ୍ ଜଣଙ୍କ ପ୍ରଶ୍ନର ଉତର ଦେଇ ହଜୁର୍ ଅନୁୱର୍ ଅ:ବ:ଅ କହୁଛନ୍ତି-ଆମ ମହିଳାମାନେ ଆମ ପୁରୁଷମାନଙ୍କ ଠାରୁ ଅଧିକା ଶିକ୍ଷିତା । ସଂଖ୍ୟା ଅନୁସାରେ ମହିଳାମାନେ ପୁରୁଷଙ୍କଠାରୁ ଅଧିକ ପାଠ ପଢ଼ିଛନ୍ତି ।

ଜର୍ନାଲିଷ୍ଟ୍ ଜଣକ ନିଜର ଅଭିମତ ପ୍ରକାଶ କରି କହିଲେ ଯେଉଁ କଥାଟି ମୋତେ ଯମାତ୍ ଅହେମଦୀୟାର ସବୁଠାରୁ ଅଧିକା ପ୍ରଭାବିତ କରିଛି ତାହା ହେଉଛି ଯମାତ୍ ଅହେମଦୀୟାର ଶାନ୍ତି ସ୍ଥାପନା ନିମନ୍ତେ ଥିବା ଉତ୍ସାହ ଓ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଅହରହ ଚେଷ୍ଟା । ଏହା ଗୋଟିଏ ଏପରି ବାର୍ତା ଅଟେ ଯାହା ବର୍ତମାନ ସମୟରେ ସବୁଠାରୁ ଅଧିକା ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକ ଅଟେ । ସେହିପରି ଯମାତ୍ ଅହେମଦୀୟା ବିଭିନ୍ନ ଜାତି ଓ ସଂସ୍କୃତିର ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମର ଅସଲ ମୂଳ ଶିକ୍ଷା ଉପରେ ଏକାଠି କରିବା ପାଇଁ ଯେଉଁ ସଦିଚ୍ଛା ଅଛି ତାହା ମଧ୍ୟ ପ୍ରଶଂସନୀୟ ।

ସେହିପରି ଏହା ମଧ୍ୟ ମୋ ପାଇଁ ବିଶେଷ ରୂପେ ବଡ ଆଶ୍ଚର୍ଯ୍ୟର କଥା ଅଟେ ଯେ ଏତେ ବ୍ୟାପକ ଓ ବିସ୍ତିର୍ଣ୍ଣ ରୂପେ କରାଯାଇଥିବା ବ୍ୟବସ୍ଥା ଗୁଡିକ କେବଳ ସ୍ୱେଚ୍ଛାଚାରୀ କର୍ମୀମାନଙ୍କ ସାହାଯ୍ୟରେ ହିଁ ଅନୁଷ୍ଠିତ ହୋଇଛି । ଏଥିରୁ ଜଣାପଡୁଛି ଯେ କୌଣସି କାମ ମଧ୍ୟ ତାହା କେତେ କଠିନ ହୋଇଥାଉ ନା କାହିଁକି ତାହା ଇମାନ୍, ନିଷ୍ଠା ଓ ନିଃସ୍ୱାର୍ଥପର ସେବା ଦ୍ୱାରା ହିଁ ହାସଲ ହୋଇପାରିବ ।

ଯମାତ୍ ଅହେମଦୀୟାର ଇମାମ୍ ପୁରୁଷ ଓ ମହିଳାମାନଙ୍କର ଅଧିକାର ଓ କର୍ତବ୍ୟ ସମ୍ବନ୍ଧରେ ଯେଉଁ ଅଭିଭାଷଣ ଦେଲେ ସେଥିରେ ମୋର ବହୁତ ଗୁଡିଏ ଶଙ୍କା ଦୂର ହୋଇଗଲା । ଏହି ଅଭିଭାଷଣରୁ ପୁରୁଷ ଓ ମହିଳାମାନଙ୍କ ବିଷୟରେ ଇସ୍‌ଲାମୀୟ ଶିକ୍ଷାର ଯଥାର୍ଥତା ମୋ ପାଇଁ ସ୍ପଷ୍ଟ ହୋଇଗଲା ।

ଶିକ୍ଷା କ୍ଷେତ୍ରରେ ଅହେମଦୀ ମହିଳାମାନଙ୍କର ଉଚ୍ଚ ସଫଳତା ମଧ୍ୟ ଗୋଟିଏ ବିଶେଷ କଥା । ଏଥିରୁ ପ୍ରମାଣିତ ହେଉଛି ଯେ ପୁରୁଷ ଓ ମହିଳା ଏହି ଦୁଇଜଣଙ୍କ ନିମନ୍ତେ ଏହା ଧାର୍ଯ୍ୟ ଅଟେ ଯେ ସେମାନେ ସଂସାରର ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା କରନ୍ତୁ । ପ୍ରଥମେ କୁଟୁମ୍ବ ସ୍ତରରେ, ପୁଣି ସଂଗଠନ ସ୍ତରରେ ଓ ପୁଣି ଦେଶ ଓ ଦୁନିଆର ସ୍ତରରେ ।

ଯମାତ୍ ଅହେମଦୀୟାର ଇମାମଙ୍କର ଉଦଯାପନୀ ଅଭିଭାଷଣ ଅହେମଦୀମାନଙ୍କ ପାଇଁ ଯେତେ ଜରୁରୀ ଥିଲା ସେତିକି ଜରୁରୀ ବାକି ଦୁନିଆର ଅନ୍ୟ ଜାତି ସମୂହଙ୍କ ନିମନ୍ତେ ମଧ୍ୟ ଥିଲା ।

ଇମାମ୍ ଯମାତ୍ ଅହେମଦୀୟା ଜିହାଦ୍‌ର ବାସ୍ତବିକ ସ୍ୱରୂପ ଉପରେ ଆଲୋକପାତ କରି ବୁଝାଇଲେ ଯେ ଜିହାଦ୍‌ର ପ୍ରକୃତ ଅର୍ଥ ହେଉଛି ଚେଷ୍ଟା ଓ ଇସ୍‌ଲାହ୍ ନିମନ୍ତେ ପରିଶ୍ରମ କରିବା । ଏବଂ ଏହି ଜିନିଷ ଦୁନିଆକୁ ଧ୍ୱଂସ ମୁଖରୁ ବଂଚାଇବ ଓ ବାସ୍ତବିକ ଭାଇଚାରାର ପ୍ରତିଷ୍ଠାର ମୂଳଦୁଆ ହେବ ।

ସେ କହିଲେ ପାଶ୍ଚାତ୍ୟ ଲୋକଙ୍କ ନିକଟରେ ଇସ୍‌ଲାମ୍ ମହିଳାମାନଙ୍କୁ ପଛରେ ରଖେ ଏବଂ ସେମାନଙ୍କର କୌଣସି ମର୍ଯ୍ୟାଦା ନଥାଏ । କିନ୍ତୁ ମୁଁ ଏଠାକୁ ଆସି ଦେଖିଲି ଯେ ଯମାତ୍ ଅହେମଦୀୟାର ଇମାମ୍ ଉଚ୍ଚ ସଫଳତା ଲାଭ କରିଥିବା ମହିଳାମାନଙ୍କୁ ପୁରସ୍କାର ଦେଉଛନ୍ତି ଓ ପ୍ରତ୍ୟେକ ମହିଳାଙ୍କୁ ଜଣ ଜଣ କରି ସେମାନଙ୍କ ସଫଳତା ମୁତାବକ ଡକାଯାଉଛି । ମୋ ମନରେ ଭୀଷଣ ଇଚ୍ଛା ସୃଷ୍ଟି ହେଲା ଯେ ମୁଁ ଏଠାରୁ ଫେରିଯାଇ ନିଜ ଖବରକାଗଜରେ ଏ ପ୍ରସଙ୍ଗରେ ନିଶ୍ଚିତ ରୂପେ ଲେଖିବି । କଣ କେବେ କୌଣସି ଲିଡର୍ କେବଳ ମହିଳାମାନଙ୍କୁ ସମ୍ବୋଧନ କରି ଭାଷଣ ଦେଇଛନ୍ତି ? କଦାପି ନୁହେଁ ?

ବଲିଭିଆରୁ ଆସିଥିବା ଏହି ୱଫଦ୍‌ର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍ ୧୧ ଟା ପର୍ଯ୍ୟନ୍ତ ଜାରି ରହିଲା । ସାକ୍ଷାତ୍‌କାର୍‌ର ଶେଷରେ ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ପାରାଗୁଏରୁ ଆସିଥିବା ପ୍ରତିନିଧି**

ଏହାପରେ ପାରାଗୁଏ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ପାରାଗୁଏରୁ ଆସିଥିବା ପ୍ରତିନିଧି ମଣ୍ଡଳ ୫ଜଣ ବିଶିଷ୍ଟ ଥିଲା । ସେମାନଙ୍କ ମଧ୍ୟରୁ ପାରାଗୁଏରୁ ଦୁଇଟି ବଡ଼ ବଡ଼ ଖବରକାଗଜର ପତ୍ରକାର Aldo Antonio Benitz ସାହେବ, Juan Perez Acosta ସାହେବ୍ ଓ ଜଣେ ନୂଆ ଅହେମଦୀ Benjanmin Lopez ସାହେବ୍ ସାମିଲ୍ ଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ ପଚାରିବାରୁ ପ୍ରତିନିଧି ମଣ୍ଡଳର ସଦସ୍ୟମାନେ କହିଲେ ଯେ ଜଲ୍‌ସା ସାଲାନାର ଆୟୋଜନ ଓ ବ୍ୟବସ୍ଥା ବହୁତ ଭଲ ଥିଲା । ଆମେ ଦେଖିଛୁ ଯେ ଲୋକମାନେ ନିଜ ବିଶ୍ୱାସରେ କିପରି ଦୃଢ଼ତା ପ୍ରଦର୍ଶନ କରୁଥିଲେ । ଏହି ତିନିଦିନରେ ଗୋଟିଏ ଆଧାତ୍ମିକ ପରିବେଶ ଗଢ଼ି ଉଠିଥିଲା । ଆମେ ଅନେକ ଭାବବିହୋଳ ଦୃଶ୍ୟ ଦେଖିବାକୁ ପାଇଲୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଜଲ୍‌ସାର ଆୟୋଜନ ନିମନ୍ତେ ଗୋଟିଏ ଅସ୍ଥାୟୀ ଭିଲେଜ୍ ସୃଷ୍ଟି କରାଯାଇଥିଲା । ଏବେ ଯାଇ ଆପଣମାନେ ସେଠାରେ ଦେଖିବେ ତେବେ ଯେଉଁ ଅସ୍ଥାୟୀ ଭିଲେଜ୍ ଥିଲା ତାହା ବର୍ତମାନ ଫାର୍ମଲ୍ୟାଣ୍ଡ ହୋଇଯାଇଛି । ଆମ ସ୍ୱେଚ୍ଛାସେବୀ କର୍ମୀମାନେ ସବୁକିଛି ଠିକ୍ ଠାକ୍ କରିଦେଇଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ ପାରାଗୁଏର ମୁବଲିଗ୍ ସାହେବ୍‌ଙ୍କୁ ହିଦାୟତ୍ ଦେଲେ ଯେ ଦକ୍ଷିଣ ଆମେରିକାର ଏହି ସ୍ପେନିୟ ଦେଶଗୁଡ଼ିକରେ କାମ କରିବା ପାଇଁ ଗୋଟିଏ ସର୍ଟ ଟର୍ମ୍ ଯୋଜନା ବନାନ୍ତୁ ଏବଂ ଗୋଟିଏ ଲଙ୍ଗ୍ ଟର୍ମ୍ ଯୋଜନା ମଧ୍ୟ ବନାନ୍ତୁ ।

ସ୍ପେନ୍ ପ୍ରସଙ୍ଗରେ ମଧ୍ୟ କଥା ହେଲା ଯେ ଏଠାରେ ବର୍ତମାନ ଲୋକ ଓ ସ୍ଥାନ ମାନଙ୍କର ନାମ ମୁସଲମାନ୍ ନାମ ପରି ଅଟେ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏଠାରେ ପ୍ରଥମେ ଇସାଇୟତ୍ ଥିଲା । ପୁଣି ଇସ୍‌ଲାମ୍ ଆସିଲା । ତାପରେ ପୁଣି ଇସାୟତ୍ ଆସିଗଲା । କିନ୍ତୁ ସେମାନଙ୍କର ରୁଟ୍‌ସ୍ ଏପରି ଅଛି ଯେ ମୁସଲମାନଙ୍କ ପରି ନାମ ସେ ଇଲାକାରେ ପ୍ରଚଳିତ ଅଛି ।

ହଜୁର୍ ଅନୁୱର୍ ଅ:ବ:ଅ ପୁଣି କହିଲେ ସ୍ପେନ୍‌ରେ ୭୦୦ ବର୍ଷ ପର୍ଯ୍ୟନ୍ତ ଇସ୍‌ଲାମ୍ ରହିଲା । ପୁଣି ଇସାଇୟତ୍ ପୁନର୍ବାର ଫେରିଆସିଲା । ବର୍ତମାନ ଆମେ ପୁନର୍ବାର ଲୋକମାନଙ୍କୁ ମନକୁ ଜିତି ସେମାନଙ୍କର ହୃଦୟରେ ଇସ୍‌ଲାମ୍ ଦାଖଲ କରିବା । ଇସ୍‌ଲାମ୍ କୌଣସି ପ୍ରକାର ଯୁଦ୍ଧଫଳରେ ବ୍ୟାପିନାହିଁ ବରଂ ଇସ୍‌ଲାମ୍ ନିଜର ମୂଳ ଶିକ୍ଷା ପ୍ରେମ ଓ ସ୍ନେହ ଜରିଆରେ ବ୍ୟାପିଛି ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ ଯେ କଣ ଆପଣଙ୍କ କାର୍ଯ୍ୟକୁ ଏହି ଦକ୍ଷିଣ ଆମେରିକୀୟ ଦେଶଗୁଡିକରେ ବଢ଼ାଇବେ ? ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆମେ ଏହି କାର୍ଯ୍ୟକୁ ନିଶ୍ଚିତ ରୂପେ ବଢ଼ାଇବୁ ଓ ପ୍ରସାର କରି ଚାଲିବୁ । ଏବେ ତ ଏହି ଦେଶଗୁଡିକରେ ଆରମ୍ଭ ହୋଇଛି । ଆଗକୁ ଆହୁରି କାମ ବଢ଼ିବ । ଆମକୁ ସମୟାନୁକ୍ରମେ ଯେତେ ମୁବଲିଗ୍ ମିଳିଚାଲିବେ ଆମେ ଏଠାକୁ ଅଧିକା ମୁବଲିଗ୍ ପଠାଇବୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆମକୁ ଇସ୍‌ଲାମ୍‌ର ସୁନ୍ଦର ଓ ଶାନ୍ତିପ୍ରିୟ ଶିକ୍ଷାକୁ ଉପସ୍ଥାପନ କରିବାକୁ ହେବ । ଭଲ ଜିନିଷ ଉପସ୍ଥାପନ କରିବା ଦ୍ୱାରା ଯାହାକୁ ଏହା ପସନ୍ଦ ଆସିବ ସେ ନେଇଯିବ । ଆମକୁ କେବଳ ଉପସ୍ଥାପନ କରିବାକୁ ହେବ । କୌଣସି ପ୍ରକାର ବାଧ କରିବ ନାହିଁ । ଏଥିରେ ଜର୍ନାଲିଷ୍ଟ୍ ଜଣକ କହିଲେ ଆପଣଙ୍କ ଯମାତ୍ ଯେଉଁସବୁ ଶାନ୍ତିର ବାର୍ତାକୁ ପ୍ରସାର କରୁଅଛି ତାହା ବହୁତ ଭଲ କଥା ।

ସେହି ପତ୍ରକାର ଜଣକ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ଏହା ମୋ ପାଇଁ ଅତ୍ୟନ୍ତ ଖୁସିର ଅନୁଭବ ଥିଲା । ମୋତେ ଅହେମଦୀମାନଙ୍କୁ ନିଜ ଧର୍ମ ସହିତ ଜଡ଼ି ରହିବା ଓ ସେମାନଙ୍କ ଇମାନ୍‌ର ଦୃଢ଼ତା ବହୁ ପ୍ରଭାବିତ କଲା । ଏବଂ ସବୁଠାରୁ ବଳି ମୋତେ ଏକଥା ଜଣାହେଲା ଯେ ଇସ୍‌ଲାମ୍ ଶାନ୍ତିର ଶିକ୍ଷା ଦିଏ । ବାସ୍ତବିକ ଇସ୍‌ଲାମ୍ ହେଉଛି ପଡୋଶୀଙ୍କ ସହିତ ପ୍ରେମ କରିବା ଓ ହିଂସାକୁ ଘୃଣା କରିବା ।

ସେହିପରି ୱଫଦ୍‌ରେ ସାମିଲ୍ ହୋଇଥିବା ଜଣେ ନୂଆ ଅହେମଦୀ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ଖଲିଫତୁଲ୍ ମସିହ୍‌ଙ୍କ ବାର୍ତା ନା କେବଳ ମୁସଲମାନଙ୍କ ନିମନ୍ତେ ବରଂ ସମଗ୍ର ସଂସାର ନିମନ୍ତେ ଅଟେ । ସାରା ଦୁନିଆରୁ ଆସିଥିବା ଲୋକମାନଙ୍କୁ ଦେଖି ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇଗଲି ଯେ ବିଭିନ୍ନ ଜାତି, ବର୍ଣ୍ଣର ଲୋକେ ମିଳିଲେ, ଯେଉଁମାନଙ୍କର ଜୀବନ ଶୈଳୀ ଭିନ୍ନ ଥିଲା କିନ୍ତୁ ପ୍ରେମ, ଇମାନ୍ ଓ ଶାନ୍ତିର ଦୁର୍ଗ ଭିତରେ ରହି ଅଲ୍ଲାହ୍‌ତାଲାଙ୍କ ନାମ ଯୋଗୁ ସମସ୍ତେ ଏକତ୍ରିତ ହୋଇଥିଲେ । ଅଲ୍ଲାହ୍ କରନ୍ତୁ ଯେ ସମସ୍ତ ଲୋକେ ଏହା ଜାଣିନିଅନ୍ତୁ କି ଏ ଯମାତ୍ ପ୍ରେମ ଓ ସୌହାର୍ଦ୍ୟର ଯମାତ୍ ଅଟେ ।

ପାରାଗୁଏରୁ ଆସିଥିବା ଏହି ପ୍ରତିନିଧି ମଣ୍ଡଳଙ୍କ ସାକ୍ଷାତ୍‌କାର ୧୧:୪୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସଦସ୍ୟମାନେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**କଙ୍ଗୋ କନ୍‌ସାସାର ପ୍ରତିନିଧି ମଣ୍ଡଳ**

ଏହାପରେ କଙ୍ଗୋ କନ୍‌ସାସା ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ପ୍ରାପ୍ତ କଲେ । କଙ୍ଗୋରୁ ଏବର୍ଷ ତିନିଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ସେମାନଙ୍କ ମଧ୍ୟରୁ ଜଣେ Kwango ପ୍ରଦେଶର ପ୍ରାଦେଶିକ ମନ୍ତ୍ରୀ ଟ୍ରାନସପୋର୍ଟ ଆଣ୍ଡ ସ୍ମଲ ଇଣ୍ଡଷ୍ଟ୍ରିଜ୍ ଜନାବ Saulyman Diana Kule ସାହେବ୍ ଏବଂ Jean

Piere Ndumba ସାହେବ୍ ସାମିଲ୍ ଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପଚାରିବାରୁ ଏହି ଦୁଇଜଣ ଅତିଥି କହିଲେ ଯେ ଏ ଜଲ୍ସା ସାଲାନାରେ ନିମନ୍ତ୍ରଣ କରିଥିବା ଯୋଗୁ ଆମେ ଆପଣଙ୍କର କୃତଜ୍ଞତା ଜ୍ଞାପନ କରୁଛୁ । ଜଲ୍ସା ସାଲାନାର ସ୍ମୃତି ବହୁତ ଗଭୀର ଅଟେ । ଆମେ ଏହାକୁ ଭୁଲି ପାରିବୁ ନାହିଁ । ଜଲ୍ସାର ବ୍ୟବସ୍ଥା ଗୁଡିକ ବହୁତ ସୁନ୍ଦର ଥିଲା । ତିରିଶି ହଜାରରୁ ଅଧିକ ଲୋକ ଉପସ୍ଥିତ ଥିଲେ । ସମସ୍ତେ ଜଣେ ଅନ୍ୟଜଣକ ସହିତ ପ୍ରେମ ଓ ସ୍ନେହର ସହିତ ମିଶୁଥିଲା । ଯେଉଁ କଥାଟି ଆମକୁ ଅଧିକ ପ୍ରଭାବିତ କଲା ତାହା ହେଉଛି ଛୋଟ ଛୋଟ ପିଲାମାନେ ଯେଉଁମାନେ ବହୁତ ପ୍ରେମ ଓ ଉତ୍କଣ୍ଠାର ସହିତ ଆମର ସେବା କରୁଥିଲେ । ଏହା ସବୁ ଦେଖି ଆମେ ଅନୁଭବ କଲୁ ଯେ ଖୁଦାତାଲା ଏଠାରେ ଉପସ୍ଥିତ ଅଛନ୍ତି ।

ପୁଣି ମନ୍ତ୍ରୀ ସାହେବ୍ କହିଲେ ଯେ ଯେଉଁପରି ହଜୁର୍ ଅନୁଓ୍ୱର୍ ମୁସଲ୍ମାନ୍ ଦେଶଗୁଡିକୁ ସମ୍ବୋଧନ କଲେ ମୋତେ ବହୁତ ଭୟ ଲାଗିଲା ଯେ ଉକ୍ତ ଦେଶଗୁଡିକ ତରଫରୁ ଏହି ଜଲ୍ସାରେ କୌଣସି ପ୍ରକାରର ବିଶୃଙ୍ଖଳା ଓ ଗଣ୍ଡଗୋଳ ଇତ୍ୟାଦି ନ ହେଉ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ସତକଥା କହିବାକୁ ହୁଏ ତେବେ ସାହସ ମଧ୍ୟ କରିବାକୁ ପଡ଼େ । ଓ ଆମେ ତ ସତକଥା ହିଁ କହିବୁ ।

ସେ ପୁଣି କହିଲେ ଯେ ଆମ ଦେଶପାଇଁ ପ୍ରାର୍ଥନା କରନ୍ତୁ ଯେ ସେଠାରେ କିପରି ଶାନ୍ତି ପ୍ରତିଷ୍ଠା ହେବ । ଆମ ଦେଶର ଓ୍ୱହଦାଦାରମାନେ ହିଁ ଏଥିପାଇଁ ଦାୟୀ ଅଟନ୍ତି ଏବଂ ଲୋକମାନଙ୍କର ବିଶ୍ୱାସ ତାଙ୍କ ଉପରୁ ଉଠି ସାରିଛି ।

ପୁଣି ସେ ନିବେଦନ କଲେ ଯେ ହଜୁର୍ ଅନୁଓ୍ୱର୍ ତାଙ୍କୁ କିଛି ଉପଦେଶ ଦିଅନ୍ତୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ *କି ସୟେଦୁଲ୍ କୌମି ଖାଦିମୁହୁମ୍* ଅର୍ଥାତ୍ ନ୍ୟାୟ ଉପରେ ପରିଚାଳିତ ହୋଇ ସାଧାରଣ ଲୋକଙ୍କ ସେବା କରନ୍ତୁ । ସେମାନଙ୍କର ଅସୁବିଧାକୁ ଦୂର କରନ୍ତୁ । ନିଜଠାରୁ ଅନ୍ୟମାନଙ୍କର ଚିନ୍ତା ଆପଣମାନଙ୍କୁ ହେବା ଉଚିତ୍ ।

ପ୍ରାଦେଶିକ ମନ୍ତ୍ରୀ Mbakata ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ଜଲ୍ସାର ବ୍ୟବସ୍ଥାଗୁଡିକ ପ୍ରତି କ୍ଷେତ୍ରରୁ ଉତମ ଥିଲା । ଏୟାରପୋର୍ଟଠାରୁ ଜଲ୍ସାଗାଃ ପର୍ଯ୍ୟନ୍ତ ଅତିଥିମାନଙ୍କୁ ସ୍ୱାଗତ କରିବା, ଖୁଆଇବା, ଟ୍ରାନ୍ସପୋର୍ଟ ଏବଂ ଅନ୍ୟାନ୍ୟ ବିଭାଗ ଗୁଡିକ ଆତିଥ୍ୟତାର ଉତମ ପ୍ରଦର୍ଶନ କରୁଥିଲେ । ଜଲ୍ସା ପରେ ମଧ୍ୟ ଅତିଥିମାନଙ୍କର ଫେରିଯିବା ପର୍ଯ୍ୟନ୍ତ ଜମାତ୍ ତରଫରୁ ଅତିଥିମାନଙ୍କ ନିମନ୍ତେ ସମ୍ପୂର୍ଣ୍ଣ ରୂପେ ସେବା ଓ ସମ୍ମାନ ମିଳୁଥିଲା । ଜଲ୍ସାଗାଃରେ କାମ କରୁଥିବା ପିଲାମାନଙ୍କର ଚେହେରାରେ ଖୁସି ଓ ଆନନ୍ଦର ଭାବନାକୁ ଦେଖି ମୋତେ ଏହା ଅନୁଭବ ହେବାକୁ ଡେରିଲାଗିଲା ନାହିଁ ଯେ ଏ ସ୍ଥାନରେ ଚାରିଆଡେ ଖୁଦାତାଲାଙ୍କର ଉପସ୍ଥିତି ରହିଛି ।

ହଜୁର୍ ଅନୁଓ୍ୱର୍ ଓ ଜଲ୍ସାର ପ୍ରତ୍ୟେକ ବକ୍ତାଙ୍କ ତରଫରୁ ପ୍ରେମ, ସ୍ନେହ ଓ ଶାନ୍ତିର ଯେଉଁ ବାର୍ତ୍ତା ଦିଆଗଲା ଏହାର ସକରାତ୍ମକ ପ୍ରଭାବ ଜଲ୍ସାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ସଦସ୍ୟଙ୍କ ଉପରେ ପଡୁଥିଲା । ମୁଁ ଏହା ଅନୁଭବ କଲି ଯେ ପ୍ରତ୍ୟେକ ବକ୍ତା ଶାନ୍ତି ଓ ପ୍ରେମର ଗୋଟିଏ ଖୁତ୍ବା ପଢୁଥିଲା ଯାହା ଆଜି ସାରା ସଂସାର ନିମନ୍ତେ ଆବଶ୍ୟକ ରହିଛି । ମୁଁ ଜାଣିସାରିଛି ଯେ ଏଠାରୁ ଫେରିଯାଇ ମୋତେ ମଧ୍ୟ ନିଜ ରାଜ୍ୟ ଓ ନିଜ ଦେଶରେ ଏକ ଭୂମିକା ନିର୍ବାହ କରିବାକୁ ପଡ଼ିବ । ଈଶ୍ୱର ମୋତେ ଏହାର ଶକ୍ତି ପ୍ରଦାନ କରନ୍ତୁ । ମୁଁ ଏହା ନିଷ୍ପତି କରିଛି ଯେ ଆସନ୍ତାକୁ ମଧ୍ୟ ଏପରି ଜଲ୍ସାରେ ଯୋଗଦେବି ।

କଙ୍ଗୋ କନ୍ସାସାରୁ ଆସିଥିବା ଏହି ପ୍ରତିନିଧି ମଣ୍ଡଳଙ୍କ ସାକ୍ଷାତ୍କାର୍ ୧୨:୦୭ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**କମ୍ବୋଡିଆର ପ୍ରତିନିଧି ମଣ୍ଡଳ**

ଏହାପରେ କମ୍ବୋଡିଆ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । କମ୍ବୋଡିଆରୁ ତିନିଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ତାଙ୍କ ଭିତରେ ସେଠିକାର ଜାତୀୟ ଟେଲିଭିଜନ୍ ଚ୍ୟାନେଲ୍ର ପ୍ରତିନିଧି Nhin Chany ସାହେବ୍ ମଧ୍ୟ ସାମିଲ୍ ଥିଲେ ।

ସେ କହିଲେ-ଜଲ୍ସାର ଆୟୋଜନ ବ୍ୟବସ୍ଥାଗୁଡିକ ବହୁତ ପ୍ରଭାବିତ କରିଛି । ତିରିଶି ହଜାରରୁ ଅଧିକ ଲୋକ ଥିଲେ । ସକାଳେ ଓ ସଂଧ୍ୟାରେ ଲୋକମାନଙ୍କୁ ସମୟ ମୁତାବକ ଖାଦ୍ୟ ପରିବେଷଣ କରାଯାଉଥିଲା । ଏତେ ସଂଖ୍ୟକ ଲୋକେ ଗୋଟିଏ ସମୟରେ ଖାଦ୍ୟ ଖାଉଥିଲେ ମଧ୍ୟ କୌଣସି ପ୍ରକାରର ବିଶୃଙ୍ଖଳା ଦୃଷ୍ଟିଗୋଚର ହେଲାନାହିଁ । ସିକ୍ୟୁରିଟିର ବ୍ୟବସ୍ଥା ମଧ୍ୟ ବହୁତ ଭଲ ଥିଲା । ପୋଲିସ୍ର ଆବଶ୍ୟକ ହିଁ ନଥିଲା ।

ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ଗୋଟିଏ ପ୍ରଶଂସନୀୟ କଥା ଏହା ମଧ୍ୟ ଥିଲା ଯେ ଏହି ଜଲ୍ସାରେ ବିଭିନ୍ନ ଦେଶରୁ ବିଭିନ୍ନ ଜାତି ଓ ବର୍ଣ୍ଣର ଲୋକେ ଏକତ୍ରିତ ହୋଇଥିଲେ କିନ୍ତୁ ସମସ୍ତେ ଜଣେ ଅନ୍ୟଜଣକର ଭାଇ ଭଉଣୀ ଭଳି ଜଣାପଡୁଥିଲେ । ଏପରି ଲାଗୁଥିଲା ଯେପରି ବହୁତ ନିକଟ ସମ୍ପର୍କୀୟ ଥିଲେ । ଏବଂ ସମସ୍ତେ ଜଣେ ଅନ୍ୟଜଣକ ସହିତ ପ୍ରେମ ଓ ସ୍ନେହ ପ୍ରକାଶ କରୁଥିଲା । ଏହି ସବୁ ଜିନିଷ ମୁଁ ଅନ୍ୟ କେଉଁଠାରେ ଦେଖିନାହିଁ ।

ଆଲମୀ ବୟତର ଦୃଶ୍ୟ ଦେଖି ମଧ୍ୟ ସେ ବହୁତ ପ୍ରଭାବିତ ହେଲେ । ଓ କହିଲେ ଏ ପ୍ରକାରର ଦୃଶ୍ୟ ମୁଁ ପୂର୍ବରୁ ମୋ ଜୀବନରେ କେବେ ଦେଖିନାହିଁ । ଯେଉଁପରି ଲୋକମାନେ ନିଜ ଖୁଦାଙ୍କ ନିକଟରେ ନତମସ୍ତକ ହୋଇ କାନ୍ଦବୋବାଳି ଛାଡୁଥିଲେ । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଥିଲା ।

କାମ୍ବୋଡିଆରୁ ଆସିଥିବା ଏହି ପ୍ରତିନିଧି ମଣ୍ଡଳଙ୍କର ସାକ୍ଷାତ୍କାର୍ ୧୨:୧୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ କମ୍ବୋଡିଆର ଆସିଥିବା ପ୍ରତିନିଧିମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଇଟାଲୀର ପ୍ରତିନିଧି ମଣ୍ଡଳ**

ଏହାପରେ ଇଟାଲୀରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଇଟାଲୀରୁ ଜଣେ ନୌମୁବାଏ ଇଟାଲୀୟ ବନ୍ଧୁ Manuel Olivares ସାହେବ୍ ଏହି ଓ୍ୱଫଦ୍‌ରେ ସାମିଲ୍ ଥିଲେ । ସେ ୧୫ ଜୁନ୍ ୨୦୧୭ ତାରିଖ ଦିନ ବୟତ କରିବାର ସୌଭାଗ୍ୟ ପାଇଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ତାଙ୍କୁ ସମ୍ବୋଧନ କରି କହିଲେ ଯେ ଆପଣ ଇଟାଲୀ ଭାଷାରେ ଅନୁବାଦ କରିବାର କାମ କରନ୍ତୁ । ପାଥ୍ ଓ୍ୱେ ଟୁ ପିସ୍ ପୁସ୍ତକର ଯେଉଁ ନୂତନ ଏଡ଼ିଶନ୍ ଆସୁଅଛି ସେଥିରେ ଉଚ୍ ପାର୍ଲିଆମେଂଟ୍ ଏବଂ ଜାପାନ୍‌ରେ ଦିଆଯାଇଥିବା ଅଭିଭାଷଣ ଗୁଡିକ ମଧ୍ୟ ସାମିଲ୍ କରାଯାଇଛି । ଏହାର ଅନୁବାଦ ମଧ୍ୟ ହେବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଇଟାଲୀର ସଦର୍ ସାହେବଙ୍କୁ ପଚାରିଲେ ଯେ ଏ ପୁସ୍ତକ ଯଦି ଇଟାଲୀରେ ଛପାଯିବ ତ ଏଥିରେ କେତେ ଖର୍ଚ୍ଚ ହେବ ? ଏଥିରେ ଇଟାଲୀର ସଦର ସାହେବ୍ କହିଲେ ଯେ ଏହି ପୁସ୍ତକର ପ୍ରଥମ ଏଡ଼ିଶନ୍ ଜର୍ମାନୀରେ ଛପାଯାଇଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଉକ୍ତ ନୌମୁବାଏ ବନ୍ଧୁକୁ କହିଲେ ଯେ ଏବେ ଆପଣ ବୟତ୍ କରିସାରିଛନ୍ତି । ଏବେ ଇସ୍‌ଲାମୀୟ ଶିକ୍ଷାଗୁଡିକୁ ଶିଖନ୍ତୁ ଏବଂ ସେଗୁଡିକୁ ମନେରଖନ୍ତୁ । ସୁରା ଫାତିହା ଶିଖନ୍ତୁ ଏବଂ ତାକୁ ମନେରଖନ୍ତୁ । ସୁରା ଫାତିହାର ସାତଗୋଟି ଆୟତ ଅଛି । ଆଁ ହଜରତ୍ ସ:ଆ:ସ କହିଛନ୍ତି ଯେ ସୁରା ଫାତେହା ବିନା ନମାଜ ହୁଏନାହିଁ । ତେଣୁ ଏହାକୁ ଶିଖନ୍ତୁ । ହଜୁର୍ ଅନୁଓ୍ୱର୍ ତାଙ୍କୁ ସୁରା ଫାତେହା ପଢ଼ି ଶୁଣାଇଲେ ।

ଇଟାଲୀର ଏହି ପ୍ରତିନିଧି ମଣ୍ଡଳଙ୍କ ସାକ୍ଷାତ୍କାର ୧୨:୨୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଗାମ୍ବିୟାର ପ୍ରତିନିଧି ମଣ୍ଡଳ**

ଏହାପରେ ଗାମ୍ବିୟା ଦେଶରୁ ଆସିଥିବା ପୁରୁଷ ଓ ମହିଳା ଅହେମଦୀ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଗାମ୍ବିୟାରୁ ଏବର୍ଷ ୨୧ ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜଲ୍ସା ସାଲାନା ୟୁ.କେ ରେ ସାମିଲ୍ ହୋଇଥିଲା ।

ଓ୍ୱଫଦ୍‌ର ସଦସ୍ୟମାନେ ଜଣଜଣ କରି ନିଜର ପରିଚୟ ପ୍ରଦାନ କଲେ ଓ ହଜୁର୍ ଅନୁଓ୍ୱର୍‌ଙ୍କୁ ନିଜ ପାଇଁ ଓ ନିଜ ପରିବାରବର୍ଗଙ୍କ ନିମନ୍ତେ ପ୍ରାର୍ଥନା କରିବା ପାଇଁ ଦରଖାସ୍ତ କଲେ । ଓ କହିଲେ ଯେ ଜଲ୍ସାସାଲାନାର ସବୁ ଭାଷଣ ଦ୍ୱାରା ଆମ ଜ୍ଞାନରେ ବହୁତ ବୃଦ୍ଧି ଘଟିଛି । ଓ ଇମାନ୍ ମଧ୍ୟ ବଢ଼ିଛି । ଆମେ ଏଠାରେ ବହୁତ କିଛି ଶିଖିବାକୁ ପାଇଲୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଆପଣମାନେ ନିଜର ଓ୍ୱାକିଫିନେ ନୌ ପିଲାମାନଙ୍କୁ ସଠିକ୍ ସମୟରେ ଶିଘ୍ର ସ୍କୁଲ୍‌ରେ ଦାଖିଲ କରନ୍ତୁ । ଫଳତଃ ସେମାନେ ସେକେଣ୍ଡାରୀ ଶିକ୍ଷାକୁ ଶିଘ୍ର ସମ୍ପୂର୍ଣ୍ଣ କରିନେବେ ଓ ପୁଣି ଜାମିଆରେ ନିଜର ଉଚିତ୍ ବୟସରେ ଦାଖିଲ ହେବେ । ସେଠାରେ ଆପଣମାନଙ୍କର ପିଲାମାନେ ବଡ଼ ବୟସରେ ଯାଇ ସେକେଣ୍ଡାରୀ ଶିକ୍ଷା ସମ୍ପୂର୍ଣ୍ଣ କରୁଛନ୍ତି ।

ଦେଶର ରାଜନୈତିକ ଅବସ୍ଥା ବିଷୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଅମୀର ସାହେବ୍ ଗାମ୍ବିଆଙ୍କ ଠାରୁ କିଛି କଥା ବିଷୟରେ ପଚାରି ବୁଝିଲେ ।

ଗାମ୍ବିୟାର ଏହି ଓ୍ୱଫଦ୍‌ର ସାକ୍ଷାତ୍କାର୍ ୧୨:୪୦ ପର୍ଯ୍ୟନ୍ତ ଚାଲିଲା । ଶେଷରେ ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ମିଶରର ପ୍ରତିନିଧି ମଣ୍ଡଳ**

ଏହାପରେ ପ୍ରୋଗ୍ରାମ୍ ମୁତାବକ ମିଶରରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ସୌଭାଗ୍ୟ ପ୍ରାପ୍ତ କଲେ । ମିଶରରୁ ଏବର୍ଷ ନଅଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା ।

ପ୍ରତିନିଧିମାନେ କହିଲେ ଯେ ଆମେ ଯେବେ ଜଲ୍ସାକୁ ଆସୁଛୁ ପ୍ରତ୍ୟେକ ଥର ଆମ ଆଧାତ୍ମିକତାରେ ବୃଦ୍ଧି ଘଟୁଛି । ଆମ ଇମାନ୍‌ରେ ଉନ୍ନତି ପରିଲକ୍ଷିତ ହେଉଛି । କାରଣ ଖଲିଫତୁଲ୍ ମସିହ୍ ଏଠାରେ ଉପସ୍ଥିତ ଅଛନ୍ତି । ଆମେ ଜଲ୍ସାର ପ୍ରତ୍ୟେକ କର୍ମୀମାନଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛୁ । ଆମେ ମିଶରରୁ ଆସିଥିବା ଅହେମଦୀଗଣ ହଜୁର୍‌ଙ୍କୁ ଭଲ ପାଉଛୁ । ଏବଂ ମିଶର୍ ପାଇଁ ପ୍ରାର୍ଥନା କରିବା ନିମନ୍ତେ ଦରଖାସ୍ତ କରୁଅଛୁ । ଖୁଦାତାଲା ଆମର ଅବସ୍ଥାକୁ ଠିକ୍ କରିଦିଅନ୍ତୁ । ମିଶର୍ ଗୋଟିଏ ହୃଦୟ ସଦୃଶ । ହଦିସ୍‌ରେ ଆସିଛି ଯେ ଯଦି ହୃଦୟ ଠିକ୍ ହୋଇଯିବ ତେବେ ସବୁ ଠିକ୍ ହୋଇଯିବ । ତେଣୁ ମିଶର୍ ନିମନ୍ତେ ପ୍ରାର୍ଥନା କରିବା ପାଇଁ ବିଶେଷ ଅନୁରୋଧ କରୁଛୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- 'ଅଲ୍ଲାଃତାଲା ଫଜଲ୍ ଫର୍ମାଏ' ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ମିଶରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ନେଇକରି ଆସନ୍ତୁ । ଦୁଇଜଣ ଲୋକଙ୍କର ବାଟଖର୍ଚ୍ଚ ମୁଁ ଦେଇଦେବି । ଏଥିରେ ଉପସ୍ଥିତ ସଦସ୍ୟମାନେ କହିଲେ ଯେ ଦୁଆ କରନ୍ତୁ ସରକାର ଆମକୁ ଭିଜା ଦେଇଦେଉ । ଭିଜା

ନମିଳିବାରୁ ଲୋକମାନେ ବହୁତ ଦୁଃଖ କରୁଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- 'ଅଲ୍ଲାଃ ଫଜଲ୍ ଫର୍‌ମାଏ' ।

ମିଶର୍‌ରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କ ଏହି ସାକ୍ଷାତ୍‌କାର ୧୨:୨୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସଦସ୍ୟମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ୟୁଗାଣ୍ଡାର ପ୍ରତିନିଧି ମଣ୍ଡଳ**

ଏହାପରେ ୟୁଗାଣ୍ଡାରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ୟୁଗାଣ୍ଡାରୁ ଏବର୍ଷ ସାତଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ୟୁଗାଣ୍ଡାର ଅମୀର୍ ଓ ମୁବଲିଗ୍ ଇନ୍‌ଚାର୍ଯ୍ୟ ଓ ସେକ୍ରେଟାରୀ ତବ୍‌ଲିଗ୍ ସାହେବ୍‌ଙ୍କ ଠାରୁ ଯମାତ୍‌ର ଅବସ୍ଥା ଓ ପ୍ରୋଗ୍ରାମ୍ ବିଷୟରେ ପଚାରି ବୁଝିଲେ । ଏବଂ ଦେଶର ଅବସ୍ଥା ମଧ୍ୟ ପଚାରି ବୁଝିଲେ ।

ଅମୀର୍ ସାହେବ୍ ୟୁଗାଣ୍ଡା ଆସାଇଲମ୍ ନେଇଥିବା ଲୋକମାନଙ୍କ ପ୍ରସଙ୍ଗରେ ନିଜର ରିପୋର୍ଟ ଉପସ୍ଥାପନ କଲେ ଓ ସମସ୍ୟା ଗୁଡିକର ଚର୍ଚ୍ଚା କରି ଦୁଆ କରିବା ପାଇଁ ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ 'ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ ଅଓର୍ ମୁସ୍‌କିଲାତ୍ ଦୂର୍ ଫରମାଏ' ଅର୍ଥାତ୍ ଅଲ୍ଲାଃତାଲା ଦୟା କରନ୍ତୁ ଓ ସବୁ କଷ୍ଟ ଦୂର କରନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଅମୀର ସାହେବ୍ ୟୁଗାଣ୍ଡାକୁ କହିଲେ ଯେ ଦଫ୍‌ତରି ମାମଲା ବିଷୟରେ ଆପଣଙ୍କ ସହିତ ଅଲଗା ସାକ୍ଷାତ୍‌କାର୍ ହେବ ।

ୟୁଗାଣ୍ଡାରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କର ଏହି ସାକ୍ଷାତ୍‌କାର୍ ୧:୦୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ସମସ୍ତେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

**ଜିମ୍ବାଓ୍ୱେର ପ୍ରତିନିଧି ମଣ୍ଡଳ**

ଏହାପରେ ଜିମ୍ବାଓ୍ୱେ ଦେଶରୁ ଆସିଥିବା ଜିମ୍ବାଓ୍ୱେର ସଦର ଯମାତ୍ ମୋକରମ୍ ୟୁସୁଫ୍ ଅନୁବି ସାହେବ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ଜିମ୍ବାଓ୍ୱେ ପ୍ରଥମଥର ଆସି ଏହି ଜଲ୍‌ସାରେ ଯୋଗଦେଇଛନ୍ତି । ହଜୁର୍ ଅନୁଓ୍ୱର୍ ତାଙ୍କୁ ପଚାରିବାରୁ ସେ କହିଲେ- ଜିମ୍ବାଓ୍ୱେରେ ଯମାତ୍‌ର ସଂଖ୍ୟା ଧିରେ ଧିରେ ବଢ଼ିଚାଲିଛି । ଆମ ସଦସ୍ୟମାନଙ୍କର ସଂଖ୍ୟା ତିନିହଜାର୍ ପାଖାପାଖି ହେବ । ସେଥିରେ ଦୁଇହଜାର୍ କର୍ମଠ ସଦସ୍ୟ ଅଛନ୍ତି ।

ଓ୍ୱସିୟତ୍‌ର ଜାଏଜା ନେବାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ହିଦାୟତ୍ ଦେଲେ ଯେ ପ୍ରଥମେ ଆପଣ ନିଜେ ଓ୍ୱସିୟତ୍ କରନ୍ତୁ । ପରେ ପୁଣି ଅନ୍ୟମାନେ ଆପଣଙ୍କୁ ଅନୁସରଣ କରିବେ । ଆପଣ ଏଠାକୁ ଆସି ଯମାତ୍‌ର ପ୍ରତ୍ୟେକ ବ୍ୟବସ୍ଥା ଓ ସେଟପ୍ ଦେଖିସାରିଛନ୍ତି । ଏବେ ଫେରିଯାଇ ପରିଶ୍ରମ କରନ୍ତୁ ଏବଂ ସେଠାରେ ଏହି ପ୍ରକ୍ରିୟାରେ ନିଜାମ୍ ଯମାତ୍‌ର ମୂଳଦୁଆକୁ ପ୍ରତିଷ୍ଠା କରନ୍ତୁ ।

ସେ କହିଲେ ଯେ ସେ ଜଲ୍‌ସା ସାଲାନାରେ ସାମିଲ୍ ହୋଇ ଏଥିରୁ ବହୁତ କିଛି ଶିଖିଛନ୍ତି । ପ୍ରଥମଥର ପାଇଁ ଏ ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ଜଲ୍‌ସାର ଉପସ୍ଥାନ ଓ ପ୍ରତ୍ୟେକ ବ୍ୟବସ୍ଥାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ତାଙ୍କର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହି ସାକ୍ଷାତ୍‌କାର୍ ଦିନ ୧:୧୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଘାନାର ପ୍ରତିନିଧି ମଣ୍ଡଳ**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମେହ୍‌ମୁଦ୍ ହଲ୍‌ରେ ପ୍ରବେଶ କଲେ । ଯେଉଁଠି ଘାନାରୁ ଆସିଥିବା ଓ୍ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଘାନାରୁ ଏବର୍ଷ ୨୬ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ଓ୍ୱଫଦ୍‌ର ସଦସ୍ୟମାନେ ଜଣ ଜଣ କରି ନିଜର ପରିଚୟ ପ୍ରଦାନ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିର୍ଦ୍ଦେଶ ଦେଲେ ଯେ ଘାନାର ସଦର ସାହିବା ଲଜ୍‌ନାଙ୍କୁ କୁହନ୍ତୁ ଯେ ସେ ତାଙ୍କ ତଜ୍‌ନିଦ୍ ସମ୍ପୂର୍ଣ୍ଣ କରନ୍ତୁ ଓ ଦେଶର ପ୍ରତ୍ୟେକ ରିଜିଅନ୍ ଓ ଅଂଚଳରେ ନିଜ ଲଜ୍‌ନାର ତଜ୍‌ନିଦ୍‌କୁ ସମ୍ପୂର୍ଣ୍ଣ କରାନ୍ତୁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଓ୍ୱଫଦ୍‌ର ମେମ୍ବର୍‌ମାନଙ୍କ ଠାରୁ ଘାନାର ବିଭିନ୍ନ ଅଂଚଳ ଏବଂ ସେଠାରେ ହେଉଥିବା କାର୍ଯ୍ୟ ପ୍ରସଙ୍ଗରେ କଥା ହେଲେ । ଏବଂ କିଛି ଅହେମଦୀଙ୍କ ବିଷୟରେ ଓ ଅନ୍ୟାନ୍ୟ ପ୍ରସଙ୍ଗରେ କଥା ହେଲେ ।

ପରିଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ଜଣ ଜଣ ହୋଇ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ଘାନାରୁ ଆସିଥିବା ଏହି ଓ୍ୱଫଦ୍‌ଙ୍କ ସାକ୍ଷାତ୍‌କାର ୧:୩୫ ପର୍ଯ୍ୟନ୍ତ ଜାରି ରହିଲା ।

**ଆଫ୍ରିକୀୟ ଦେଶଗୁଡିକର ଅହେମଦୀୟ ରକିମ୍ ପ୍ରେସ୍ ର କର୍ମୀମାନଙ୍କ ସହିତ ଇଜ୍‌ତିମାଇ (ସମବେତ) ସାକ୍ଷାତ୍‌କାର୍**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଚାଲିଗଲେ । ଯେଉଁଠାରେ ପ୍ରୋଗ୍ରାମ୍ ମୁତାବକ ଆଫ୍ରିକୀୟ ଦେଶଗୁଡିକରେ ରକିମ୍ ପ୍ରେସ୍‌ରେ ସେବା କରୁଥିବା ମୁବଲ୍ଲିଗିନ୍ ଓ ଅନ୍ୟାନ୍ୟ କର୍ମୀମାନଙ୍କ ସହିତ ଇଜ୍‌ତିମାଇ ସାକ୍ଷାତ୍‌କାର୍ ରଖାଯାଇଥିଲା ।

ଏବର୍ଷ ଜଲ୍‌ସାସାଲାନାରେ ଘାନା, ଆଇଭରିକୋଷ୍ଟ, ବୁର୍କିନାଫାସୋ, ଗାମ୍ବିୟା, ସିରିଆଲିଓନ୍, କେନିୟା, ତନ୍‌ଜାନିଆ ଏବଂ ବେନିନ୍‌ର ଅହେମଦୀୟା ପ୍ରେସ୍‌ର ପ୍ରତିନିଧିମାନେ ଯୋଗଦେଇଥିଲେ । ସମସ୍ତେ ନିଜ ନିଜର କାମର ରିପୋର୍ଟ ହଜୁର୍ ଅନୁଓ୍ୱର୍‌ଙ୍କ ସମ୍ମୁଖରେ ଉପସ୍ଥାପନ କଲେ ।

ଘାନାର ପ୍ରତିନିଧି ବତାଇଲେ ଯେ ଏ ବର୍ଷ ସେ ଘାନାର ସ୍ଥାନୀୟ ଭାଷାରେ ୨୦୦୦ ସଂଖ୍ୟାରେ ପବିତ୍ର କୁରୁଆନ୍ ଅନୁବାଦ କରି ପ୍ରକାଶ କରିଛନ୍ତି ।

ଏହିପରି ଅନ୍ୟାନ୍ୟ ଦେଶରୁ ଆସିଥିବା ପ୍ରତିନିଧିମାନେ ନିଜ ନିଜ ପ୍ରେସ୍‌ରେ ପ୍ରକାଶିତ ହୋଇଥିବା ଲିଟରେଚର୍ ଓ ଅନ୍ୟାନ୍ୟ ବିଷୟରେ ରିପୋର୍ଟ ଉପସ୍ଥାପନ କଲେ ।

ଅଲ୍ଲାଃତାଲାଙ୍କ କରୁଣାରୁ ପତ୍ରିକା 'ରିଭ୍ୟୁ ଅଫ୍ ରିଲିଜିଅନ୍‌ସ' ର ଫ୍ରେନ୍‌ଚ୍ ଏଡ଼ିଶନ୍ ଏବଂ ପତ୍ରିକା ଅତ୍‌ତକ୍‌ଓ୍ୱା ଆଫ୍ରିକିୟ ଦେଶଗୁଡିକ ନିମନ୍ତେ ଫ୍ରେନ୍‌ଚ୍ ଦେଶଗୁଡିକର ପ୍ରେସ୍‌ରେ ପ୍ରକାଶିତ ହେଉଅଛି ।

କିଛି ଦେଶଗୁଡିକ ନିଜ ନିଜର ପ୍ରେସ୍‌କୁ ବଢ଼ାଇବା ପାଇଁ ଆଉ ଅଧିକା ମିଶନାରୀର ଆବଶ୍ୟକ ଅଛି ବୋଲି କହିଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଯଦି ଆପଣମାନେ ନିଜ ସାଧନ ଦ୍ୱାରା ହାସଲ କରିପାରୁଛନ୍ତି ତେବେ କରନ୍ତୁ ।

ପ୍ରେସ୍‌ର ପ୍ରତିନିଧିମାନଙ୍କ ଏହି ସାକ୍ଷାତ୍‌କାର୍ ୧:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ଠିକ୍ ୨ ଟା ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍‌କୁ ଆସିଲେ ଓ ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ ।

**ମର୍କଜୀ ପ୍ରତିନିଧିମାନଙ୍କ ସମ୍ମାନରେ ଦିବା ଭୋଜନ**

ବିଭିନ୍ନ ଦେଶରୁ ଆସି ଜଲ୍‌ସାସାଲାନାରେ ସାମିଲ୍ ହୋଇଥିବା ମର୍କଜୀ ପ୍ରତିନିଧିମାନଙ୍କ ସମ୍ମାନରେ ଯମାତ୍ ଅହେମଦୀୟା ୟୁ.କେ ତରଫରୁ ଆୟୋଜନ କରାଯାଇଥିବା ଦିବା ଭୋଜନ ।

ଆଜି ଯମାତ୍ ଅହେମଦୀୟା ୟୁକେ ତରଫରୁ ଦୁନିଆର ବିଭିନ୍ନ ଦେଶରୁ ଜଲ୍‌ସାସାଲାନାରେ ଯୋଗଦେବା ପାଇଁ ଆସିଥିବ ମର୍କଜୀ ପ୍ରତିନିଧିମାନଙ୍କ ସମ୍ମାନରେ ଦିବା ଭୋଜନର ବ୍ୟବସ୍ଥା ମର୍କଜୀ ଗେଷ୍ଟ୍ ହାଉସ୍‌ର ପଛପଟେ ଟେଂଟ୍ ଲଗାଇ କରାଯାଇଥିଲା । ଏଥିରେ କାଦିଆନ୍ ଓ ରବ୍‌ଓ୍ୱାରୁ ଆସିଥିବା ସମସ୍ତ ମର୍କଜୀ ପ୍ରତିନିଧିଗଣ, ଦୁନିଆର ଅନ୍ୟ ଦେଶରୁ ଆସିଥିବା ଅମୀର୍ ଗଣ, ନ୍ୟାସ୍‌ନାଲ୍ ସଦର୍ ସାହେବ୍ ଗଣ, ମୁବଲ୍ଲିଗିନ୍ କରାମ୍ ଓ ଅନ୍ୟାନ୍ୟ ଯମାତି ଓ୍ୱହ୍‌ଦାଦାର୍‌ମାନେ ସାମିଲ୍ ହୋଇଥିଲେ ।

ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେହି ଟେଂଟ୍‌ରେ ପ୍ରବେଶ କଲେ ଓ ସମସ୍ତ ଅତିଥିମାନଙ୍କୁ ହଜୁର୍ ଅନୁଓ୍ୱର ଅ:ବ:ଅଙ୍କ ସହିତ ବସି ଖାଦ୍ୟ ଖାଇବାର ସୌଭାଗ୍ୟ ପ୍ରାପ୍ତ ହେଲା । ଶେଷରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ ଓ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

**କାନାଡ଼ାରୁ ଆସିଥିବା ଖୁଦାମ୍‌ଙ୍କ ସହିତ ଇଜ୍‌ତିମାଇ ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ୪:୪୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମେହ୍‌ମୁଦ୍ ହଲ୍‌ରେ ପ୍ରବେଶ କଲେ । ଯେଉଁଠାରୁ କାନାଡ଼ାରୁ ଆସିଥିବା ୩୬୫ ଜଣ ଖୁଦାମ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ କରମର୍ଦ୍ଦନ କରିବାର ଗୌରବ ହାସଲ କଲେ । ଓ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

କାନାଡାରୁ ୩୬୫ ଜଣ ଖୁଦାମ୍ ପରିବେଷ୍ଟିତ ଏହି ଓ୍ୱଫଦ୍ ତା-୨୫ ଜୁଲାଇରୁ ୬ଅଗଷ୍ଟ ୨୦୧୭ ପର୍ଯ୍ୟନ୍ତ ୟୁକେ ରେ ରହିଲେ । ଏହି ସମସ୍ତ ଖୁଦାମ୍ ଜଲ୍‌ସା ସାଲାନାରେ ଯୋଗଦେଲେ ଓ ଜଲ୍‌ସା ପରେ ଓ୍ୱକ୍‌ଫେ ଆର୍‌ଜି ପ୍ରୋଗ୍ରାମ୍ ଅନ୍ତର୍ଗତ ଓ୍ୱାଇଣ୍ଡ୍‌ଅପ୍‌ର ଡ୍ୟୁଟି ସମ୍ପାଦନ କଲେ । କାନାଡାରୁ ଆସିଥିବା ଖୁଦାମୁଲ୍ ଅହେମଦୀୟାର ଏହି ଓ୍ୱଫଦ୍ ଗୋଟିଏ ସମ୍ପୂର୍ଣ୍ଣ ଚାର୍ଟାର୍ଡ ଉଡାଜାହାଜ ବୁକ୍ କରାଇ ଲଣ୍ଡନ ପହଂଚିଥିଲା । କାନାଡା ଗୋଟିଏ ବିଶାଳ ଓ ବିସ୍ତୀର୍ଣ୍ଣ ଦେଶ ଅଟେ, ଯାହାକୁ ୧୨ଟି ରିଜିଅନ୍‌ରେ ବିଭକ୍ତ କରାଯାଇଛି । ଏହି ଗ୍ରୁପ୍‌ରେ ପ୍ରତ୍ୟେକ ରିଜିଅନ୍ ସହିତ ସମ୍ପର୍କ ରଖିଥିବା ଖୁଦାମ୍ ସାମିଲ୍ ହୋଇଥିଲେ । ଗସ୍ତ ସମୟରେ ଓ୍ୱଫଦ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ଜାହାଜରେ ନିୟମିତ ରୂପେ ବାଯମାତ୍ ନମାଜ୍ ପାଠ କରିବାର ସୌଭାଗ୍ୟ ମିଳିଲା ଯାହାର ଭିଡିଓକୁ ସୋଶିଆଲ୍ ମିଡିଆ ଇତ୍ୟାଦିରେ ଲକ୍ଷ୍ୟ ଲକ୍ଷ୍ୟ ଲୋକ ଦେଖିଲେ ।

**ଏକକ ଓ ଫ୍ୟାମିଲି ସାକ୍ଷାତ୍‌କାର୍**

ଫଟୋ ଉଠାଇବା ପ୍ରୋଗ୍ରାମ୍ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ପ୍ରତ୍ୟାଗମନ କଲେ, ଯେଉଁଠାରେ ପ୍ରୋଗ୍ରମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ୨୯ ଟି ଫ୍ୟାମିଲିରୁ ୧୪୫ ଜଣ ଲୋକ ଓ ଏତଦ୍‌ବ୍ୟତୀତ ୩୭ ଜଣ ଅନ୍ୟ ଲୋକେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ପ୍ରାପ୍ତ କଲେ । ଏହିପରି ମୋଟ୍ ୧୮୨ ଜଣ ଲୋକ ସାକ୍ଷାତ୍ କରିପାରିଲେ ।

ସାକ୍ଷାତ୍ କରୁଥିବା ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୨୮ ଟି ଦେଶରୁ ଆସିଥିଲେ । ପାକିସ୍ତାନ୍, ଆମେରିକା, ସ୍ପେନ୍, କାନାଡ଼ା, ସାଉଦୀଆରବ୍, ତନ୍‌ଜାନିଆ, ଡେନ୍‌ମାର୍କ, ନରଓ୍ୱେ, ନାଇଜେରିଆ, ଅବୁଧାବି, ୟୁ.କେ, ଇଣ୍ଡିଆ, ଜର୍ମାନୀ, ହଲାଣ୍ଡ୍, କାନାଡ଼ା, ଇଟାଲୀ, ବଙ୍ଗଳାଦେଶ, ଘାନା, ଫିଲିପାଇନ୍, ସ୍ୱୀଡେନ୍, ଇଣ୍ଡୋନେସିଆ, ୟୁଗାଣ୍ଡା, ୟୁନାନ୍, କତର୍, ଆଇଭରିକୋଷ୍ଟ୍, ମରିସସ୍, ଆୟାର୍‌ଲାଣ୍ଡ୍ ଓ ବେନିନ୍ ।

ଏମାନେ ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଶିକ୍ଷା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ କଲମ ଉପହାର ପ୍ରଦାନ କଲେ । ଓ ଛୋଟ ବୟସର ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ସଂଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍‌ରେ ପ୍ରବେଶ କରି ନମାଜ ମଗ୍‌ରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ । କ୍ରମଶଃ...

ପୃଷ୍ଠା-୨ ର ଅବଶିଷ୍ଟାଂଶ.......

ନିମ୍ନରେ ୱ୍କଫେ ଯଦିଦ୍‌ରେ ମାଲି କୁର୍‌ବାନୀ କରିଥିବା ଅନୁସାରେ ଭାରତର ଯମାତ୍ ଓ ପ୍ରଦେଶଗୁଡିକର ୫ବର୍ଷୀୟ ସାରଣୀ ଉପସ୍ଥାପନ କରାଯାଉଛି । ଫଳତଃ ଲୋକେ ଏହାର ଅନୁଶୀଳନ କରିବେ ଓ ଏହି ପୁଣ୍ୟ କାର୍ଯ୍ୟରେ ଜଣେ ଅନ୍ୟଜଣଙ୍କ ଠାରୁ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରିବେ ।

**ପୋଜିସନ୍ ଅନୁସାରେ ସବୁଠାରୁ ଆଗରେ ରହିଥିବା ଦଶଟି ଯମାତ୍‌ର ପାଂଚବର୍ଷୀୟ ପର୍ଯ୍ୟାୟ ସାରଣୀ**

| | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ୨୦୧୭ | କାଲିକଟ୍ | ହାଇଦ୍ରାବାଦ୍ | ପିଥାପୁରମ୍ | କାଦିଆନ୍ | କୋଲ୍‌କାତା | ବାଙ୍ଗାଲୋର୍ | କନ୍ନୁର୍ ଟାଉନ୍ | ପେଙ୍ଗାଡ଼ି | କରୋଲାଇ | କରୁଣାଗପଲ୍ଲୀ |
| ୨୦୧୬ | କରୋଲାଇ | କାଲିକଟ୍ | ହାଇଦ୍ରାବାଦ୍ | ପିଥାପୁରମ୍ | କାଦିଆନ୍ | କନ୍ନୁର୍ ଟାଉନ୍ | କୋଲ୍‌କାତା | ବାଙ୍ଗାଲୋର୍ | ସଲୁର୍ | ପେଙ୍ଗାଡ଼ି |
| ୨୦୧୫ | କରୋଲାଇ | କାଲିକଟ୍ | ହାଇଦ୍ରାବାଦ୍ | ପିଥାପୁରମ୍ | କାଦିଆନ୍ | କନ୍ନୁର୍ ଟାଉନ୍ | କୋଲ୍‌କାତା | ସଲୁର୍ | ବାଙ୍ଗାଲୋର୍ | ପେଙ୍ଗାଡି |
| ୨୦୧୪ | କରୋଲାଇ | କାଲିକଟ୍ | ହାଇଦ୍ରାବାଦ୍ | କୋଲ୍‌କାତା | କାଦିଆନ୍ | କନ୍ନୁର୍ ଟାଉନ୍ | ସଲୁର୍ | ପେଙ୍ଗାଡି | ଚେନ୍ନାଇ | ବାଙ୍ଗାଲୋର୍ |
| ୨୦୧୩ | କରୋଲାଇ | କାଲିକଟ୍ | କନ୍ନୁର୍ ଟାଉନ୍ | ହାଇଦ୍ରାବାଦ୍ | କାଦିଆନ୍ | କୋଲ୍‌କାତା | ଚେନ୍ନାଇ | ପେଙ୍ଗାଡି | ବାଙ୍ଗାଲୋର୍ | ରିଷିନଗର |

**ପୋଜିସନ୍ ଅନୁସାରେ ସବୁଠାରୁ ଆଗରେ ରହିଥିବା ଦଶଟି ରାଜ୍ୟର ପାଂଚବର୍ଷୀୟ ପର୍ଯ୍ୟାୟ ସାରଣୀ**

| | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ୨୦୧୭ | କେରଳ | J & K | ତେଲେଙ୍ଗାନା | କର୍ଣ୍ଣାଟକ | ତାମିଲ୍‌ନାଡୁ | ଓଡ଼ିଶା | ବଙ୍ଗାଲ୍ | ପଞ୍ଜାବ୍ | ୟୁପି | ମହାରାଷ୍ଟ୍ର |
| ୨୦୧୬ | କେରଳ | J & K | ତାମିଲ୍‌ନାଡୁ | କର୍ଣ୍ଣାଟକ | ତେଲେଙ୍ଗାନା | ଓଡ଼ିଶା | ବଙ୍ଗାଲ୍ | ପଞ୍ଜାବ୍ | ୟୁପି | ଦିଲ୍ଲୀ |
| ୨୦୧୫ | କେରଳ | ତାମିଲ୍‌ନାଡୁ | J & K | ତେଲେଙ୍ଗାନା | କର୍ଣ୍ଣାଟକ | ବଙ୍ଗାଲ୍ | ଓଡ଼ିଶା | ପଞ୍ଜାବ୍ | ୟୁପି | ଦିଲ୍ଲୀ |
| ୨୦୧୪ | କେରଳ | J & K | ତାମିଲ୍‌ନାଡୁ | A.P | ବଙ୍ଗାଲ୍ | ଓଡ଼ିଶା | କର୍ଣ୍ଣାଟକ | ପଞ୍ଜାବ୍ | ୟୁପି | ମହାରାଷ୍ଟ୍ର |
| ୨୦୧୩ | କେରଳ | J & K | A.P | ତାମିଲ୍‌ନାଡୁ | ବଙ୍ଗାଲ୍ | ଓଡ଼ିଶା | କର୍ଣ୍ଣାଟକ | ପଞ୍ଜାବ୍ | ମହାରାଷ୍ଟ | ଦିଲ୍ଲୀ |

ଯମାତ୍ ଗୁଡିକର ସାରଣୀରୁ ଜଣାପଡୁଛି ଯେ କାଦିଆନ୍ ଯିଏ ଲଗାତାର୍ ପାଂଚ ନମ୍ବର୍ ପୋଜିସନ୍‌ରେ ରହୁଥିଲା ୨୦୧୭ ବର୍ଷରେ ତାକୁ ଚତୁର୍ଥ ପୋଜିସନ୍‌ରେ ସାମିଲ୍ ହେବା ପାଇଁ ସୌଭାଗ୍ୟ ମିଳିଛି । ଏବଂ ଏହିପରି ହାଇଦ୍ରାବାଦ୍‌ର ଯମାତ୍ ଯାହା ପ୍ରଥମେ ଚତୁର୍ଥ ଏବଂ ପୁଣି ତୃତୀୟ ନମ୍ବର୍‌ରେ ରହୁଥିଲା ତାକୁ ଦ୍ୱିତୀୟ ପୋଜିସନ୍‌ରେ ସାମିଲ୍ ହେବାପାଇଁ ସୌଭାଗ୍ୟ ମିଳିଛି । ସେହିପରି କାଲିକଟ୍ ସହର ଯିଏ ଦ୍ୱିତୀୟ ପୋଜିସନ୍‌ରେ ତାକୁ ପ୍ରଥମ ପୋଜିସନ୍‌ର ସୌଭାଗ୍ୟ ପ୍ରାପ୍ତ ହୋଇଛି । ମାଲି କୁର୍‌ବାନୀରେ ଆଗକୁ ବଢ଼ିବା ପାଇଁ ଏହା ଏକ ସୁନ୍ଦର ପ୍ରତିଯୋଗିତା । ଅଲ୍ଲାଃତାଲା ଆମକୁ ତା ପ୍ରସନ୍ନତାର ମାର୍ଗରେ ପରିଚାଳିତ ହେବାପାଇଁ ଓ ଅଧିକରୁ ଅଧିକ କୁର୍‌ବାନୀ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

**ଆପଣମାନଙ୍କ ଦୃଷ୍ଟି ଏ ବିଷୟ ଉପରେ ରହିବା ଉଚିତ୍ ଯେ ମୋ ବାପା ମା' ମୋ ଜନ୍ମ ପୂର୍ବରୁ ମୋତେ ୱ୍କଫ କରିଛନ୍ତି ଓ ପୁଣି ଯୌବନ ଅବସ୍ଥାରେ ପାଦଥାପିବା ପରେ ମୁଁ ମୋର ୱ୍କଫର ତଜ୍‌ଦିଦ୍ (ନବୀନକରଣ) କରିଛି । ତେଣୁ ମୋତେ ସଂସାର ଆଡକୁ ଦେଖିବା ଠିକ୍ ନୁହେଁ । ବରଂ ଖୁଦାଙ୍କ ଆଡକୁ ଦେଖିବାକୁ ହେବ ।**

ୱାକିଫିନେ ନୌ ଯୁବକମାନଙ୍କୁ ଓ ମୈଦାନେ ଅମଲ (କର୍ମକ୍ଷେତ୍ରରେ ଥିବା ଯୁବକ ମୁରବୀ ମାନଙ୍କୁ ମଧ୍ୟ ମୁଁ ଏହା କହିବାକୁ ଚାହିଁବି ଯେ ଏ ଦୁନିଆ ଆପଣଙ୍କ ପଦମର୍ଯ୍ୟାଦାକୁ ବୁଝୁ ବା ନବୁଝୁ । କୌଣସି ସଦର, ଅମୀର୍ ବା ଓ୍ୱହ୍‌ଦାଦାର୍ ବରଂ ଯମାତ୍‌ର ଯେକେହି ମଧ୍ୟ ଆପଣମାନଙ୍କ ସମ୍ମାନ କରନ୍ତୁ ବା ନକରନ୍ତୁ ଆପଣମାନେ ଅଲ୍ଲାଃତାଲାଙ୍କ ସହିତ କୁର୍‌ବାନୀ କରିବାର ଯେଉଁ ଶପଥ କରିଛନ୍ତି ତାକୁ ନିଷ୍ଠାର ସହିତ ନିର୍ବାହ କରନ୍ତୁ । ଆପଣମାନଙ୍କ ଦୃଷ୍ଟି ଏ ବିଷୟ ଉପରେ ରହିବା ଉଚିତ୍ ଯେ ମୋ ବାପା ମା' ମୋ ଜନ୍ମ ପୂର୍ବରୁ ମୋତେ ୱ୍କଫ କରିଛନ୍ତି ଓ ପୁଣି ଯୌବନ ଅବସ୍ଥାରେ ପାଦଥାପିବା ପରେ ମୁଁ ମୋର ୱ୍କଫର ତଜ୍‌ଦିଦ୍ (ନବୀନକରଣ) କରିଛି । ତେଣୁ ମୋତେ ସଂସାର ଆଡକୁ ଦେଖିବା ଠିକ୍ ନୁହେଁ । ବରଂ ଖୁଦାଙ୍କ ଆଡକୁ ଦେଖିବାକୁ ହେବ । ଏବଂ ଖୁଦାଙ୍କ ଯମାତ୍‌ର ଆବଶ୍ୟକତାକୁ ଦେଖନ୍ତୁ । ତେଣୁ ମୁଁ ଯାମିଆରେ ଯିବା ନିମନ୍ତେ ନିଜକୁ ପେଶ୍ କରିବି ଓ ଯେତେବେଳେ ମୁରବୀ ହୋଇ ବାହାରିବି ସେତେବେଳେ ପ୍ରତ୍ୟେକ ବିଷୟରେ ଖୁଦାଙ୍କ ନିକଟରେ ନତମସ୍ତକ ହେବି ଓ ଲୋକମାନଙ୍କର ବ୍ୟବହାରର କୌଣସି ପରବାୟ କରିବି ନାହିଁ । ଅର୍ଥାତ୍ ମନୁଷ୍ୟ ତ ଏପରି ହିଁ ସବୁବେଳେ ଖୁଦାଙ୍କ ସମ୍ମୁଖରେ ନତମସ୍ତକ ରହେ ଏବଂ ରହିବା ଉଚିତ୍ । କିନ୍ତୁ ଏଠାରେ ମୋ କହିବାର ଅର୍ଥ ହେଉଛି ଯେ ପୁଣି ଏହା ଦେଖିବା ଉଚିତ୍ ହେବନାହିଁ କି ଓ୍ୱହ୍‌ଦାଦାର୍‌ମାନେ କଣ କହୁଛନ୍ତି । ଯଦି କୌଣସି ଏପରି ଅଭିଯୋଗ ହୋଇଯାଏ ମଧ୍ୟ ତେବେ ଲୋକମାନଙ୍କ ସମ୍ମୁଖରେ ପ୍ରକାଶ କରିବା ପରିବର୍ତ୍ତେ ଖୁଦାଙ୍କ ସମ୍ମୁଖରେ ନତମସ୍ତକ ହେବା ଉଚିତ୍ । ଲୋକଙ୍କ ବ୍ୟବହାର ପ୍ରତି ପରବାୟ କରିବାର ନାହିଁ । (ଖୁତ୍‌ବାଜୁମ୍ମା ୧୦ ମାର୍ଚ୍ଚ ୨୦୧୭) (ଇନ୍‌ଚାର୍ଯ୍ୟ ୱ୍କଫେ ନୌ, ଭାରତ)

**ମସ୍‌ଜିଦ୍ ବଇତୁଲ୍ ଫତୁହ୍ କମ୍ପ୍ଲେକ୍ସ ର ନବ ନିର୍ମାଣ ନିମନ୍ତେ ୟୁ.କେ ଏବଂ ଦୁନିଆରେ ଥିବା ଯମାତ୍‌ର ଦାନଶୀଳ ବ୍ୟକ୍ତିମାନଙ୍କୁ ମାଲି କୁର୍‌ବାନୀ ନିମନ୍ତେ ତେହ୍‌ରିକ୍ (ଆହ୍ୱାନ୍)**

**ତିନିବର୍ଷ ଅବଧିରେ ନିଜର ୱାଦା (ପ୍ରତିଶୃତି) କରିଥିବା ଅର୍ଥକୁ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ । କିନ୍ତୁ ଅତି କମ୍‌ରେ ଏକ ତୃତୀୟାଂଶ ଅର୍ଥ ପ୍ରଥମ ବର୍ଷରେ ହିଁ ନିଶ୍ଚିତ ରୂପେ ପଇଠ କରନ୍ତୁ ।**

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍ ୩ ନଭେମ୍ବର ୨୦୧୭ ଦିନ ଯମାତ୍‌ର ଲୋକମାନଙ୍କ ନିମନ୍ତେ ଗୋଟିଏ ମାଲି କୁର୍‌ବାନୀର ତେହ୍‌ରିକ୍ (ଆହ୍ୱାନ୍) କରି କହୁଛନ୍ତି:- ''ମୁଁ ଗୋଟିଏ ଛୋଟିଆ ତେହ୍‌ରିକ୍ ମଧ୍ୟ କରିବାକୁ ଚାହୁଁଛି, ଯାହାକୁ ସାଧାରଣତଃ ୟୁ.କେ (UK) ପାଇଁ ଏବଂ ଦୁନିଆର ଯେଉଁ ଦାନଶୀଳ ବ୍ୟକ୍ତି ଅଟନ୍ତି, ଓ ଯେଉଁ ସାମର୍ଥ୍ୟ ରଖୁଥିବା ଲୋକେ ଅଛନ୍ତି ସେମାନଙ୍କ ପାଇଁ ଅଟେ । ଏବଂ ତାହା ହେଉଛି ମସ୍‌ଜିଦ୍ ବଇତୁଲ୍ ଫତୁହ୍‌ର ସେହି ଜଳିଯାଇଥିବା ଅଂଶର ନବ ନିର୍ମାଣ ନିମନ୍ତେ । ଏହା ହେଉଛି ବହୁତ ବଡ଼ ଯୋଜନା...ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମହୁଲ୍ଲାହୋ ତାଲା ଯେତେବେଳେ ଏହି ମସ୍‌ଜିଦ୍ ନିର୍ମାଣର ଯୋଜନା ପାଇଁ ତେହ୍‌ରିକ୍ କରିଥିଲେ ସେତେବେଳେ ଆରମ୍ଭରେ ପାଂଚ ମିଲିଅନ୍‌ର ତେହ୍‌ରିକ୍ କରିଥିଲେ । ପରେ ପୁଣି ପାଂଚ ମିଲିଅନ୍‌ର ତେହ୍‌ରିକ୍ ଆପଣଙ୍କୁ କରିବାକୁ ପଡ଼ିଥିଲା । ଏହାର ଯେଉଁ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି ଏଥିରେ ମଧ୍ୟ ପାଖାପାଖି ସେତିକି ହିଁ ଅର୍ଥ ଖର୍ଚ୍ଚ ହେବ, ଅର୍ଥାତ୍ ୧୧ ମିଲିଅନ୍ ପାଖାପାଖି ଖର୍ଚ୍ଚ ହେବ । ସେଥିରୁ ପାଖାପାଖି ଅଧା ଅର୍ଥ ମହଜୁଦ୍ ଅଛି । ଅଧାରୁ ଅଧିକର ଆବଶ୍ୟକ ପଡ଼ିବ । ଏବଂ ସେଥିପାଇଁ ଲୋକମାନଙ୍କୁ କୁର୍ବାନୀ କରିବାକୁ ହେବ, ଯେପରି ସବୁବେଳେ କରିଆସୁଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆଲେହିସ୍ ସଲାମ୍ ଗୋଟିଏ ଅବସରରେ କହୁଛନ୍ତି:- "ଆଲମଗୀର ସମୟରେ ମୁଖ୍ୟ ମସଜିଦ୍‌ରେ ନିଆଁ ଲାଗିଗଲା, ଲୋକେ ଦୌଡ଼ି ଦୌଡ଼ି ରାଜାଙ୍କ ନିକଟରେ ପହଁଚିଲେ ଏବଂ କହିଲେ ମସଜିଦ୍‌ରେ ନିଆଁ ଲାଗିଯାଇଛି ଏହି ଖବର ଶୁଣି ରାଜା ସଙ୍ଗେସଙ୍ଗେ ସଜ୍‌ଦାରେ ଯାଇ (ଅଲ୍ଲାଃଙ୍କୁ) କୃତଜ୍ଞତା ଜ୍ଞାପନ କଲେ । ନିକଟରେ ବସିଥିବା ଲୋକେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିଲେ ହଜୁର କୃତଜ୍ଞତାର ଏହା କେଉଁ ସମୟ ? ଅଲ୍ଲାଃର ଘରେ ନିଆଁ ଲାଗିଗଲା ଏବଂ ଏହି ଘଟଣାରେ ମୁସଲମାନମାନେ ମ୍ରିୟମାଣ ଓ ବ୍ୟଥିତ । ଏଥିରେ ରାଜା କହିଲେ- ମୁଁ ଦିର୍ଘ ଦିନ ହେଲା ଚିନ୍ତା କରୁଥିଲି ଏବଂ ମୁଁ ଦୁଃଖରେ ପିଡ଼ିତ ଥିଲି କି ଏଭଳି ବିଶାଳ ମସଜିଦ୍ ତିଆରି ହୋଇଛି ଏବଂ ଏତତ୍ ଦ୍ୱାରା ସହସ୍ର ଲୋକେ ଉପକୃତ ହେଉଛନ୍ତି । ଅଲ୍ଲାଃ କରନ୍ତେ କି ଏହି ମାନବ ସେବା କାର୍ଯ୍ୟରେ ମୋର ମଧ୍ୟ କିଛି ଯୋଗଦାନ ରୁହନ୍ତା କି ? କିନ୍ତୁ ଚତୁର୍ପାଶ୍ୱରୁ ମୁଁ ଏହାକୁ ଏଭଳି ସମ୍ପୂର୍ଣ୍ଣ ଓ ତୃଟିହୀନ ଦେଖୁଥିଲି କି ମୋତେ କୌଣସି ରାସ୍ତା ଦିଶୁନଥିଲା ଯେ ମୁଁ କିଭଳି ଏଥିରୁ ପୁଣ୍ୟ ଅର୍ଜନ କରିବି । ସୁତରାଂ ଆଜି ଅଲ୍ଲାଃତାଲା ମୋ ପାଇଁ ପୁଣ୍ୟ ଅର୍ଜନ କରିବାର ଏକ ମାର୍ଗ ଖୋଲିଦେଲେ ୱଲ୍ଲାହୁ ସମିଉନ୍ ଅଲିମ୍ ।'' (ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୩୮୭, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ସୁତରାଂ ଯେପରିକି ମୁଁ କହିଲି ଯେ ଯେଉଁମାନେ ପୂର୍ବରୁ ଏହି କୁର୍ବାନୀରେ ଭାଗ ନେଇପାରିନାହାଁନ୍ତି ସେମାନଙ୍କୁ ନିଶ୍ଚିତ ରୂପେ ଭାଗନେବା ଉଚିତ୍ । ନିଜର ଯାହା ବି ଅର୍ଥ ୱାଦା କରି ଲେଖାଇବେ ତାକୁ ତିନିବର୍ଷ ଅବଧି ଭିତରେ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ । କିନ୍ତୁ ଅତି କମ୍‌ରେ ଏକ ତୃତୀୟାଂଶ ପ୍ରଥମ ବର୍ଷରେ ହିଁ ନିଶ୍ଚିତ ରୂପେ ପଇଠ କରନ୍ତୁ । ଇଦାରାଃ - (ଦଫ୍ତର୍)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 08 February 2018 Issue No.6

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜଲ୍‌ସା ସାଲାନା ବ୍ରିଟେନ୍-୨୦୧୭ ଅବସରରେ କାର୍ଯ୍ୟବ୍ୟସ୍ତତା

## ଇସ୍‌ଲାମ୍ ଶେଷ ଓ ଶାସ୍ୱତ ଧର୍ମ ଅଟେ, ପରିଶେଷରେ ସମସ୍ତ ଧର୍ମ ଇସ୍‌ଲାମ୍‌ର ଅନ୍ତର୍ଭୁକ୍ତ ହେବେ ଏବଂ ଏହା ହିଁ ଏକମାତ୍ର ଧର୍ମ ହୋଇ ରହିବ

ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ ଯେ ଶେଷ ଯୁଗରେ ଜଣେ ରିଫର୍ମର୍, ମୁସ୍‌ଲେହ (ସଂସ୍କାରକ) ଆସିବେ ଏବଂ ସେ ସମୟରେ ତରବାରିର ଜିହାଦ୍‌ର ପରିସମାପ୍ତି ଘଟିବ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା ହେଉଛନ୍ତି ସେହି ମୁସ୍‌ଲେହ ଓ ରିଫର୍ମର ଯିଏ ନବୀ କରିମ୍ ସ:ଆ:ସ ଙ୍କ ପେଶ୍‌ଗୋଇ ମୁତାବକ ଆସିଛନ୍ତି, ସେ ଆସି ଏ ଘୋଷଣା କଲେ ଯେ ବର୍ତମାନ ତରବାରିର ଜିହାଦ୍ ହେବନାହିଁ । ବର୍ତମାନ ସମୟ ହେଉଛି କଲମ ସହିତ ଜିହାଦ୍ କରିବାର ଯୁଗ ।

ସ୍ପେନ୍‌ରେ ଇସ୍‌ଲାମ୍ ୭୦୦ ବର୍ଷ ପର୍ଯ୍ୟନ୍ତ ରହିଲା, ପୁଣି ଇସାଇୟତ୍ (ଖ୍ରୀଷ୍ଟିୟାନିଜିମ୍) ପୁନର୍ବାର ଆସିଗଲା, ଏବେ ଆମେ ପୁନର୍ବାର ଲୋକମାନଙ୍କର ମନକୁ ଜିତି ସେମାନଙ୍କ ହୃଦୟରେ ଇସ୍‌ଲାମ୍ ଦାଖଲ କରାଇବୁ । ଇସ୍‌ଲାମ୍ କୌଣସି ଯୁଦ୍ଧ ଦ୍ୱାରା ପ୍ରସାର ହେବନାହିଁ ବରଂ ଇସ୍‌ଲାମ୍ ନିଜର ବାସ୍ତବିକ ଶିକ୍ଷା ଅର୍ଥାତ୍ ପ୍ରେମ, ସ୍ନେହ ଓ ସୌହାର୍ଦ୍ୟ ଜରିଆରେ ପ୍ରସାର କରିବ ।

### ସାକ୍ଷାତ୍ କରିବାକୁ ଆସିଥିବା ଅତିଥିମାନଙ୍କୁ ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ତରଫରୁ ଇସ୍‌ଲାମ୍‌ର ବାସ୍ତବିକ ବାର୍ତା

✶ଜମାତ୍ ଅହେମଦୀୟାର ଯେଉଁ କଥାଟି ମୋତେ ସବୁଠାରୁ ଅଧିକ ପ୍ରଭାବିତ କରିଛି ତାହା ହେଉଛି ଜମାତ୍ ଅହେମଦୀୟାର ଶାନ୍ତି ପ୍ରତିଷ୍ଠା ନିମନ୍ତେ ରହିଥିବା ଉତ୍ସାହ ଓ ଏହାର ପ୍ରତିଷ୍ଠା ପାଇଁ ଚେଷ୍ଟା । ଜମାତ୍ ଅହେମଦୀୟାର ଇମାମ୍‌ଙ୍କ ଉଦ୍‌ଜାପନୀ ଭାଷଣଟି ଅହେମଦୀମାନଙ୍କ ନିମନ୍ତେ ଯେତେ ଜରୁରୀ ଥିଲା ସେତିକି ଜରୁରୀ ବାକି ଦୁନିଆ ଓ ଅନ୍ୟାନ୍ୟ ଜାତି ସମୁହ ନିମନ୍ତେ ମଧ୍ୟ ଥିଲା । (ବଲିଭିଆର ଜଣେ ଜର୍ନାଲିଷ୍ଟ୍ Carlos Jami ସାହେବ୍)

✶ଖଲିଫତୁଲ୍ ମସିହ୍‌ଙ୍କ ବାର୍ତା ନା କେବଳ ମୁସଲ୍‌ମାନଙ୍କ ନିମନ୍ତେ ବରଂ ସମଗ୍ର ସଂସାର ନିମନ୍ତେ ଅଟେ । ସାରା ଦୁନିଆରୁ ଆସିଥିବା ଲୋକମାନଙ୍କୁ ଦେଖି ମୁଁ ଆଚମ୍ୱିତ ହୋଇଯାଇଛି । ବିଭିନ୍ନ ଜାତି, ରଙ୍ଗ ଓ ବର୍ଣ୍ଣର ଲୋକେ ମିଳିଲେ ଯେଉଁମାନଙ୍କର ଜୀବନଶୈଳୀ ଭିନ୍ନ ଭିନ୍ନ ଥିଲା । କିନ୍ତୁ ପ୍ରେମ, ଇମାନ୍ (ବିଶ୍ୱାସ) ଓ ଶାନ୍ତିରେ ଆବଦ୍ଧ ହେବା ପାଇଁ ଅଲ୍ଲାଃତାଲାଙ୍କ ନାମରେ ଏକତ୍ରିତ ହୋଇଥିଲେ, ଅଲ୍ଲାଃ ଏପରି କରନ୍ତୁ ଯେ ସମସ୍ତ ଲୋକେ ଜାଣିନିଅନ୍ତୁ କି ଏ ଯମାତ୍ ହେଉଛି ପ୍ରେମ ଓ ସୌହାର୍ଦ୍ୟର ଯମାତ୍ । (ପାରାଗୁଏର ଜଣେ ନୂତନ ଅହେମଦୀ ବନ୍ଧୁଙ୍କ ଭାବାବ୍ୟକ୍ତ ।

✶ଜଲ୍‌ସାଗାଃରେ କାମ କରୁଥିବା ପିଲାମାନଙ୍କର ଚେହେରାରେ ଖୁସି ଓ ଆତ୍ମସନ୍ତୋଷତାର ଭାବନା ମୋତେ ପରିଲକ୍ଷିତ ହେଉଥିଲା ଯେ ଏ ସ୍ଥାନରେ ଖୁଦାତାଲାଙ୍କର ଅବସ୍ଥିତି ଚାରିଆଡେ ଅଛି । ମୁଁ ଏହା ଅନୁଭବ କଲି ଯେ ପ୍ରତ୍ୟେକ ବକ୍ତା ଶାନ୍ତି ଓ ପ୍ରେମର ଗୋଟିଏ ଖୁତ୍‌ବା ପଢୁଥିଲେ । ଯାହା ଆଜି ସମଗ୍ର ସଂସାର ନିମନ୍ତେ ଆବଶ୍ୟକ ଅଟେ । ମୁଁ ଏହା ନିଷ୍ପତି କଲି ଯେ ଆସନ୍ତା ବର୍ଷକୁ ମଧ୍ୟ ମୁଁ ଏହି ଜଲ୍‌ସାରେ ସାମିଲ୍ ହେବି । (Mbakata ସାହେବ୍, ରାଜ୍ୟମନ୍ତ୍ରୀ କଙ୍ଗୋ କନ୍‌ସାସା)

✶ଜଲ୍‌ସାର ଆୟୋଜନ ଓ ବ୍ୟବସ୍ଥା ବହୁତ ପ୍ରଭାବିତ କରିଛି । ଏ ଜଲ୍‌ସାରେ ବିଭିନ୍ନ ଦେଶରୁ ଅନେକ ଜାତି ବର୍ଣ୍ଣର ଲୋକେ ଏକତ୍ରିତ ହୋଇଥିଲେ । କିନ୍ତୁ ସମସ୍ତେ ଜଣେ ଅନ୍ୟଜଣକର ନିକଟ ସମ୍ପର୍କୀୟ ରୂପେ ଜଣାପଡୁଥିଲେ ଏବଂ ସମସ୍ତେ ଜଣେ ଅନ୍ୟଜଣକ ସହିତ ବହୁତ ପ୍ରେମ ଓ ସୌହାର୍ଦ୍ୟର ପ୍ରକାଶ କରୁଥିଲେ । ଏ କଥା ମୁଁ ଆଉ କେଉଁଠାରେ ଦେଖିନାହିଁ । ଆଲମୀ ବୟଦ୍‌ର ଦୃଶ୍ୟପଟ ବହୁତ ପ୍ରଭାବଶାଳୀ ଥିଲା । ଏହି ପ୍ରକାର ଦୃଶ୍ୟ ମୁଁ ପୂର୍ବରୁ କଦାପି କେଉଁଠାରେ ଦେଖିନାହିଁ । ଯେପରି ଲୋକମାନେ ନିଜ ଖୁଦାଙ୍କ ସମୁଖରେ ନଇଁପଡ଼ି କାନ୍ଦବୋବାଳି କରୁଥିଲେ । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଥିଲା । (Nhim Chany ସାହେବ୍, ନ୍ୟାସ୍‌ନାଲ୍ ଟି.ଭି. କାମ୍ବୋଡ଼ିଆର ପ୍ରତିନିଧି)

### ଜଲ୍‌ସା ସାଲାନା ବ୍ରିଟେନ୍‌ରେ ସାମିଲ୍ ହୋଇଥିବା ଅତିଥିଗଣ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବା ପରେ ସେମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ

*——(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)——*

**(୦୫ ଅଗଷ୍ଟ ୨୦୧୭ (ଶନିବାର)**

ଆଜି ପ୍ରୋଗ୍ରାମ୍ ମୁତାବକ ବୋସ୍‌ନିଆ, ପାରାଗୁଏ, କଙ୍ଗୋ କାନ୍‌ସାସା, କମ୍ବୋଡିଆ, ଇଟାଲୀ, ଗାମ୍ବିଆ, ମିଶର୍, ୟୁଗାଣ୍ଡା, ଜିମ୍ବାୱେ ଏବଂ ଘାନାରୁ ଆସିଥିବା ଅତିଥିମାନଙ୍କର ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର୍ କରିବାର ଥିଲା । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ସକାଳ ୧୧:୦୫ ରେ ଆରମ୍ଭ ହେଲା ।

**ବଲିଭିଆର ପ୍ରତିନିଧି ମଣ୍ଡଳ**

ସର୍ବପ୍ରଥମେ ବଲିଭିଆ ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର୍ କରିବାର ସୌଭାଗ୍ୟ ପାଇଲେ ।

ବଲିଭିଆରୁ ଏବର୍ଷ ସେଠିକାର ଗୋଟିଏ ପ୍ରସିଦ୍ଧ ଖବରକାଗଜ El Deber ର ଚିଫ୍ ଏଡିଟର୍ କାର୍ଲୋସ୍ ଜାମି ଓରିଆସ୍ ସାହେବ୍ ଆସିଥିଲେ । ଏବଂ ତାଙ୍କୁ ସହିତ ସେଠିକାର ମୋବୋଲିଗ୍ ଅତାଉଲ୍ ଗାଲିବ୍ ସାହେବ୍ ଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ ତାଙ୍କଠାରୁ ଜଲ୍‌ସା ବିଷୟରେ ପଚାରି ବୁଝିଲେ । ସେ କହିଲେ ଯେ ମୁଁ ଜଲ୍‌ସାର ଆୟୋଜନର ବ୍ୟବସ୍ଥା ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ମୋ ଜୀବନର ଏହା ପ୍ରଥମ ଅଭିଜ୍ଞତା ଥିଲା । ଏତେ ସଂଖ୍ୟକ ଲୋକ ହେବା ସତ୍ୱେ କୌଣସି ପ୍ରକାର ଦଙ୍ଗା ଫସାଦ୍ କୁବ୍ୟବସ୍ଥା ହେଲାନାହିଁ । ଏପରି ମୁଁ ପୂର୍ବରୁ କେବେ ଦେଖିନାହିଁ ।

ପତ୍ରକାର ଜଣକ ହଜୁର୍ ଅନୁୱରଙ୍କ ପରିବାର ସମ୍ୱନ୍ଧରେ ପଚାରିବାରୁ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ମୋ ପରିବାରରେ ମୋ ସ୍ତ୍ରୀ ଓ ଦୁଇଜଣ ପିଲା ଅଛନ୍ତି । ଏହି ଦୁଇଜଣଙ୍କର ବିବାହ ହୋଇସାରିଛି । ମୋର ନାତୀ ନାତୁଣୀ ମଧ୍ୟ ଅଛନ୍ତି । ଭୋଜନ ଓ ଚା ଜଳଖିଆ ସମୟରେ ମୋ ସହିତ ମିଶିଥାନ୍ତି । ରାତିରେ ମଧ୍ୟ ମିଶିଥାନ୍ତି । ମୁଁ କିଛି ସମୟ ନିଜ ପରିବାର ସହିତ ବିତାଇଥାଏ ।

ଶାନ୍ତି ପ୍ରତିଷ୍ଠା ନିମନ୍ତେ କରାଯାଉଥିବା ଚେଷ୍ଟା ପ୍ରସଙ୍ଗରେ ଜର୍ନାଲିଷ୍ଟ୍ ଜଣକର ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏହା ହେଉଛି ଗୋଟିଏ ଲମ୍ୱା ଓ ଅହରହ କାର୍ଯ୍ୟକାରୀ ପ୍ରକ୍ରିୟା । ମୁଁ ଦୁନିଆର ବିଭିନ୍ନ ପ୍ଲାଟ୍‌ଫର୍ମ୍‌ରେ ନିଜ ଅଭିଭାଷଣରେ ଦାୟିତ୍ୱବାନ୍ ଲୋକମାନଙ୍କୁ ଧ୍ୟାନ ଆକର୍ଷଣ କରାଉଛି । ସେହିପରି ସରକାରଙ୍କର ଦାୟିତ୍ୱବାନ୍ ଲୋକଙ୍କ ସହିତ ଯେତେବେଳେ ମୁଁ ମିଳୁଛି ସେମାନଙ୍କର ମଧ୍ୟ ଧ୍ୟାନ ଆକର୍ଷଣ କରାଉଛି । ମୁଁ ବିଭିନ୍ନ ଦେଶର ରାଷ୍ଟ୍ର ମୁଖ୍ୟଙ୍କୁ ଚିଠି ମଧ୍ୟ ଲେଖୁଛି । ଯମାତ୍ ପ୍ରତ୍ୟେକ ସ୍ତରରେ ନିଜର ଚେଷ୍ଟା ଅହରହ କରିଚାଲିଛି ।

*ଅବଶିଷ୍ଟାଂଶ ପୃଷ୍ଠା-୧୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan